# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୪/୨୦୨୪ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 14/2024 | Page 14 | ₹ 7.00 | RAYAGADA

୫୦ଶ ଭାଗ ୧୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 140 | ମୂଲ୍ୟ ₹୭/-




## ଦୀପେନ୍ଦ୍ରଙ୍କ କ୍ରମାଗତ ୬ ଛକା

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ତୃତୀୟ ବ୍ୟାଟର ଭାବେ କ୍ରମାଗତ ୬ ଛକା ମାରିଛନ୍ତି ନେପାଳର ଦୀପେନ୍ଦ୍ର ସିଂ ଐରୀ।

୧୪ ୦୨

## ଧମାଲ ମଚାଉଛି 'ବଡେ ମିୟାଁ ଛୋଟେ ମିୟାଁ'

ଅକ୍ଷୟ କୁମାର ଓ ଟାଇଗର ଶ୍ରଫ୍‌ଙ୍କ ଅଭିନୀତ 'ବଡ଼େ ମିୟାଁ ଛୋଟେ ମିୟାଁ' ଫିଲ୍ମ ରିଲିଜ୍ ହେବାର ୨ ଦିନ ଭିତରେ ୫୫.୧୪ କୋଟି ଟଙ୍କା ଆୟ କରିଛି।



### ଓଡ଼ିଆ ନବବର୍ଷ ଅଭିନନ୍ଦନ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

### ଆଜିର ସମ୍ପାଦକୀୟ

ଏପ୍ରିଲର ଇତିହାସ

### ଆଜିର ମନ୍ତବ୍ୟ

"ଆପ୍ ହେଉଛି ସବୁଠୁ ଅସାଧୁ ଦଳ। କଂଗ୍ରେସ 'ଅବ୍‌କୀ ବାର୍ ୪୦ ପାର୍' ପାଇଁ ଲଢ଼େଇ କରୁଛି। ଭାଜପା ୪୦୦ରୁ ଅଧିକ ଆସନ ଦଖଲ ଲକ୍ଷ୍ୟ ରଖିଛି।
**-ଅନୁରାଗ ଠାକୁର, କେନ୍ଦ୍ରମନ୍ତ୍ରୀ**

# ଯୁଦ୍ଧ ଘଣ୍ଟି ବାଜିଲା

## ଇରାନ କବ୍‌ଜାରେ ଇସ୍ରାଏଲ୍ ଜାହାଜ

**ଦୁବାଇ,୧୩।୪**

ଇସ୍ରାଏଲ୍ ଉପରେ ତେହରାନ୍‌ର ଆକ୍ରମଣ ଧମକ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଶନିବାର ଇରାନର ଅର୍ଦ୍ଧସାମରିକ ରିଭଲ୍ୟୁଶନାରି ଗାର୍ଡ ଇସ୍ରାଏଲୀ ସ୍ୱୀକୃତିପ୍ରାପ୍ତ ମାଲ୍‌ବାହୀ ଜାହାଜକୁ ହୋରମୁଜ୍ ପ୍ରଣାଳୀରୁ ଜବତ କରିଛି। ସୈନ୍ୟମାନେ ଏକ ହେଲିକପ୍ଟରରୁ ଉକ୍ତ ଜାହାଜ ଉପରେ ଖସିଥିଲେ। ଇରାନ ଉକ୍ତ ଅଞ୍ଚଳରେ ଉତ୍ତେଜନା ବଢ଼ାଉଥିବାରୁ ଜାହାଜକୁ କବ୍‌ଜା କରିବାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇସ୍ରାଏଲୀ ସେନା ଚେତାବନୀ ଦେଇଛି। ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ହମାସ୍ ମଧ୍ୟରେ ସାମରିକ ସଂଘର୍ଷ ଲାଗି ରହିଥିବାବେଳେ ଆଉ ଏକ ଯୁଦ୍ଧର ଘଣ୍ଟି ବାଜିଛି।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ଇସ୍ରାଏଲୀ ସୈନ୍ୟ ଡମାସ୍କସ୍‌ରେ ଥିବା ଇରାନ ବାଣିଜ୍ୟିକ ଦୂତାବାସ ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଇରାନର ଇସ୍‌ଲାମିକ ଗାର୍ଡ କର୍‌ର ୨ ବରିଷ୍ଠ ସଦସ୍ୟଙ୍କ ସମେତ ୭ ଜଣ ନିହତ ହୋଇଥିଲେ। ଏହାର ପ୍ରତିଶୋଧ ନେବା ଲାଗି ଇରାନ ପ୍ରସ୍ତୁତ ହେଉଛି। ଇସ୍ରାଏଲ ଦଣ୍ଡିତହେବା ଜରୁରୀ ବୋଲି ଇରାନର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମେନେଇ କହିଛନ୍ତି। ଏପରିକି ୨୪ ଘଣ୍ଟା ମଧ୍ୟରେ ଇରାନ ଇସ୍ରାଏଲ୍‌ରେ ଆକ୍ରମଣ କରିବା ଆଶଙ୍କା କରାଯାଉଛି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇସ୍ରାଏଲ୍‌କୁ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି। ଇସ୍ରାଏଲ୍‌ର ସୁରକ୍ଷା ପାଇଁ ପେଣ୍ଟାଗନ୍ ପୂର୍ବ ଭୂମଧ୍ୟସାଗରକୁ ୨ଟି ଯୁଦ୍ଧଜାହାଜ ସହ ଅତିରିକ୍ତ ସାମରିକ ସରଞ୍ଜାମ ପଠାଇ ଦେଇଛି। ଲୋହିତ ସାଗରରେ ଆମେରିକାର ଏକ ଯୁଦ୍ଧଜାହାଜ ହୁତି ବିଦ୍ରୋହୀଙ୍କୁ ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣର ପ୍ରତିରୋଧ କରିବା ପାଇଁ ନିୟୋଜିତ ରହିଛି। ତେଣୁ ଇରାନ ଇସ୍ରାଏଲ୍‌କୁ ଆକ୍ରମଣ କଲେ ଏହା ମଧ୍ୟପ୍ରାଚ୍ୟ ସମେତ ୟୁରୋପକୁ ମଧ୍ୟ ପ୍ରଭାବିତ କରିବ ବୋଲି କୁହାଯାଉଛି।

ଗାଜା ଷ୍ଟ୍ରିପ୍‌ରେ ହମାସ ଆତଙ୍କବାଦୀଙ୍କ ସହ ଇସ୍ରାଏଲ୍ ଯୁଦ୍ଧ ଇତିମଧ୍ୟରେ ୬ ମାସ ଅତିକ୍ରମ କରିଥିବାବେଳେ ସମଗ୍ର ଅଞ୍ଚଳରେ ଦୀର୍ଘ ଦଶନ୍ଧିର ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଏଭଳି ସମୟରେ ଇରାନ ଯଦି ଇସ୍ରାଏଲ୍ ଉପରେ ଆକ୍ରମଣ କରେ ତେବେ ଏହି ଦେଶକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ଇରାନ ଗାର୍ଡ ନୌସେନାର ସ୍ୱତନ୍ତ୍ର ଫୋର୍ସ ଜାହାଜ ଉପରେ ଆକ୍ରମଣ କରିଥିଲା। ତେବେ ଉକ୍ତ ଜାହାଜ ପର୍ତ୍ତୁଗାଲର ଏମ୍‌ଏସ୍‌ସି ଆରିସ୍, ଯାହା ଲଣ୍ଡନର ଜୋଡିଆକ୍ ମେରିଟାଇମ୍ ସହ ସମ୍ପୃକ୍ତ ବୋଲି କେତେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ଜୋଡିଆକ୍ ମେରିଟାଇମ୍ ହେଉଛି ଇସ୍ରାଏଲୀ ବିଲିୟନେୟାର ଇୟାଲ ଓଫରଙ୍କ ଜୋଡ଼ିଆକ୍ ଗ୍ରୁପ୍‌ର ଅଂଶବିଶେଷ। ମଧ୍ୟପ୍ରାଚ୍ୟର ପ୍ରତିରକ୍ଷା ଅଧିକାରୀମାନେ ଆକ୍ରମଣ ସମୟର ଭିଡିଓ ଏକ ଗଣମାଧ୍ୟମ ସହ ଶେୟାର କରିଛନ୍ତି। ଇରାନ ରିଭଲ୍ୟୁଶନାରି ଗାର୍ଡର କମାଣ୍ଡୋମାନେ ଉକ୍ତ ଜାହାଜ ଡେକ୍‌ରେ ଖସୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଆକ୍ରମଣରେ ବ୍ୟବହୃତ ହେଲିକପ୍ଟରଟି ସୋଭିଏଟ୍ ଯୁଗର ମିଲ୍‌ମି-୧୭। ଇରାନ ଗାର୍ଡ ଏବଂ ୟେମେନ୍‌ର ହୁତି ବିଦ୍ରୋହୀମାନେ ଉକ୍ତ ହେଲିକପ୍ଟରକୁ ବ୍ୟବହାର କରିଥାନ୍ତି।



## କଂଗ୍ରେସର ଆଉ ୯ ଲୋକ ସଭା ପ୍ରାର୍ଥୀ

### ବାଲେଶ୍ୱରରୁ ଶ୍ରୀକାନ୍ତ, ଭୁବନେଶ୍ୱରରୁ ୟାସିର

| ଆସନ | ପ୍ରାର୍ଥୀ |
|---|---|
| କେନ୍ଦୁଝର | ମୋହନ ହେମ୍ବ୍ରମ୍ |
| ବାଲେଶ୍ୱର | ଶ୍ରୀକାନ୍ତ କୁମାର ଜେନା |
| ଭଦ୍ରକ | ଅନନ୍ତ ପ୍ରସାଦ ସେଠୀ |
| ଯାଜପୁର | ଅଞ୍ଚଳ ଦାସ |
| ଢେଙ୍କାନାଳ | ସସ୍ମିତା ବେହେରା |
| କେନ୍ଦ୍ରାପଡ଼ା | ସିଦ୍ଧାର୍ଥ ସ୍ୱରୂପ ଦାସ |
| ଜଗତ୍‌ସିଂହପୁର | ରବୀନ୍ଦ୍ର କୁମାର ସେଠୀ |
| ପୁରୀ | ସୁଚରିତା ମହାନ୍ତି |
| ଭୁବନେଶ୍ୱର | ୟାସିର ନୱାଜ |

**ଭୁବନେଶ୍ୱର,୧୩।୪(ଅନିଲ ଦାସ)**

କଂଗ୍ରେସ ଶନିବାର ୨ୟ ପର୍ଯ୍ୟାୟରେ ଓଡ଼ିଶାର ୯ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ସେଥିମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ବାଲେଶ୍ୱର ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଛି। ସେ ନିକଟରେ କଂଗ୍ରେସକୁ ଫେରିଛନ୍ତି। ତାଙ୍କ ନାମ ଏହି ଆସନ ପାଇଁ ଚର୍ଚ୍ଚାକୁ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁରୀରେ ସୁଚରିତା ମହାନ୍ତି, ଭଦ୍ରକ ଅନନ୍ତ ପ୍ରସାଦ ସେଠୀ, କେନ୍ଦୁଝରରେ ମୋହନ ହେମ୍ବ୍ରମ୍, ଯାଜପୁର ଅଞ୍ଚଳ ଦାସ, ଜଗତ୍‌ସିଂହପୁର ରବୀନ୍ଦ୍ର କୁମାର ସେଠୀ, କେନ୍ଦ୍ରାପଡ଼ା ସିଦ୍ଧାର୍ଥ ସ୍ୱରୂପ ଦାସ, ଢେଙ୍କାନାଳରେ ସସ୍ମିତା ବେହେରା ଏବଂ ଭୁବନେଶ୍ୱର ପାଇଁ ୟାସିର ନୱାଜଙ୍କୁ ଦଳ ପ୍ରାର୍ଥୀ କରିଛି। ବାଲେଶ୍ୱରରେ ଶ୍ରୀକାନ୍ତ ଜେନାଙ୍କ ଲଢ଼େଇ ଭାଜପା ନେତା ତଥା ବର୍ତ୍ତମାନର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଓ ବିଜେଡି ପ୍ରାର୍ଥୀ ☞ପୃଷ୍ଠା-୫

## ଆଜିଠୁ ସମଲେଇ ମନ୍ଦିରରେ ମାଦକଦ୍ରବ୍ୟ ନିଷେଧ



**ସମ୍ବଲପୁର,୧୩।୪(ପ୍ରମୋଦ ବହିଦାର)**

ସମ୍ବଲପୁରର ଆରାଧ୍ୟ ଦେବୀ ମା' ସମଲେଇଙ୍କ ପୀଠରେ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ମନ୍ଦିର ପରିସରରେ ପାନ, ଗୁଟ୍‌ଖା, ଭାଙ୍ଗ, ବିଡ଼ି, ସିଗାରେଟ୍ ଭଳି ମାଦକ ଦ୍ରବ୍ୟ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି। ଏହି ନିୟମକୁ ମନ୍ଦିରରେ ରବିବାରଠାରୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। ଏହାକୁ ଅବମାନନା କରୁଥିବା ବ୍ୟକ୍ତିବିଶେଷଙ୍କ ☞ପୃଷ୍ଠା-୫

# ଭାଜପା: ୨୦୦ ବହୁ ଦୂର

## ମମତା ବାନାର୍ଜୀ, ସିଦ୍ଧାରାମାୟାଙ୍କ ମତ

**କୋଲ୍‌କାତା/ମହୀଶୂର,୧୩।୪**

ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ଏକାକୀ ୩୭୦ ଏବଂ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୪୦୦ରୁ ଊର୍ଦ୍ଧ୍ୱ ଆସନ ଦଖଲ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ସଭାରେ କହୁଛନ୍ତି। ତାଙ୍କ ଦଳର ନେତା ଓ ମନ୍ତ୍ରୀମାନେ ମଧ୍ୟ 'ଅବ୍ କୀ ବାର୍, ୪୦୦ ପାର' ସ୍ଲୋଗାନକୁ ବାରମ୍ବାର ଦୋହରାଉଛନ୍ତି। କିନ୍ତୁ ମୋଦିଙ୍କ ଏହି ଦାବିକୁ ଶନିବାର ଦୁଇଜଣ ମୁଖ୍ୟମନ୍ତ୍ରୀ ମିଥ୍ୟା ବୋଲି ଅଭିହିତ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମତରେ ଚଳିତ ନିର୍ବାଚନରେ ଭାଜପା ୨୦୦ ଆସନରେ ମଧ୍ୟ ଜିତିପାରିବ ନାହିଁ। ସେହିପରି କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି, ଭାଜପା ତ





ଛାଡ଼, ଶାସକ ମେଣ୍ଟ ଏନ୍‌ଡିଏ ବି ୨୦୦ ଆସନରେ ବିଜୟୀ ହେବା ଅସମ୍ଭବ। ନିର୍ବାଚନ ପରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମେଣ୍ଟ ହେବାକୁ ଯାଉଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଏବଂ ଦକ୍ଷିଣ ଭାରତର ଆଞ୍ଚଳିକ ଦଳଗୁଡ଼ିକ ସରକାର ଗଠନ ପାଇଁ ଏକାଠି ହେବେ ବୋଲି ସିଦ୍ଧାରାମାୟା କହିଛନ୍ତି।

୨୦୨୧ ମାର୍ଚ୍ଚ-ଏପ୍ରିଲରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ମୋଦି ☞ପୃଷ୍ଠା-୫

## ପୁଣି ତାତି ବଢ଼ିଲା

**ଭୁବନେଶ୍ୱର, ୧୩।୪(ଅସମାପିକା ସାହୁ)**

ରାଜ୍ୟରେ ପୁଣି ବଢ଼ିଲା ତାପମାତ୍ରା। କିଛିଦିନର ଆଶ୍ୱସ୍ତି ପରେ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଲେଉଟିଛି। କେତେକ ସ୍ଥାନରେ ବର୍ଷା ସତ୍ତ୍ୱେ ପାରଦ ୪୦ ଡିଗ୍ରୀ ମୁହାଁ ହୋଇଛି। ଶନିବାର ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୯.୫ ଡିଗ୍ରୀ ରହିଥିବା ବେଳେ ବାରିପଦାରେ ୩୯, ଚାନ୍ଦବାଲି ୩୮.୬, ଭୁବନେଶ୍ୱର ୩୮.୪, ନୟାଗଡ଼ ୩୮, ବାଲେଶ୍ୱର ୩୭.୨, କଟକ ୩୭, ତାଳଚେର ୩୭, କୋରାପୁଟ ୩୭.୬ ଓ ଭଦ୍ରକରେ ୩୭.୮ ଡିଗ୍ରୀ ରେକର୍ଡ କରାଯାଇଛି। ଏପରିସ୍ଥିତିରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲାରେ ଗୁଳୁଗୁଳି ପାଇଁ ୟେଲୋ ୱାର୍ନିଂ ଦିଆଯାଇଥିବା ବେଳେ ଗଜପତି, ରାୟଗଡ଼ା, କୋରାପୁଟ, ☞ପୃଷ୍ଠା-୫

## ସ୍ୱାସ୍ଥ୍ୟକର ପାନୀୟ ବର୍ଗରୁ ବର୍ନଭିଟା ବାଦ୍

**ନୂଆଦିଲ୍ଲୀ,୧୩।୪**




ବର୍ନଭିଟା ଓ ଅନ୍ୟାନ୍ୟ ଅନୁରୂପ ପାନୀୟକୁ ସ୍ୱାସ୍ଥ୍ୟକର ପାନୀୟ ବର୍ଗରୁ ବାଦ୍‌ଦେବା ପାଇଁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ବର୍ନଭିଟାକୁ ତୁରନ୍ତ ସେମାନଙ୍କ ଷ୍ଟୋରରୁ ହଟାଇଦେବାକୁ କୁହାଯାଇଛି। ଏଫ୍‌ଏସ୍‌ଏସ୍ ଆଇନ, ୨୦୦୬ ତଥା ଏଫ୍‌ଏସ୍‌ଏସ୍‌ଏଆଇ ନିୟମାବଳ ଏବଂ ମଣ୍ଡେଲେଜ୍ ଇଣ୍ଡିଆ ଅନୁଯାୟୀ 'ସ୍ୱାସ୍ଥ୍ୟକର ପାନୀୟ'ର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ବର୍ନଭିଟାରେ ନ ଥିବା ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ଅନୁଧ୍ୟାନରୁ ଜାଣିବାକୁ ପାଇଛନ୍ତି। ମନ୍ତ୍ରଣାଳୟ ଗତ ୧୦ ତାରିଖରେ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ ସିଆର୍‌ପିସି ଆଇନ, ୨୦୦୫ର ଧାରା ୧୪ ଅଧୀନରେ ଏନ୍‌ସିପିସିଆର୍ ଅନୁଧ୍ୟାନ ☞ପୃଷ୍ଠା-୫






# ଗୋପୀ ଥୋଟାକୁରା ପ୍ରଥମ ଭାରତୀୟ ମହାକାଶ ପର୍ଯ୍ୟଟକ

**ୱାଶିଂଟନ,୧୩।୪(ପି.ଟି.)**

ଶିଳ୍ପୋଦ୍ୟୋଗୀ ତଥା ପାଇଲଟ୍ ଗୋପୀ ଥୋଟାକୁରା ପ୍ରଥମ ଭାରତୀୟ ମହାକାଶ ପର୍ଯ୍ୟଟକ ହେବାକୁ ଯାଉଛନ୍ତି। ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୨୫ ମିଶନରେ ସେ ଜଣେ ପର୍ଯ୍ୟଟକ ଭାବେ ମହାକାଶ ଯିବେ। ମିଶନ ପାଇଁ ମନୋନୀତ ୬ କ୍ରିଉ ସଦସ୍ୟଙ୍କ ମଧ୍ୟରେ ଗୋପୀ ଅନ୍ୟତମ। ମହାକାଶ ପର୍ଯ୍ୟଟକ ଭାବେ ସେ ପ୍ରଥମ ଭାରତୟ ହୋଇଥିବାବେଳେ ମହାକାଶ ଅଭିଯାନରେ ସେ ଦ୍ୱିତୀୟ ଭାରତୀୟ। ୧୯୮୪ରେ ଭାରତୀୟ ସେନାର ତତ୍କାଳୀନ ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ମହାକାଶ ଅଭିଯାନରେ ଯାଇଥିଲେ।

ନ୍ୟୁ ଶେପାର୍ଡ କାର୍ଯ୍ୟକ୍ରମର ଏହା ସପ୍ତମ ହ୍ୟୁମାନ୍ ଫ୍ଲାଇଟ୍ ମିଶନ ହୋଇଥିବାବେଳେ ମହାକାଶ ଇତିହାସରେ ୨୫ତମ। ତେବେ ସେମାନେ କେବେ ମହାକାଶ ଯିବେ, କମ୍ପାନୀ ପକ୍ଷରୁ ତାରିଖ ଘୋଷଣା କରାଯାଇ ନାହିଁ। ଏହି ପ୍ରୋଗ୍ରାମରେ ବର୍ତ୍ତମାନ ସୁଦ୍ଧା କାର୍ମାନ ଲାଇନ ଅତିକ୍ରମ କରି ୩୧ ଜଣ ମହାକାଶ



ଗଲେଣି। କାର୍ମାନ ଲାଇନ ହେଉଛି ପୃଥିବୀର ବାୟୁମଣ୍ଡଳ ଏବଂ ବାହ୍ୟ ମହାକାଶ ମଧ୍ୟରେ ପ୍ରସ୍ତାବିତ ପାରମ୍ପରିକ ସୀମା। ମହାକାଶ ପର୍ଯ୍ୟଟନ ପାଇଁ ବ୍ଲୁ ଅରିଜିନ୍ ଦ୍ୱାରା ବିକଶିତ ନ୍ୟୁ ଶେପାର୍ଡ ହେଉଛି ପୂର୍ଣ୍ଣ ପୁନଃ ବ୍ୟବହାରଯୋଗ୍ୟ ସବ୍‌ଅର୍ବିଟାଲ ଲଞ୍ଚ୍ ଭେହିକଲ୍।

ବ୍ଲୁ ଅରିଜିନ୍‌ର କହିବା ଅନୁଯାୟୀ, ପାଇଲଟ୍ ଗୋପୀ ଡ୍ରାଇଭିଂ କରିବା ପୂର୍ବରୁ ବିମାନ କିପରି ଉଡ଼ାଣ କରିବାକୁ ହେବ, ଶିଖିଥିଲେ। ସେ ପ୍ରିଜର୍ଭ ଲାଇଫ୍ କର୍ପ ନାମକ ହୋଲିଷ୍ଟିକ୍ ୱେଲ୍‌ନେସ୍ ଏବଂ ଆପ୍ଲାଏଡ୍ ହେଲ୍‌ଥ ସେଣ୍ଟରର ସହପ୍ରତିଷ୍ଠାତା। ହାର୍ଟସ୍‌ଫିଲ୍ଡ-ଜାକ୍‌ସନ୍ ଆଟଲାଣ୍ଟା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ନିକଟରେ ଏହି ସେଣ୍ଟର ରହିଛି। ଗୋପୀ ଅନ୍ତର୍ଜାତୀୟ ମେଡିକାଲ ଜେଟ୍ ପାଇଲଟ୍ ଭାବେ କାର୍ଯ୍ୟ କରୁଥିବାବେଳେ ସେ ବ୍ୟବସାୟିକ ଜେଟ୍ ଉଡ଼ାଇବା ବ୍ୟତୀତ ବୁଶ୍, ଏରୋବାଟିକ୍, ସିପ୍ଲେନ୍ ଏବଂ ଗ୍ଲାଇଡର ଓ ହଟ୍ ଏୟାର ବେଲୁନ୍ ମଧ୍ୟ ଉଡ଼ାଇଥାନ୍ତି। ଆନ୍ଧ୍ରପ୍ରଦେଶ ଜନ୍ମିତ ଗୋପୀ ତାଙ୍କ ଦୁଃସାହସିକ ଅଭିଯାନ କ୍ରମେ ନିକଟରେ ତାଞ୍ଜାନିଆର ମାଉଣ୍ଟ କିଲିମାଞ୍ଜାରୋ ସମିଟ୍‌ରେ ସାମିଲ ହୋଇଥିଲେ।




# ମେଘା ଇଞ୍ଜିନିୟରିଂ ନାଁରେ ସିବିଆଇ ମାମଲା

■୧୭୪ କୋଟିର ବିଲ୍ ମଞ୍ଜୁରୀ ପାଇଁ ଲାଞ୍ଚ ଦେଇଥିଲା
■ଦ୍ୱିତୀୟ ସର୍ବାଧିକ ଇଲେକ୍ଟୋରାଲ ବଣ୍ଡ କିଣିଥିଲା

ନୂଆଦିଲ୍ଲୀ,୧୩।୪

ଦ୍ୱିତୀୟ ସର୍ବାଧିକ ଇଲେକ୍ଟୋରାଲ ବଣ୍ଡ୍ କିଣିଥିବା ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ ନାଁରେ ସିବିଆଇ ଲାଞ୍ଚ ମାମଲା ରୁଜୁ କରିଛି। ଜଗଦଲପୁର ସମନ୍ୱିତ ଇସ୍ପାତ କାରଖାନାର କାର୍ଯ୍ୟ ସହ ଜଡ଼ିତ ମେଘା ଇଞ୍ଜିନିୟରିଂର ୧୭୪ କୋଟି ଟଙ୍କାର ବିଲ୍ ମଞ୍ଜୁର କରିଦେବା ପାଇଁ ଏହି ସଂସ୍ଥା ୭୮ ଲକ୍ଷ ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଥିଲା। ଲାଞ୍ଚ ଗ୍ରହଣ କରିଥିବା ଏନ୍‌ଆଇଏସ୍‌ପି ଏବଂ ଏନ୍‌ଏମ୍‌ଡିସିର ୮ ଅଧିକାରୀଙ୍କ ସହମତ ମେକନ୍‌ର ୨ ଅଫିସରଙ୍କ ନାଁ ମଧ୍ୟ ଏତଲାରେ ରହିଛି। ମେଘା ଇଞ୍ଜିନିୟରିଂ ୯୬୬ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ କିଣି ଚର୍ଚ୍ଚାକୁ ଆସିଥିଲା। ଏହି ସଂସ୍ଥା ଭାଜପାକୁ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ସର୍ବାଧିକ ୫୮୬ କୋଟି ଟଙ୍କା ଚାନ୍ଦା ଦେଇଥିବା ଗତ ମାର୍ଚ୍ଚ ୨୧ରେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଥିଲା। ଉକ୍ତ କମ୍ପାନୀ ତେଲଙ୍ଗାନାର ତତ୍କାଳୀନ ଶାସକ ଦଳ ବିଆର୍‌ଏସ୍‌କୁ ୧୯୫ କୋଟି, ଡିଏମ୍‌କେକୁ ୮୫ କୋଟି, ୱାଇଏସ୍‌ଆର୍‌ସିପିକୁ ୩୭ କୋଟି, ଟିଡିପିକୁ




୨୫ କୋଟି, କଂଗ୍ରେସକୁ ୧୭ କୋଟି ଟଙ୍କା ଚାନ୍ଦା ଦେଇଥିଲା। ତେବେ ଜଗଦଲପୁର ଷ୍ଟିଲ୍ ପ୍ଲାଣ୍ଟକୁ ପାଇପ୍‌ଲାଇନ, ପମ୍ପହାଉସ୍ ଏବଂ ଇନ୍‌ଟେକ୍ ୱେଲ୍ କାମ ବାବଦରେ ୩୧୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ମେଘା ଇଞ୍ଜିନିୟରିଂ ଲାଞ୍ଚ ଦେଇଥିବା ଅଭିଯୋଗରେ ସିବିଆଇ ୨୦୨୩ ଅଗଷ୍ଟ ୧୦ରେ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ତଦନ୍ତ ଆଧାରରେ ନିୟମିତ ମାମଲା ଦାଏର ଲାଗି ମାର୍ଚ୍ଚ ୧୮ର ସୁପାରିସକ୍ରମେ ମାର୍ଚ୍ଚ ୩୧ରେ ମାମଲା ରୁଜୁ ହୋଇଥିଲା। ମେଘା ଇଞ୍ଜିନିୟରିଂ ଠାରୁ ଏନ୍‌ଆଇଏସ୍‌ପି ଏବଂ ଏନ୍‌ଏମ୍‌ଡିସି ଲିଃର ଅଧିକାରୀମାନେ ୭୩.୮୫ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ଏହାର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଶାନ୍ତ ଦାସ, ନିର୍ଦ୍ଦେଶକ(ଉତ୍ପାଦ) ଡି.କେ. ମହାନ୍ତି, ଡିଜିଏମ୍ ପି.କେ. ଭୁୟାଁ, ଡିଏମ୍ ନରେଶ ବାବୁ, ବରିଷ୍ଠ ପରିଚାଳକ ସୁବ୍ରୋ ବାନାର୍ଜୀ, ଅବସରପ୍ରାପ୍ତ ସିଜିଏମ୍(ଫାଇନାନ୍ସ) ଏଲ୍. କ୍ରିଷ୍ଣା ମୋହନ, ଜିଏମ୍ (ଫାଇନାନ୍ସ) କେ. ରାଜଶେଖର, ପରିଚାଳକ (ଫାଇନାନ୍ସ) ସୋମନାଥ ଘୋଷଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସେହିପରି ୫.୧ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ମେକନ ଲିଃର ଏଜିଏମ୍ ସଞ୍ଜୀବ ସହାୟ ଏବଂ ଡିଜିଏମ୍ କେ. ଇଲାଭାର୍ସୁଙ୍କ ନାଁ ମଧ୍ୟ ଏତଲାରେ ରହିଛି। ମେଘା ଇଞ୍ଜିନିୟରିଂ ପକ୍ଷରୁ ଦାଖଲ ୭୩ ଇନ୍‌ଭଏସ୍ ବାବଦରେ ୧୭୪.୪୧ କୋଟି ଟଙ୍କାର ବିଲ୍ ମଞ୍ଜୁର ଲାଗି ଉପରୋକ୍ତ ଲାଞ୍ଚ କାରବାର ହୋଇଥିଲା ବୋଲି ସିବିଆଇ କହିଛି।

## ୧୦ ଦିନ ଏନ୍‌ଆଇଏ ହାଜତକୁ ଗଲେ ୨ ଅଭିଯୁକ୍ତ

କାଫେ ବିସ୍ଫୋରଣ ମାମଲା

ନୂଆଦିଲ୍ଲୀ,୧୩।୪

ବେଙ୍ଗାଲୁରୁ କାଫେ ବିସ୍ଫୋରଣ ମାମଲାରେ ପଶ୍ଚିମବଙ୍ଗରୁ ଗିରଫ ହୋଇଥିବା ମୁସାଭିର ହୁସେନ୍ ଶାଜିବ ଏବଂ ଅବଦୁଲ ମାଥିନ ତାହାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ୧୦ ଦିନିଆ ରିମାଣ୍ଡରେ ନେଇଛି। ସେମାନଙ୍କୁ ବେଙ୍ଗାଲୁରୁର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ହାଜର କରାଯାଇଥିଲା। ଶୁକ୍ରବାର କୋଲକାତାର ଏକ କୋର୍ଟ ମଧ୍ୟ ସେମାନଙ୍କୁ ୩ ଦିନିଆ ଏନ୍‌ଆଇଏ ରିମାଣ୍ଡରେ ପଠାଇଥିଲା। ସୂଚନାଯୋଗ୍ୟ, ମାର୍ଚ୍ଚ ୧ରେ ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେରେ ବିସ୍ଫୋରଣ ଘଟି ୧୦ ଜଣ ଆହତ ହୋଇଥିଲେ। ତାହା ବିସ୍ଫୋରଣର ମାଷ୍ଟରମାଇଣ୍ଡ ହୋଇଥିବାବେଳେ ଶାଜିବ କାଫେ ଭିତରେ ଆଇଇଡି ଭର୍ତ୍ତି ବ୍ୟାଗ୍ ରଖିଥିଲା ବୋଲି ଏନ୍‌ଆଇଏ ତଦନ୍ତରୁ ଜଣାପଡ଼ିଥିଲା। ସେମାନେ ତଦନ୍ତକାରୀ ଅଫିସରଙ୍କ ଆଖିରେ ଧୂଳି ଦେଇ ବିଭିନ୍ନ ରାଜ୍ୟ ଦେଇ ଶେଷରେ ପଶ୍ଚିମବଙ୍ଗରେ ପହଞ୍ଚିଥିଲେ। ପରିଚୟ ଲୁଚାଇବା ପାଇଁ ସେମାନେ ବିଭିନ୍ନ ରାଜ୍ୟରୁ କିଣିଥିବା ୩୫ଟି ସିମ୍ କାର୍ଡ ବ୍ୟବହାର କରିଥିଲେ।

## ସିଡ୍‌ନୀ ମଲ୍‌ରେ ୬ ଜଣଙ୍କୁ ହତ୍ୟା



ମଲ୍‌ରେ ଆକ୍ରମଣ ପରେ ଆତଙ୍କିତ ଗ୍ରାହକ।

ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ

ସିଡ୍‌ନୀ,୧୩।୪

ସିଡ୍‌ନୀର ଏକ ବ୍ୟସ୍ତବହୁଳ ଶପିଂ ମଲ୍‌ରେ ଶନିବାର ଜଣେ ଦୁର୍ବୃତ୍ତ ପ୍ରବେଶକରି ୬ ଜଣଙ୍କୁ ଛୁରିଭୁସି ହତ୍ୟା କରିଛନ୍ତି। ଏହି ଆକ୍ରମଣରେ ଛୋଟ ପିଲାଙ୍କ ସହିତ ଅନେକେ ଆହତ ହୋଇଛନ୍ତି। ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ ହୋଇଥିବା ଜଣାପଡ଼ିଛି। ବୋଣ୍ଡି ଜଙ୍କସନ୍‌ରେ ଥିବା ୱେଷ୍ଟଫିଲ୍ଡ ଶପିଂ ସେଣ୍ଟରରେ ସନ୍ଦିଗ୍ଧ ବ୍ୟକ୍ତି ଜଣକୁ ପୋଲିସ ଗୁଳି ଚଳାଇବା ପୂର୍ବରୁ ସେ ୯ ଜଣଙ୍କୁ ଛୁରି ଭୁସିଥିଲେ। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣର କାରଣ ଜଣାପଡ଼ି ନାହିଁ। ସନ୍ଦିଗ୍ଧ ନିହତ ହୋଇଥିବାରୁ ଆଉ କୌଣସି ବିପଦ ସମ୍ଭାବନା ନ ଥିବା ନ୍ୟୁ ସାଉଥ୍ ୱେଲ୍ସ ଏସିପି ଆନ୍ଥୋନୀ କୁକ୍ କହିଛନ୍ତି। ଆକ୍ରମଣ ସମୟରେ ଶପିଂ ସେଣ୍ଟରରେ ଜଣେ ପୋଲିସ ଇନ୍ସପେକ୍ଟର ଏବଂ ଜଣେ ବରିଷ୍ଠ ଅଫିସର ଥିଲେ। ଆକ୍ରମଣରୁ ଲୋକମାନଙ୍କୁ ବଞ୍ଚାଇବାକୁ ଯାଇ ସେମାନେ ସନ୍ଦିଗ୍ଧଙ୍କୁ ଗୁଳି କରିଥିଲେ ବୋଲି କୁକ୍ କହିଛନ୍ତି।

## ସନ୍ଦେଶଖାଲିରେ ମାନବାଧିକାରର ଉଲ୍ଲଂଘନ ହୋଇଛି

ନୂଆଦିଲ୍ଲୀ,୧୩।୪

ଏନ୍‌ଏଚ୍‌ଆର୍‌ସି ତଦନ୍ତ ରିପୋର୍ଟ

ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ପକ୍ଷରୁ ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାରେ ଘଟଣାସ୍ଥଳରୁ ଅନୁଧ୍ୟାନ କରାଯାଇଥିଲା। ସେଠାରେ ଅତ୍ୟାଚାରର ବହୁ ଉଦାହରଣ ସାମ୍ନାକୁ ଆସିଛି। ସେଗୁଡ଼ିକୁ ରୋକିବାରେ ଅବହେଳା କରାଯାଇଥିବାରୁ ମାନବାଧିକାର ଉଲ୍ଲଂଘନ ହୋଇଥିବା ଏନ୍‌ଏଚ୍‌ଆର୍‌ସି ଏହାର ରିପୋର୍ଟରେ ଦର୍ଶାଇଛି। ଏପରିକି ସ୍ଥାନୀୟ ଲୋକେ ସେମାନଙ୍କ ଆପତ୍ତି ଅଭିଯୋଗକୁ ନେଇ ସ୍ୱର ଉଠାଇବାକୁ ମଧ୍ୟ ଦିଆଯାଉ ନାହିଁ। ପ୍ରତିଶୋଧର ଭୟ ସହ କ୍ଷମତାର ଭୟ ଏଥିରେ ବାଧକ ହେଉଛି। ଏନ୍‌ଏଚ୍‌ଆର୍‌ସି ଏକାଧିକ ସୁପାରିସ କରିବା ସହ ସନ୍ଦେଶଖାଲି ମାମଲାରେ ଏପର୍ଯ୍ୟନ୍ତ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ପଶ୍ଚିମବଙ୍ଗ ସରକାର ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କହିଛି। ଏନ୍‌ଏଚ୍‌ଆର୍‌ସିର ରିପୋର୍ଟ ଏହାର ୱେବ୍‌ସାଇଟ୍‌ରେ ପ୍ରକାଶ ପାଇବା ସହ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଏବଂ ଡିଜିପିଙ୍କ ପାଖକୁ ପଠାଯାଇଛି।

ସୂଚନାଯୋଗ୍ୟ, ଉତ୍ତର ୨୪ ପ୍ରଗଣାର ସନ୍ଦେଶଖାଲିରେ ଟିଏମ୍‌ସି ନେତା ଓ ତାଙ୍କ ଲୋକମାନେ ଦଳିତ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେବା ସହ ସେମାନଙ୍କ ଜମି ହଡ଼ପ କରିନେଇଥିବା ଅଭିଯୋଗ ହୋଇଥିଲା। ଫେବୃଆରୀ ୨୧ରେ ଏନ୍‌ଏଚ୍‌ଆର୍‌ସି ନିଜ ଆଡୁ ମାମଲା ହାତକୁ ନେଇ ତଦନ୍ତ କରିଥିଲା।

## ବେଲୁଚିସ୍ତାନରେ ଆତଙ୍କବାଦୀ ଆକ୍ରମଣ: ୧୧ ମୃତ

କରାଚୀ,୧୩।୪ (ପି.ଟି.):

ପାକିସ୍ତାନର ବେଲୁଚିସ୍ତାନରେ ଦୁଇଟି ଆତଙ୍କବାଦୀ ଆକ୍ରମଣରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୯ ଜଣ ପଞ୍ଜାବ ପ୍ରଦେଶର ହୋଇଥିବାବେଳେ ସେମାନେ ବସ୍ ଯୋଗେ କ୍ୱେଟାରୁ ଟାଫଟାନ୍ ଯାଉଥିଲେ। ଜାତୀୟ ରାଜପଥରେ ଆତଙ୍କବାଦୀମାନେ ବସ୍‌କୁ ଅଟକାଇ ସେମାନଙ୍କୁ ଘୋଷାଡ଼ି ନେବା ସହ ଗୁଳିକରି ହତ୍ୟା କରିଥିଲେ। ଏକ ପାହାଡ଼ ନିକଟରୁ ସେମାନଙ୍କ ମୃତଦେହ ମିଳିଛି। ଉକ୍ତ ଜାତୀୟ ରାଜପଥରେ ଯାଉଥିବା ଏକ କାର୍‌କୁ ଆତଙ୍କବାଦୀମାନେ ଗୁଳି କରିବାରୁ ସେଥିରେ ଥିବା ୨ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆତଙ୍କବାଦୀ ଆକ୍ରମଣରେ ନିରୀହ ଲୋକଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିବା ସହ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ମାଗିଛନ୍ତି।




## କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଜନଗଣନା


ବସ୍ତରରେ ରାହୁଲ ଗାନ୍ଧୀ ଏକ ରାଲିରେ ଯୋଗ ଦେବା ଅବସରରେ ଦଳୀୟ ନେତାଙ୍କ ସହ।

ବସ୍ତର ରାଲିରେ ରାହୁଲଙ୍କ ପ୍ରତିଶ୍ରୁତି

ବସ୍ତର,୧୩।୪ (ପି.ଟି.)

କଂଗ୍ରେସ ନିର୍ବାଚନ ଲଢ଼ି କେନ୍ଦ୍ରରେ କ୍ଷମତାକୁ ଆସିଲେ ସାରା ଦେଶରେ ତୁରନ୍ତ ଜାତି ଜନଗଣନା କରାଯିବ ବୋଲି ଏହାର ନେତା ରାହୁଲ ଗାନ୍ଧୀ ଶନିବାର ଦୋହରାଇଛନ୍ତି। ଛତିଶଗଡ଼ର ବସ୍ତର ଜିଲାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି ରାହୁଲ କହିଥିଲେ, ଆଗାମୀ ନିର୍ବାଚନ ଦୁଇଟି ନୀତି ଆଦର୍ଶ ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ଗୋଟିଏ ନୀତି ଆଦର୍ଶ ସମ୍ବିଧାନର ସୁରକ୍ଷା ଚାହୁଁଥିବାବେଳେ ଅନ୍ୟ ନୀତି ଆଦର୍ଶ ସହ ଜଡ଼ିତ ଦଳ ଏହାକୁ ଧ୍ୱଂସ କରିଦେବା ପାଇଁ ଉଦ୍ୟମ କରୁଛି। ସେ ନରେନ୍ଦ୍ର ମୋଦିଙ୍କ ସରକାରକୁ ସମାଲୋଚନା କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଦିବାସୀ ହୋଇଥିବାରୁ ତାଙ୍କୁ ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରୁ ଦୂରେଇ ରଖାଗଲା ବୋଲି କହିଛନ୍ତି। ଏଥିରୁ ଭାଜପାର ମାନସିକତା ପ୍ରତିଫଳିତ ହେଉଛି। ବସ୍ତର ଆସନର କଂଗ୍ରେସ ପ୍ରାର୍ଥୀ କାୱାସି ଲାଖମାଙ୍କ ସମର୍ଥନରେ ଅନୁଷ୍ଠିତ ଏହି ରାଲିରେ ରାହୁଲ କହିଥିଲେ, ମୋଦିଜୀ ଆଦିବାସୀ ଶବ୍ଦକୁ ବଦଳାଇଦେବାକୁ ଉଦ୍ୟମ କରୁଛନ୍ତି। ଆମେ ଆଦିବାସୀଙ୍କୁ ଆଦିବାସୀ କହୁଥିବାବେଳେ ସେ ବନବାସୀ କହୁଛନ୍ତି। ଆଦିବାସୀ ଓ ବନବାସୀ ଶବ୍ଦ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି। ଆଦିବାସୀର ଗଭୀର ଅର୍ଥ ରହିଛି, ଏହା ସେମାନଙ୍କ ଜଙ୍ଗଲ, ଜମି ଓ ଜଳ ଉପରେ ଅଧିକାରକୁ ପରିପ୍ରକାଶ କରେ। ବନବାସୀ ଅର୍ଥ ଯେଉଁମାନେ କେବଳ ଜଙ୍ଗଲରେ ବସବାସ କରୁଛନ୍ତି ବୋଲି ରାହୁଲ କହିଥିଲେ। ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଧର୍ମ, ନୀତି ଆଦର୍ଶ ଏବଂ ଆଦିବାସୀମାନଙ୍କ ଇତିହାସ ଉପରେ ଆକ୍ରମଣ କରୁଛନ୍ତି। ଭାଜପା ଆଦିବାସୀଙ୍କ ଜମିକୁ ବିଲିୟନେୟାରମାନଙ୍କୁ ଦେଇଦେଉଥିବା ରାହୁଲ ଅଭିଯୋଗ କରିଛନ୍ତି। ଏହି ଅବସରରେ କଂଗ୍ରେସ ଇସ୍ତାହାରରେ ଦେଇଥିବା ଅନ୍ୟାନ୍ୟ ପ୍ରତିଶ୍ରୁତି ସମ୍ପର୍କରେ ରାହୁଲ ଲୋକମାନଙ୍କୁ ଅବଗତ କରାଇଥିଲେ। ତାଙ୍କ ଦଳ କ୍ଷମତାକୁ ଆସିଲେ ୩୦ ଲକ୍ଷ ଖାଲି ପଦବୀରେ ନିଯୁକ୍ତି ଦିଆଯିବା ସହ ଯୁବବର୍ଗଙ୍କ ନିଯୁକ୍ତି ପାଇଁ ଦକ୍ଷତା ତାଲିମ ପ୍ରଦାନ କରାଯିବ ବୋଲି ରାହୁଲ କହିଛନ୍ତି।

ଫୁରସତ୍

## ଧମାଲ ମଚାଉଛି 'ବଡେ ମିୟାଁ ଛୋଟେ ମିୟାଁ'

**ମୁମ୍ବାଇ:** ବଲିଉଡ୍ ଆକ୍ସନ ହିରୋ ଅକ୍ଷୟ କୁମାର ଓ ଟାଇଗର ଶ୍ରଫଙ୍କ ଅଭିନୀତ 'ବଡେ ମିୟାଁ ଛୋଟେ ମିୟାଁ' ଗୁରୁବାର ଇଦ୍ ଅବସରରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମ ଏବେ ସାରା ବିଶ୍ୱରେ ଚହଳ ପକାଇବାକୁ ସକ୍ଷମ ହୋଇଛି। ଉଭୟ ଆକ୍ସନ ଏବଂ କମେଡି ଥିବା ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ବହୁମାତ୍ରାରେ ମନୋରଞ୍ଜନର ଖୋରାକ ଯୋଗାଇ ପାରିଛି। ଏହାସହ ଏହି ଚଳଚ୍ଚିତ୍ରକୁ କ୍ରିଟିକ୍ସ ଏବଂ ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ମଧ୍ୟ ମିଳିଛି। ରିଲିଜ୍ ହେବାର ମାତ୍ର ୨ ଦିନ ମଧ୍ୟରେ 'ବଡେ ମିୟାଁ ଛୋଟେ ମିୟାଁ' ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୫୫.୧୪ କୋଟି ଟଙ୍କା ଆୟ କରିଛି। ସେହିପରି ଏହି ଚଳଚ୍ଚିତ୍ର ଉଦ୍‌ଘାଟନୀ ଦିନ ସାରା ବିଶ୍ୱରେ ୩୬.୩୩ କୋଟି ଟଙ୍କା ରୋଜଗାର କରିବାରେ ସଫଳ ହୋଇଥିଲା। ତେବେ ଘରୋଇ ବକ୍ସ ଅଫିସରେ 'ବଡେ ମିୟାଁ ଛୋଟେ ମିୟାଁ' ଚଳଚ୍ଚିତ୍ରର ରୋଜଗାର ଅପେକ୍ଷାକୃତ ମନ୍ଥର ରହିଛି। ରିଲିଜ ହେବାର ପ୍ରଥମ ଦିନରେ ଏହି ଚଳଚ୍ଚିତ୍ର ୧୫.୬୫ କୋଟି ଆଦାୟ କରିଥିବା ବେଳେ ଦ୍ୱିତୀୟ ଦିନରେ ଏହା ୭.୬ କୋଟି ଟଙ୍କା ଆଦାୟ କରିଛି। ଏହାସହ ୨ ଦିନ ମଧ୍ୟରେ ଏହି ଫିଲ୍ମ ସମୁଦାୟ ୨୩.୨୫ କୋଟି ଟଙ୍କା ରୋଜଗାର କରିପାରିଛି। ତେବେ 'ବଡେ ମିୟାଁ ଛୋଟେ ମିୟାଁ' ଚଳଚ୍ଚିତ୍ର ସହ ସମାନ ଦିନ ରିଲିଜ ହୋଇଥିବା ଅଭିନେତା ଅଜୟ ଦେବ୍‌ଗନଙ୍କ ଅଭିନୀତ 'ମଇଦାନ' ଫିଲ୍ମ ବକ୍ସ ଅଫିସରେ ଫିକା ପଡ଼ିଛି। ଏହି ଫିଲ୍ମ ରିଲିଜ ହେବାର ପ୍ରଥମ ୨ ଦିନ ମଧ୍ୟରେ ମାତ୍ର ୯ କୋଟି ଟଙ୍କା ରୋଜଗାର କରିପାରିଛି।



ଅଲି ଆବ୍ବାସ ଜାଫରଙ୍କ ଦ୍ୱାରା ନିର୍ଦ୍ଦେଶିତ 'ବଡେ ମିୟାଁ ଛୋଟେ ମିୟାଁ' ଚଳଚ୍ଚିତ୍ରରେ ଅକ୍ଷୟ କୁମାର, ଟାଇଗର ଶ୍ରଫ, ସୋନାକ୍ଷୀ ସିହ୍ନା, ମାନୁସୀ ଚିଲ୍ଲାର, ଆଲାୟା ଏଫ୍ ଏବଂ ରୋନିତ ରୟ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ପୃଥ୍ୱୀରାଜ ସୁକୁମାରନ ଏହି ଚଳଚ୍ଚିତ୍ରରେ ଏକ ଆକର୍ଷଣୀୟ ଖଳନାୟକ ଭୂମିକାରେ ନଜର ଆସିଛନ୍ତି। ବାସୁ ଭଗ୍ନାନୀ, ଦୀପ୍‌ଶିଖା ଦେଶମୁଖ, ଜ୍ୟାକି ଭଗ୍ନାନୀ, ହିମାଂଶୁ କିଶନ ମେହେରା ଏବଂ ଅଲି ଆବ୍ବାସ ଜାଫରଙ୍କ ଦ୍ୱାରା ଏହି ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି। ସେହିପରି ଲଣ୍ଡନ, ଆବୁଧାବି, ସ୍କଟଲାଣ୍ଡ ଏବଂ ଜର୍ଡାନ ଭଳି ଦେଶରେ ଏହି ଫିଲ୍ମର ଶୁଟିଂ କରାଯାଇଛି।



# ବିନା ଶୋଭାଯାତ୍ରାରେ ହେବ ହନୁମାନ ଜୟନ୍ତୀ

■ ହନୁମାନ ଝଣ୍ଡାରେ ଗୈରିକମୟ ସାରା ସହର

■ ସମ୍ବେଦନଶୀଳ ସ୍ଥାନରେ ପୋଲିସ ପହରା



ହନୁମାନ ଜୟନ୍ତୀ ପାଇଁ ସହରରେ ପୋଲିସ ସୁରକ୍ଷା ବ୍ୟବସ୍ଥା।

**ସମ୍ବଲପୁର,୧୩।୪ (ପ୍ରମୋଦ ବହିଦାର)**

ସମ୍ବଲପୁରରେ ରବିବାର ହନୁମାନ ଜୟନ୍ତୀ ପାଳନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ପ୍ରଶାସନିକ କଟକଣା ହେତୁ ବିନା ଶୋଭାଯାତ୍ରାରେ ଉତ୍ସବ ପାଳନ କରାଯିବ। ଏହାକୁ ନେଇ ଶ୍ରଦ୍ଧାଳୁ ଓ ଆୟୋଜକଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଥିଲେ ମଧ୍ୟ ନିଜ ନିଜ ଅଞ୍ଚଳରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ଜୟନ୍ତୀ ପାଳନ ପାଇଁ ଲାଗିପଡିଛନ୍ତି। ପୂର୍ବବର୍ଷ ଭଳି ସମଗ୍ର ସହର ହନୁମାନ ଝଣ୍ଡାରେ ଗୈରିକମୟ ହୋଇଉଠିଛି। ଲୋକମାନେ ମଧ୍ୟ ନିଜନିଜ ଘର ଉପରେ ବା ଯାନବାହନରେ ଛୋଟ ଛୋଟ ଗୈରିକ ଝଣ୍ଡା ଲଗାଇ ଭ୍ରମଣ କରୁଥିବା ଦେଖିବାକୁ ମିଳିଛି।

ଜୟନ୍ତୀ ପାଇଁ ବିଭିନ୍ନ ହନୁମାନ ମନ୍ଦିରକୁ ଉଜ୍ଜ୍ୱଳ ଆଲୋକମାଳାରେ ସଜ୍ଜିତ କରାଯିବା ସହ ଭକ୍ତଙ୍କ ଦର୍ଶନାର୍ଥେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ବୁଢ଼ାହିଲରେ ଥିବା ରାମମନ୍ଦିରକୁ ରଙ୍ଗିନ ତୋରଣ ଓ ଆଲୋକମାଳାରେ ସଜ୍ଜିତ କରାଯାଇଛି। ହନୁମାନ ଜୟନ୍ତୀରେ ସଂଘଟିତ ହିଂସାକାଣ୍ଡକୁ ଦୃଷ୍ଟିରେ ରଖି ଚଳିତବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି। ହେଲେ ବିଭିନ୍ନ ପଡ଼ା ଓ ହନୁମାନ ମନ୍ଦିର କମିଟି ପକ୍ଷରୁ ନିଜ ଅଞ୍ଚଳରେ ହନୁମାନ ଜୟନ୍ତୀ ପାଳନ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଗତବର୍ଷର ହିଂସାକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଗୁଆ ପଦକ୍ଷେପ ସ୍ୱରୂପ ଦିନକ ପୂର୍ବରୁ ସହରର ପ୍ରମୁଖ ଛକମାନଙ୍କରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏପରି କି ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ମଧ୍ୟ କରାଯାଇଛି। ସେହିପରି ପୀରବାବା ଛକ, ଜିଲାସ୍କୁଲ ଛକ, ଭୁତାପଡ଼ା ଛକ, ଗୋଲବଜାର ଛକ, ଲକ୍ଷ୍ମୀଟକିଜ୍ ଛକ ଆଦି ସମ୍ବେଦନଶୀଳ ସ୍ଥାନରେ ପୋଲିସ ସୁରକ୍ଷା ବାହିନୀ ତମ୍ବୁ ପକାଇ ଅହୋରାତ୍ର ପହରା ଦେଉଛନ୍ତି। ସମଗ୍ର ସହରରେ ସିଆର୍‌ପିଏଫ୍ ଯବାନଙ୍କ ସହିତ ୧୫ ପ୍ଲାଟୁନ୍ ପୋଲିସ ବାହିନୀଙ୍କୁ ମୁତୟନ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ୮ ଜଣ ଡିଏସ୍‌ପି ପାହ୍ୟା ପୋଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ପରିଚାଳନା ଦାୟିତ୍ୱରେ ରହିଛନ୍ତି।

# ଚିଙ୍ଗୁଡ଼ି ଘେରିରେ ଏସିଡ୍ ଢାଳି ଯୁବକଙ୍କୁ ହତ୍ୟା

**ରୂପସା,୧୩।୪(ବାଞ୍ଛାନିଧି ଦେ)**

### ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଗନ୍ଧିଆ ଗାଁ ନିକଟରେ ଥିବା ଏକ ଚିଙ୍ଗୁଡ଼ି ଘେରିରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ବାଲେଶ୍ୱର ସଦର ଥାନା ପତାଗାଁ ଗ୍ରାମର ଜଗବନ୍ଧୁ ସ୍ୱାଇଁ (୨୦)। ପୂର୍ବଶତ୍ରୁତାରୁ ଜଗବନ୍ଧୁଙ୍କୁ ଆକ୍ରମଣ ସହ ଏସିଡ୍ ଢାଳି ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି। ଏ ସମ୍ପର୍କରେ ଶନିବାର ପୋଲିସ ଏକ ମାମଲା (ନଂ. ୭୧/୨୪) ରୁଜୁ କରି ମୃତଦେହ ଜବତ କରିଛି। ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ଓ ଥାନାଧିକାରୀ ଭୁବନମୋହନ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଜଗବନ୍ଧୁ ଗନ୍ଧିଆ ନିକଟରେ ଥିବା ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିଲେ। ତାଙ୍କ ସହିତ ତାଙ୍କ ସ୍ତ୍ରୀ ତାରାମଣି ମଧ୍ୟ ଏହି ଫାର୍ମରେ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ତ୍ରୀ ତାରାମଣିଙ୍କ ନିକଟରୁ ଗୋଟିଏ ଗାମୁଛା ନେଇ ଜଗବନ୍ଧୁ ଶୌଚ ହେବା ପାଇଁ ଯାଇଥିଲେ। ରାତି ପର୍ଯ୍ୟନ୍ତ ନ ଫେରିବାରୁ ତାରାମଣି ଖୋଜାଖୋଜି କରି ନିରାଶ ହୋଇଥିଲେ। ଶନିବାର ସକାଳେ ତାରାମଣି ଶୌଚ ହେବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ପୂର୍ବାହ୍ନ ୧୧ଟାରେ ସେମାନେ ରହୁଥିବା ଫାର୍ମ ନିକଟରେ ସ୍ୱାମୀଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ ସେ ଫାର୍ମ ମାଲିକଙ୍କୁ ଖବର ଦେଇଥିଲେ। ସିଂଲା ଥାନା ପୋଲିସ ପହଞ୍ଚି ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜାଣି ପାରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ସେଠୀ କହିଛନ୍ତି। ଅପରପକ୍ଷରେ ପୋଲିସ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

# ନିର୍ବାଚନ ରାଲିରେ ଯୋଗ ଦେଇ ଶିକ୍ଷୟିତ୍ରୀ ନିଲମ୍ବିତ



ସଂଘମିତ୍ରା ମଲ୍ଲିକ

**ବୌଦ୍ଧ,୧୩।୪ (ଅଜିତ କୁମାର ବାରିକ)**

ଏକ ରାଜନୈତିକ ଦଳର ନିର୍ବାଚନ ରାଲିରେ ଯୋଗ ଦେବାରୁ ଜଣେ ଶିକ୍ଷୟିତ୍ରୀ ନିଲମ୍ବିତ ହୋଇଥିବା ଜଣାପଡିଛି। ବୌଦ୍ଧ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜେ.ସୋନାଲ ଗତ ଶୁକ୍ରବାର ଦିନ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷୟିତ୍ରୀ ଜଣକ ହେଲେ ବୌଦ୍ଧ ବ୍ଲକ ଦହ୍ୟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଂଘମିତ୍ରା ମଲ୍ଲିକ। ମିଳିଥିବା ସୂଚନା ମୁତାବକ, ଗତ ୧୦ ତାରିଖରେ କନ୍ଧମାଳ ନିର୍ବାଚନମଣ୍ଡଳୀର ଏକ ରାଜନୈତିକ ଦଳର କାଶଲପୁରଠାରୁ ଖୁଣ୍ଟିଗୋରା ପର୍ଯ୍ୟନ୍ତ ଏକ ମୋଟର ସାଇକେଲ ରାଲି କରାଯାଇଥିଲା। ଉକ୍ତ ବାଇକ୍ ରାଲିରେ ଶିକ୍ଷୟିତ୍ରୀ ଜଣକ ଯୋଗ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଏପରି କି ସଂପୃକ୍ତ ଶିକ୍ଷୟିତ୍ରୀ ଜଣକ ରାଲିରେ ଥିବା ସମୟରେ ଏକ ଫଟୋ ଜିଲାପାଳଙ୍କ ଦୃଷ୍ଟିକୁ ଆସିଥିଲା। ଏନେଇ ଜିଲାପାଳ ସୋନାଲ ଜିଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଜିଲାପାଳ ଶିକ୍ଷୟିତ୍ରୀ ମଲ୍ଲିକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ନ ଉଠିବା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଜଣକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ରହିଛି। ଏହି ଖବର ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ସରକାରୀ ଚାକିରିଆଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ବିଲରୁ ମିଳିଲା ଛୁଆ ହାତୀ ମୃତଦେହ

**ମୋରଡ଼ା,୧୩।୪(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜରେ ବର୍ଷ ତମାମ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ବନ ବିଭାଗର ଅବହେଳା କାରଣରୁ ହାତୀ ପଲଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏହି ରେଞ୍ଜ ଅଧୀନ କଶାଫଳିଆ ଜଙ୍ଗଲ ନିକଟ ଦୁଆରଶୁଣି ଗ୍ରାମର ଏକ ବିଲରେ ଶନିବାର ଏକ ଛୁଆ ହାତୀ ମରିପଡ଼ିବା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତ ଛୁଆ ହାତୀର ବୟସ ଏକ ବର୍ଷ ହେବ। ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ମୃତଦେହ ପୋତି ଦିଆଯାଇଥିବା ସୂଚନା ମିଳିଛି। ଡିଏଫ୍‌ଓ ଉମା ମାହେଶ, ଏସ୍‌ସିଏଫ୍ ରବିନାରାୟଣ ମହାନ୍ତି ଓ ରେଞ୍ଜର ଘନଶ୍ୟାମ ସିଂ ପ୍ରମୁଖ ପହଞ୍ଚି ଛୁଆ ହାତୀ ମୃତ୍ୟୁର କାରଣ ସମ୍ପର୍କରେ ଅନୁଧ୍ୟାନ ଜାରି ରଖିଛନ୍ତି। ବର୍ତ୍ତମାନ ଉକ୍ତ ଜଙ୍ଗଲରେ ୭୨ଟି ଝାଡ଼ଖଣ୍ଡୀ ହାତୀ ରହିଥିବା ରେଞ୍ଜର ସିଂ କହିଛନ୍ତି।

# ବାଇକ୍ ଚୋରି ରାକେଟର ପର୍ଦ୍ଦାଫାଶ

**ଝାରସୁଗୁଡା, ୧୩।୪(ସଞ୍ଜୟ ମାଲି)**

### ୧୬ ବାଇକ୍ ଜବତ, ୪ ଗିରଫ

ଏକ ବାଇକ୍ ଚୋରି ରାକେଟର ପର୍ଦ୍ଦାଫାଶ କରିଛି ଝାରସୁଗୁଡ଼ା ପୋଲିସ। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୧୬ ଚୋରି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଅଞ୍ଚଳର କ୍ଷମାନିଧି ଭୋସାଗର, ଲିଙ୍ଗରାଜ ବେହେରା, ଅଜିତ ବିଶାଳ ଓ ଅକ୍ଷୟ ବାଗ୍। ଶନିବାର ଏଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଉମାଶଙ୍କର ସିଂ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଗତ ୮ତାରିଖରେ ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ପୁରୁଣାବସ୍ତି ବାବୁପଡ଼ା ଅଞ୍ଚଳର ବୈଭବ ଶର୍ମାଙ୍କ ବାଇକ୍ (ଓଡି୨୩ଏମ୍-୨୧୪୫) ସରବାହାଲ ରୋଡ ନିର୍ବାଣ ଏଜୁକେଶନ ପରିସରରୁ ଚୋରି ହୋଇଥିଲା। ଏ ନେଇ ସେ ଲିଖିତ ଅଭିଯୋଗ କରିବା ପରେ ଟାଉନ ଥାନା ପୋଲିସ ଏକ ମାଲା (ନଂ.୨୭୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ କ୍ଷମାନିଧି ଏଥିରେ ସମ୍ପୃକ୍ତ ଥିବା ଜାଣି ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ବୟାନ ଆଧାରରେ ପୋଲିସ ଲିଙ୍ଗରାଜ, ଅଜିତ ଓ ଅକ୍ଷୟଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ୩ ନାବାଳକଙ୍କୁ ଅଟକ ରଖିଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୋଲିସ ମାମଲା (ନଂ.୩୭୯/୨୪) ରୁଜୁ କରି କୋର୍ଟ ଚାଲାଣ କରିଥିବା ଏସ୍‌ଡିପିଓ ସିଂ ସୂଚନା ଦେଇଛନ୍ତି।

# ରାସ୍ତାରେ ଲୁଟୁଥିବା ୧୦ ଡକାୟତ ଗିରଫ

**କେନ୍ଦୁଝର, ୧୩।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)**



ଗିରଫ ୧୦ ଅଭିଯୁକ୍ତ।

ରାସ୍ତାରେ ଗାଡି ଅଟକାଇ ଜୋର ଜବରଦସ୍ତ ଟଙ୍କା ଲୁଟୁଥିବା ୧୦ଜଣ ଡକାୟତ ଝୁମ୍ପୁରା ପୋଲିସ ଟିମ୍ ହାତରେ ଧରାପଡିଛନ୍ତି। ଡକାୟତମାନଙ୍କଠାରୁ ୨୫ଶହ ଟଙ୍କା ଜବତ କରାଯାଇଥିବା ଚମ୍ପୁଆ ଏସଡିପିଓ ବିଜୟ ମଲ୍ଲିକ ସୂଚନା ଦେଇଛନ୍ତି। ଝୁମ୍ପୁରା ଥାନା ଭାରପ୍ରାପ୍ତ ଅଧିକାରୀ ଆଇପିଏସ ପ୍ରୋବେଶନର ରମେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶୁକ୍ରବାର ରାତିରେ ଚିଙ୍ଗୁଡିପଶି ଛକ ନିକଟରେ ଚଢାଉ କରି ଏହି ଡକାୟତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

ସୂଚନା ଅନୁଯାୟୀ, ଝୁମ୍ପୁରା ଥାନା ଅଧୀନ କଟଲପଶି-ଧାତିକା ରାସ୍ତାର ବିଭିନ୍ନ ସ୍ଥାନରେ ଟ୍ରକ୍, କାର ଆଦି ବିଭିନ୍ନ ଗାଡି ଅଟକାଇ ଜୋର ଜବରଦସ୍ତ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ଶୁକ୍ରବାର ରାତିରେ ଏହି ରାସ୍ତା ଦେଇ ଆସୁଥିବା କିଛି ଟ୍ରକ ଅଟକାଇ ଜବରଦସ୍ତ ଟଙ୍କା ଆଦାୟ ହେଉଥିବା ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହେବା ପରେ ଭାରପ୍ରାପ୍ତ ଥାନାଧିକାରୀ ଆଇପିଏସ ପ୍ରୋବେଶନର ରମେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ପୋଲିସ ଟିମ୍ ସଦଳବଳେ ଚଢାଉ କରିଥିଲେ। ବେଆଇନ ଟଙ୍କା ଆଦାୟ କରିବା ଅଭିଯୋଗରେ ଘଟଣାସ୍ଥଳରୁ ୧୦ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ସେମାନଙ୍କୁ ପଚରାଉଚୁରା କରିବା ସହିତ ଯାଞ୍ଚ କରି ସେମାନଙ୍କ ନିକଟରୁ ୨୫ ଶହ ଟଙ୍କା ଜବତ କରାଯାଇଥିଲା। ଶନିବାର ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମଧ୍ୟରେ ଚିଙ୍ଗୁଡିପଶି ଗ୍ରାମର ରବୀନ୍ଦ୍ର ମହାନ୍ତ(୪୩), ଚନ୍ଦ୍ରମୋହନ ମହାନ୍ତ(୪୫), ଲୋକନାଥ ମହାନ୍ତ(୧୯), ମହେନ୍ଦ୍ର ମହାନ୍ତ(୩୬), ଭଗବାନ ମହାନ୍ତ(୩୧), ଦୀପକ ସିତାରୀ(୨୦), ଶିବାନନ୍ଦ ସିତାରୀ(୧୯), ବିକାଶ ଲୋହାର(୫୧), ରାଜେଶ ସିତାରୀ(୨୨), ସୁଶୀଲ କାଳନ୍ଦୀ ଓରଫ୍ କାଲା(୨୪)। ଝୁମ୍ପୁରା ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୦୪/୨୦୨୪) ରୁଜୁ କରାଯାଇଛି। ଅଭିଯୁକ୍ତମାନେ ନିୟମିତ ଭାବେ ଏହି ରାସ୍ତାରେ ଗାଡି ଅଟକାଇ ଟଙ୍କା ଆଦାୟ କରି ଆସୁଥିଲେ। ଡ୍ରାଇଭରମାନେ ଟଙ୍କା ନ ଦେଲେ ଗାଡିରୁ ଓହ୍ଲାଇ ମାରପିଟ କରିବା ସହିତ ଟେକାପଥର ମାରୁଥିବା ପୋଲିସ ପ୍ରକାଶ କରିଛି। ପ୍ରତିଦିନ ୧୫ରୁ ୨୦ହଜାର ଟଙ୍କା ଲୁଟ କରୁଥିବା କୁହାଯାଇଛି। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଥିଲା। ଚଢାଉରେ ଆଇପିଏସ ପ୍ରୋବେଶନର ପ୍ରସାଦଙ୍କ ସହିତ ଇନ୍ସପେକ୍ଟର ସମବାରୀ ହାଁସଦା, ଏସ୍‌ଆଇ ସନାତନ ମହାନ୍ତ, ଏଏସ୍‌ଆଇ ଶ୍ରୀବନ୍ତ ନାୟକ, କାଳୀନ୍ଦ୍ର ପ୍ରଧାନ, ଜଗନ୍ନାଥ କାଣ୍ଡେଲକର ପ୍ରମୁଖ ଏବଂ ପୋଲିସ ଫୋର୍ସ ସାମିଲ ହୋଇଥିବା ଏସ୍‌ଡିପିଓ ମଲ୍ଲିକ ସୂଚନା ଦେଇଛନ୍ତି।

# ଭାରତର ପ୍ରଥମ ଟ୍ରାନ୍ସଜେଣ୍ଡର ଷ୍ଟାଣ୍ଡଅପ୍ କମେଡିଆନ ରିତୁଶ୍ରୀ

ଓଡ଼ିଶାର ଗର୍ବ



ରିତୁଶ୍ରୀ ପାଣିଗ୍ରାହୀ

**ଭୁବନେଶ୍ୱର,୧୩।୪(ଶର୍ମିଷ୍ଠା ପାଣିଗ୍ରାହୀ)**

ଟ୍ରାନ୍ସଜେଣ୍ଡରଙ୍କ ଜୀବନ ସଂଘର୍ଷପୂର୍ଣ୍ଣ। ହେଲେ ଏହି ସଂଘର୍ଷ ଭିତରେ ଏକାକୀ ସମସ୍ତ ପରିସ୍ଥିତିକୁ ସାମ୍ନା କରି ନିଜ ଭବିଷ୍ୟତ ଗଢ଼ିବା ସହ ନିଜ ମାଟି ତଥା ଓଡ଼ିଶା ପାଇଁ ଗୌରବ ଆଣିଥିବା ଜଣେ ପ୍ରେରଣାଦାୟୀ ଟ୍ରାନ୍ସଜେଣ୍ଡର ହେଉଛନ୍ତି ରିତୁଶ୍ରୀ ପାଣିଗ୍ରାହୀ। ବରଗଡ଼ ଜିଲା ପଦ୍ମପୁରଠାରେ ଜନ୍ମିତ ରିତୁଶ୍ରୀ ଏବେ ଭାରତର ଏକମାତ୍ର ଟ୍ରାନ୍ସଜେଣ୍ଡର ଷ୍ଟାଣ୍ଡଅପ୍ କମେଡିଆନ୍। ଓଡ଼ିଶାରୁ ଯାଇ ମୁମ୍ବାଇ, ଦିଲ୍ଲୀ, ଅହମଦାବାଦ ଭଳି ଅନେକ ସହରରେ ସେ ନିଜର ଷ୍ଟାଣ୍ଡଅପ୍ କମେଡି ମାଧ୍ୟମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କର୍ପୋରେଟ ସେକ୍ଟରରେ ଚାକିରି କରିବା ସହ ସେ କମେଡି ମାଧ୍ୟମରେ ଲୋକଙ୍କ ମୁହଁରେ ହସ ଫୁଟାଇ ଚାଲିଛନ୍ତି।

ଛୋଟବେଳୁ ତାଙ୍କୁ କମେଡି ଦେଖିବାକୁ ଓ କରିବାକୁ ଭଲ ଲାଗୁଥିଲା। ୨୦୧୭ରେ ଯେତେବେଳେ ସେ କଟକରେ ରହି ଲ’ ପ୍ରାକ୍ଟିସ୍ କରୁଥିଲେ ସେତେବେଳେ ୨ଟି ଅନୁଷ୍ଠାନ ଷ୍ଟାଣ୍ଡଅପ୍ କମେଡି ପାଇଁ ‘ଓପନ ମାଇକ୍’ ନାମରେ ପ୍ଲାଟଫର୍ମ ଆଣିଥିଲେ। ସେଠାରେ ଯେତେବେଳେ ସେ ପ୍ରଥମେ କମେଡି ପ୍ରଦର୍ଶନ କଲେ, ସମସ୍ତେ ତାଙ୍କୁ ବହୁତ ପ୍ରଶଂସା କରିଥିଲେ। ପରେ ପରେ ସେ ଅନେକ ଶୋ’ କରିବା ସହ ବାହାରକୁ ଯାଇ ନିଜ କମେଡି କ୍ୟାରିୟରକୁ ଆହୁରି ଆଗକୁ ନେଇଥିଲେ।

### ନାମ ପଛର କାହାଣୀ

ରିତୁଶ୍ରୀଙ୍କ ନାଁ ପଛରେ ବି କାହାଣୀ ରହିଛି। ଏ ସମ୍ପର୍କରେ ସେ କହିଛନ୍ତି, ମୋର ପୁରୁଣା ନାମକୁ ମୁଁ କାହାକୁ କହିବାକୁ ପସନ୍ଦ କରେନି। କାରଣ ମୋତେ ଯଦି ରିତୁଶ୍ରୀ ହେବାର ଥିଲା, ତେବେ ପୁରୁଣା ପରିଚୟ ନେଇ କ’ଣ କରିବି। ତେବେ ମୋତେ ପ୍ରଥମେ ସୋନଲ ନାମ ଭଲ ଲାଗୁଥିଲା। କିନ୍ତୁ ମୁଁ ଚିନ୍ତାକଲି ଯଦି ଜଣେ ଝିଅ ଭାବେ ଜନ୍ମ ହୋଇଥାନ୍ତି,. ବାପା ମୋ ନାମ କ’ଣ ରଖିଥାନ୍ତେ। ଆମଆଡ଼େ ଜାତକରେ ଯେଉଁ ଅକ୍ଷର ଉଠେ, ସେହି ଅନୁସାରେ ନାମ ଦିଆଯାଏ। ପୁଣି ମୋର ୨ ଭଉଣୀଙ୍କ ନାଁ ବନଶ୍ରୀ ଓ ଇତିଶ୍ରୀ। ତେଣୁ ସେହି ହିସାବରେ ପଦ ପକାଇ ୩ରୁ ୪ଟି ନାମ ଭାବିଲି। ସେଥିରୁ ରିତୁଶ୍ରୀ ନାମ ମୋତେ ଓ ଭଉଣୀଙ୍କୁ ପସନ୍ଦ ଆସିଲା। ଏହାପରେ ମୁଁ ରିତୁଶ୍ରୀ ହୋଇଗଲି।

### ପରିବାରର ସପୋର୍ଟ ସାହସ ଦେଲା

ରିତୁଶ୍ରୀଙ୍କ ଅତୀତ ବେଶ୍ କିଛି ଶିଖାଏ। ଏକାକୀ ୩୫ ବର୍ଷ ଧରି ସେ ଯେ ନିଜକୁ ଟ୍ରାନ୍ସଜେଣ୍ଡର କହିବାକୁ ସାହସ ନ ଥିଲା। ଦୀର୍ଘବର୍ଷ ଧରି ସମସ୍ତ ପରିସ୍ଥିତିକୁ ସେ ହିଁ ସାମ୍ନା କରିଛନ୍ତି। ସେ କୁହନ୍ତି, ଆମକୁ କେବେ ଜେଣ୍ଡର ଏଜୁକେଶନ୍ ଦିଆଯାଏନାହିଁ। ଯେବେ ମୁଁ ନିଜେ ଜାଣିବାକୁ ପାଇଲି ତେବେ ବହୁତ ଡର ଲାଗିଲା। ଯଦି ଲୋକେ ଜାଣିବେ ସ୍କୁଲରେ କେମିତି ପଢ଼ିବି, ପୁଣି ପରିବାର କେମିତି ମୋତେ ଦେଖିବେ। ସେଥିପାଇଁ ନିଜକୁ ନିଜେ ୩୫ବର୍ଷ ଲୁଚାଇକି ରଖିଲି। ତା’ ଭିତରେ ମୋର ୨ଟା ପର୍ସନାଲିଟି ଡେଭଲପ୍ ହେଲା। ଯେବେ ଭୁବନେଶ୍ୱରରେ ରହି ଆଇନ ପଢ଼ିଲି, ଏହା ଉପରେ ବହୁତ ରିସର୍ଚ୍ଚ କଲି। କିଭଳି ରହିବି, କ’ଣ ଚାକିରି କରିବି। ପ୍ରାକ୍ଟିସ୍ କଲାବେଳେ ଏକୁଟିଆ ରହୁଥିଲି। ଘରେ ବି କହି ନ ଥିଲି। ଅହମଦାବାଦ ଆସିବା ପରେ ଘରେ ମୋର ବାହାଘର ପାଇଁ ଚିନ୍ତା କଲେ। ସେବେ ମୁଁ ମନାକଲି ବାହା ହେବିନି। ସେବେ ମୁଁ ପରିବାର ସହ ମୋର ଜେଣ୍ଡର ବିଷୟରେ ଶେୟାର କଲି। ପ୍ରଥମେ ମୋ ଭଉଣୀଙ୍କୁ କହିଲି। ମାତ୍ର ସବୁ ଶୁଣିବା ପରେ ସେମାନଙ୍କର ଯାହା ପ୍ରତିକ୍ରିୟା ଥିଲା ଲାଗିଲା ମୁଁ ତାଙ୍କୁ କାହିଁ ଆଗରୁ କହୁ ନ ଥିଲି। ସେମାନେ ମୋତେ ଗାଳିଦେବା ପରିବର୍ତ୍ତେ ଖୁସି ହେଲେ। ରାଗିଲେ, ଅଭିମାନ କରି କହିଲେ ଯେ ତୁ କାହିଁକି ଆମକୁ ଆଗରୁ କହି ନ ଥିଲୁ। ଏହା ମୋତେ ଆଗକୁ ବଢ଼ିବାକୁ ବହୁତ ସାହସ ଦେଲା। ମୁଁ ଯଦି ନ ଡରି ଆଗରୁ କହିଥାନ୍ତି, ବୋଧହୁଏ ମୋତେ ଏକାକୀ ଏତେଦିନ ନିଜ ଭିତରେ ନିଜେ ବଢ଼ିବାକୁ ପଡ଼ି ନ ଥାନ୍ତା। ମୋ ବଡ଼ଭଉଣୀ ଯେବେ ଇନ୍‌ଷ୍ଟାଗ୍ରାମରେ ମୋ ଫଟୋ ଦେଖିଲେ ସେ ମୋତେ କୁଣ୍ଢାଇ ପକାଇ କାନ୍ଦିଲେ। ତା’ ପରେ ସେମାନେ ଅଧିକରୁ ଅଧିକ ଶୋ’ କରିବାକୁ ସାହସ ଦେଲେ, ଆଉ ମୁଁ ଆଗକୁ ବଢ଼ିଲି।

### ‘ସମସ୍ତଙ୍କୁ ଲିଙ୍ଗଗତ ଶିକ୍ଷା ମିଳୁ’

ଆଇନ ପାଠପଢ଼ା ସରିବା ପରେ ରିତୁଶ୍ରୀ ଜଣେ ଆଡ୍‌ଭୋକେଟ ଭାବେ ପ୍ରାକ୍ଟିସ୍ କରୁଥିଲେ। ଜେଣ୍ଡର ଆଇଡେଣ୍ଟିଟି ପାଇଁ ତାଙ୍କୁ ଓଡ଼ିଶାରେ ରହିବାକୁ ଭଲ ଲାଗି ନ ଥିଲା। ସେଥିପାଇଁ ସେ ୨୦୧୯ରେ ଓଡ଼ିଶା ଛାଡ଼ି ବାହାରକୁ ଚାଲିଗଲେ। ଟ୍ରାନ୍ସଜେଣ୍ଡରଙ୍କ ପ୍ରତି ରହିଥିବା ଭାବନା ସମ୍ପର୍କରେ ରିତୁଶ୍ରୀ କୁହନ୍ତି, ଜେଣ୍ଡର ଆଉ ସେକ୍ସ ୨ଟା ଅଲଗା ଜିନିଷ। ଅନେକେ ଏହା ଭିତରେ ଥିବା ପାର୍ଥକ୍ୟଟା ବୁଝିପାରନ୍ତି ନାହିଁ। ଆମର ଭ୍ରାନ୍ତ ଧାରଣା ଅଛି, ଯେଉଁମାନେ ଟ୍ରାନ୍ସଜେଣ୍ଡର ଭାବେ ଜନ୍ମ ହୁଅନ୍ତି ତାଙ୍କର ବୋଧେ କିଛି ଅଲଗା ଥାଏ। ସେସବୁ ଯାହାଟି ଥାଏ ତାଙ୍କୁ ଟ୍ରାନ୍ସଜେଣ୍ଡର ନୁହେଁ ଇଣ୍ଟରସେକ୍ସ କୁହାଯାଏ। ଶରୀର ପୁଅଙ୍କ ପରି ଥିବ, ହେଲେ ମାଇଣ୍ଡ ନିଜକୁ ଜଣେ ମହିଳା ଭାବେ ଅନୁଭବ କରୁଥିବ, ସେମାନେ ହେଲେ ଟ୍ରାନ୍ସଜେଣ୍ଡର। ପରବର୍ତ୍ତୀ ସମୟରେ ହରମୋନ ଥେରାପି ନେଇ ଶରୀରରେ ପରିବର୍ତ୍ତନ କରିହେବ। ଲିଙ୍ଗଗତ ଶିକ୍ଷା ସମସ୍ତଙ୍କୁ ମିଳିବା ଦରକାର ବୋଲି ସେ କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ହନୁମାନ ଜୟନ୍ତୀ, ସ୍ଥାନ: ସୀତାରାମ ସାଂସ୍କୃତିକ ପରିଷଦ, ୟୁନିଟ୍-୮, ସମୟ: ସକାଳ ୬ଟା।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ପୁଷ୍ପମାଲ୍ୟାର୍ପଣ, ସ୍ଥାନ: ଏଜି ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ଓ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସଙ୍କଟ ମୋଚନ ସେବା ସଂଘ ପକ୍ଷରୁ ହନୁମାନ ଜୟନ୍ତୀ ଉତ୍ସବ, ସ୍ଥାନ: ଜାମୁଝରି, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଦି ଗୀତିନାଟ୍ୟକାର ଲୋକକବି ଜଗନ୍ନାଥ ପାଣିଙ୍କ ୧୮୮ତମ ଜୟନ୍ତୀ, ସ୍ଥାନ: ଉତ୍କଳ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଉତ୍କଳ ବିକାଶ ପରିଷଦର ୨୬ତମ ବାର୍ଷିକ ଅଧିବେଶନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଜନମଙ୍ଗଳ ପରିଷଦ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି, ସ୍ଥାନ: ଜନମଙ୍ଗଳ କ୍ୟାମ୍ପ, ମହାତ୍ମାଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଆଦମୀ ପାର୍ଟି ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ମହାବିଷୁବ ସଂକ୍ରାନ୍ତି ଅବସରରେ ହୋମଯଜ୍ଞ, ସ୍ଥାନ: ସଙ୍କଟମୋଚନ ହନୁମାନ ମନ୍ଦିର, ଭୋଇ ନଗର, ଅପରାହ୍ନ ୧ଟା।
- ୫୭ତମ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ପାରମ୍ପରିକ ଝାମୁଯାତ୍ରା, ସ୍ଥାନ: ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠ, ନୂଆପଲ୍ଲୀ, ସମୟ: ଅପରାହ୍ନ ୨ଟା।
- ୮୦ତମ ଅଗ୍ନିଶମ ସପ୍ତାହ ଓ ଶହୀଦ ଦିବସ, ସ୍ଥାନ: ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ, ବରମୁଣ୍ଡା, ସମୟ: ଅପରାହ୍ନ ୪ଟା।
- କଳିଙ୍ଗାୟାନା ତୌର୍ଯ୍ୟତ୍ରିକମ୍‌ର ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା ୩୦।
- ସିଟିଜେନସ ଫୋରମ, ଓଡ଼ିଶା ପକ୍ଷରୁ ବି ଆର୍ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ ସିଟୁ ଅଫିସ, ୟୁନିଟ୍-୩, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭାରତ ସ୍କାଉଟ ଓ ଗାଇଡ୍‌ସ ପରିସର, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ସଦ୍‌ଭାବନା ମଞ୍ଚ ଛକରୁ ଇଦ୍ ବନ୍ଧୁମିଳନ, ସ୍ଥାନ: ରୋଟାରି ଭବନ, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା।
- ବାସୁଦେବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ମେଣ୍ଢାଶାଳ, ସମୟ: ରାତି ୮ଟା।

## କଟକ

- ଆମ୍ବେଡକରଙ୍କ ୧୩୩ ତମ ଜୟନ୍ତୀ ଅବସରରେ ତିଗିରିଆ ବ୍ଲକ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ବାଇକ ରାଲି ଓ ସଭା, ସ୍ଥାନ: ନୂଆପାଟଣାସ୍ଥିତ ମା'କଳାପାଟଙ୍କ ମନ୍ଦିରରୁ ଗାନ୍ଧୀ ପଡ଼ିଆ ନିଜିଗଡ଼, ସମୟ: ସକାଳ ୭ଟା।
- ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ପ୍ରେସ କ୍ଲବ ନରସିଂହପୁର, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହନୁମାନଜୀଯୁଙ୍କ ୧୦୮ ଚାଳିଶା ପଠନ, ସ୍ଥାନ: ଚୌଦ୍ୱାର ଚାର୍‌ବାଟିଆ ହାଉସିଂବୋର୍ଡ କଲୋନୀସ୍ଥିତ ବିରାଟ ୟୁଥ୍ କ୍ଲବ, ସମୟ: ଅପରାହ୍ନ ୧ଟା।
- ଜାଡୁଆ ଠାକୁରାଣୀଙ୍କ ଝାମୁଯାତ୍ରାର ସୁବର୍ଣ୍ଣ ଜୟନ୍ତୀ ଓ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଚୌଦ୍ୱାରସ୍ଥିତ ଚଷାପଡା(ଜାଡୁଆପାଟଣା), ସମୟ: ଅପରାହ୍ନ ୩ଟା।
- ନୂଆପାଟଣା ଓ ଜେମାଦେଇପୁରର ପ୍ରସିଦ୍ଧ ଖଣ୍ଡାପାଟ ଯାତ୍ରା, ସ୍ଥାନ: ନୂଆପାଟଣା, ଜେମାଦେଇପୁର, ସମୟ : ଅପରାହ୍ନ ୪ଟା।
- ଚୌଦ୍ୱାର ସାହିତ୍ୟ ସଂସଦର ମହାବିଷୁବ ମିଳନ, ସ୍ଥାନ: ଚୌଦ୍ୱାରସ୍ଥିତ ରୋଟାରୀ ଭବନ, ସମୟ: ଅପରାହ୍ନ ୪ଟା।
- ଝଙ୍କାର ପତ୍ରିକାର ୭୫ତମ ବାର୍ଷିକୀ ଅବସରରେ ସାରସ୍ୱତ ଉତ୍ସବ' ବିଷୁବ ମିଳନ'ର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: କଟକ ବିହାରୀବାଗ ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ବିକାଶ ପରିଷଦ ପକ୍ଷରୁ ରୌପ୍ୟଜୟନ୍ତୀ ଅଧିବେଶନ ତଥା ବିଷୁବ ମିଳନ, ସ୍ଥାନ: ପରିଷଦ ପରିସର, ସିଡିଏ ସେକ୍ଟର-୬, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳଚକ୍ର ଅନୁଷ୍ଠାନର ୫୪ତମ ଜନ୍ମୋତ୍ସବ ଓ ବିଷୁବ ସମାରୋହ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

ସଙ୍କଟ ମୋଚନ ମହାବୀରଙ୍କ ମଜଣା ଓ ପଣାଭୋଗ, ସ୍ଥାନ: ବିଦ୍ୟାଧରପୁର ଗ୍ରାମ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

- ଶ୍ରୀଶ୍ରୀ ସିଦ୍ଧ ମହାବୀର ଦେବ ମନ୍ଦିରର ତୃତୀୟ ସମ୍ବାତ୍ସରିକ ବାର୍ଷିକ ଉତ୍ସବ, ସ୍ଥାନ: ସତ୍ୟବାଦୀ ସିଦ୍ଧ ବକୁଳ ପୀଠ ସନ୍ନିକଟ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଖାଇଫୋଡ ଯାତ୍ରା, ସ୍ଥାନ: ଭିମିଦାସ ପୁର ଓ ଦାସ ବିଦ୍ୟାଧରପୁର ଗ୍ରାମ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୨ଟା।
- ବାଟ ମହାବୀରଙ୍କ ବାର୍ଷିକ ଯଜ୍ଞର ପୂର୍ଣ୍ଣାହୁତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଟ ମହାବୀର ମନ୍ଦିର ବ୍ଲକ ଛକ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।

## ପୁରୀ

- ମାଳିକା ବର୍ଣ୍ଣିତ ଜଗତଜନନୀ ମା'ଦେବୀ ବନଦୁର୍ଗାଙ୍କ ୬ ଦିନିଆ ପୂଜାଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବନଦୁର୍ଗା ଶକ୍ତିପୀଠ, ନାଗବସ୍ତ ଗ୍ରାମ, ନିମାପଡ଼ା, ସମୟ: ପ୍ରାତଃ ୫ଟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ଉତ୍କଳ ଆଗମନ ଉତ୍ସବ, ସ୍ଥାନ: ନିଗମାନନ୍ଦ ଆଶ୍ରମ, ଲୋକନାଥ ରୋଡ଼, ପୁରୀ, ସମୟ: ସକାଳ ୮ଟା।
- ଆନ୍ତର୍ଜାତୀୟ ଜୟ ଶ୍ରୀ ଜଗନ୍ନାଥ ଦିବସ ପାଳନ, ସ୍ଥାନ: ପୁରୀ ପୌରସଦନ, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍କଟ ମୋଚନ ମହାବୀରଙ୍କ ମଜଣା ଓ ପଣାଭୋଗ, ସ୍ଥାନ: ବିଦ୍ୟାଧରପୁର ଗ୍ରାମ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ସିଦ୍ଧ ମହାବୀର ଦେବ ମନ୍ଦିରର ତୃତୀୟ ସମ୍ବାତ୍ସରିକ ବାର୍ଷିକ ଉତ୍ସବ, ସ୍ଥାନ: ସତ୍ୟବାଦୀ ସିଦ୍ଧ ବକୁଳ ପୀଠ ସନ୍ନିକଟ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳ ବାମ୍ଫ ସେବାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପୌରସଦନ ଛକ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।
- ପ୍ରଥମବାର୍ଷିକ ରାମଚରିତମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ପୂର୍ଣ୍ଣାହୁତି ଏବଂ ଆନନ୍ଦ ବଜାର, ସ୍ଥାନ: ବାଟମହାବୀର ପ୍ରାଙ୍ଗଣ ପାଟପୁର ମେଲକ, କିଆକଣ୍ଟା, ନିମାପଡ଼ା, ସମୟ: ମଧ୍ୟାହ୍ନ ୧୨ ଟା ଏବଂ ସନ୍ଧ୍ୟା ୭ଟା।
- ଖାଇଫୋଡ ଯାତ୍ରା, ସ୍ଥାନ: ଭିମିଦାସ ପୁର ଓ ଦାସ ବିଦ୍ୟାଧରପୁର ଗ୍ରାମ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୨ଟା।
- ସର୍ବୋଦୟ ମେଳା କମିଟି ପକ୍ଷରୁ ସାହିତ୍ୟିକ ବନ୍ଧୁ ମିଳନ, ସ୍ଥାନ: ଗାନ୍ଧୀ ସ୍ମୃତି ପୀଠ, ପୁରୀ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ବିଷୁବ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗୀତାଭବନ ସଭାଗୃହ, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ମହାବୀର ମନ୍ଦିର ୫ମ ବାର୍ଷିକୋତ୍ସବ, ସ୍ଥାନ: ଦେଉଳଟାଙ୍ଗୀ ସୋମନାଥପୁର, ସମୟ: ପୂର୍ବାହ୍ନ୧୦ଟା।
- ପଞ୍ଚବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ ଓ ଭଜନ ସମାରୋହ, ସ୍ଥାନ: ଶ୍ରୀରଘୁନାଥ ମନ୍ଦିର, ଗଡ଼ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ବଜରଙ୍ଗ ଦଳ ପକ୍ଷରୁ ରାମେଶ୍ୱରରୁ ନିରାକାରପୁର ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା, ସ୍ଥାନ: ରାମେଶ୍ୱର, ସମୟ: ଅପରାହ୍ନ ୩ଟା।
- ସିଦ୍ଧମହାବୀର ଦେବଙ୍କ ୨୭ତମ ଜନ୍ମଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଜଟଣୀ ରେଲୱେ ଗୋଲେଇ ମାର୍କେଟ, ସମୟ: ସନ୍ଧ୍ୟା ୬ଟା ୩୦।
- ପଞ୍ଚମୁଖି ମହାବୀର ଦେବଙ୍କ ଜନ୍ମଉତ୍ସବ, ସ୍ଥାନ: ବାବା ପଞ୍ଚମୁଖି ମହାବୀର ମନ୍ଦିର ପ୍ରାଙ୍ଗଣ, ବଡ଼ତୋଟା, ଜଟଣୀ, ସମୟ: ସନ୍ଧ୍ୟା ୭ଟା।
- ସଙ୍କଟମୋଚନ ହନୁମାନ ଦେବଙ୍କ ପୀଠରେ ୨୨ତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ:ବିଶ୍ୱନାଥ କଲୋନୀ(ଗୋରୁହାଟ), ଜଟଣୀ, ସମୟ: ସନ୍ଧ୍ୟା ୭ଟା।
- ୩୪ତମ ବାର୍ଷିକ ଶ୍ରୀରାମଚରିତ ମାନସ, ପାରାୟଣ, ସ୍ଥାନ: ସଙ୍କଟମୋଚନ ହନୁମାନ ମନ୍ଦିର ଜରିପୁଟ, ସମୟ: ରାତି ୮ଟା।

## ବାଲେଶ୍ୱର

- ମା' ପରମ ବୈଷ୍ଣବାଣୀଙ୍କର ବାର୍ଷିକ ଉତ୍ସବ ଓ ହରିହାଟର ଦ୍ୱିତୀୟ ଦିବସ, ସ୍ଥାନ: ରାଣୀପାଟଣା, ବାଲେଶ୍ୱର, ସମୟ: ଦିବସବ୍ୟାପୀ
- ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଅମ୍ବେଡକରଙ୍କ ୧୩୪ତମ ଜୟନ୍ତୀ ଓ ସଚେତନତା ସଭା, କୀର୍ତ୍ତିନିଆରେ ଆମ୍ବେଦକର ବିକାଶ ପକ୍ଷରୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଆଲୋଚନାଚକ୍ର, ଟେଙ୍ଗରାମାରୀ ଗ୍ରାମଚଣ୍ଡୀ ପଡ଼ିଆରେ ୟୁଥ କ୍ଲବ ସହଯୋଗିତାରେ ଜୟନ୍ତୀ ସଭା, ସ୍ଥାନ: କୀର୍ତ୍ତିନିଆ ଓ ଟେଙ୍ଗରାମାରି ଗ୍ରାମ, ସମୟ: ସକାଳ ୮ଟାରୁ ସନ୍ଧ୍ୟା ୭ଟା।
- ୧୩୩ତମ ଜିଲାସ୍ତରୀୟ ବାବା ସାହେବ ଡ. ଭୀମରାଓ ଅମ୍ବେଡକର ଜୟନ୍ତୀ- ୨୦୨୪ ସମାରୋହ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- 'ମଧୁକାଞ୍ଚନ' କବିତା ସଂକଳନର ଲୋକାର୍ପଣ ଉତ୍ସବ, ସ୍ଥାନ: ଫକୀରମୋହନ ସାହିତ୍ୟ ପରିଷଦ, ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ମଧୁଗଣେଶଙ୍କ ପୂଜା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଅଣ୍ଡାଇଲୋ ପୂଜାମଣ୍ଡପ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ପୂଜ୍ୟପୂଜା ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ଖଡ଼ିପଦା, ଧାମନଗର, ସମୟ : ଅପରାହ୍ନ ୪ଟା।
- ପାଟଣମଙ୍ଗଳା ପୀଠରେ ପାଟୁଆ ଯାତ୍ରା, ସ୍ଥାନ: ଛତ୍ରପଦା, ତିହିଡ଼ି, ସମୟ: ସକାଳ ୭ଟା।
- ମା' ଭଗବତୀ ତାରିଣୀଙ୍କ ପୀଠରେ ପାଟୁଆ ଯାତ୍ରା, ସ୍ଥାନ: ଭାଟପଡ଼ା, ତିହିଡ଼ି, ସମୟ: ସକାଳ ୮ଟା।
- ବାଲ ବଜରଙ୍ଗୀ ସାଇକେଲ ଶୋଭଯାତ୍ରା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।

## କେନ୍ଦୁଝର

- ମା' ବିଶ୍ୱତାରିଣୀଙ୍କ ଚଇତି ପର୍ବ, ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ଛେନାପଦି ଛକ, ହାଟଡିହୀ, ସମୟ: ପ୍ରାତଃ ୫ଟା।
- ହନୁମାନ ଜୟନ୍ତୀ ଓ ରାମଚରିତ ପାଠ, ସ୍ଥାନ: ସୋସୋ, ହାଟଡିହୀ, ସମୟ: ପ୍ରାତଃ ୫ଟା।
- ହନୁମାନ ମନ୍ଦିରର ରତ୍ନମୁଦ ପୂର୍ଣ୍ଣ ଏବଂ ବାର୍ଷିକୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମରିଗାଁ, ହାଟଡିହୀ, ସମୟ: ପ୍ରାତଃ ୫ଟା ୩୦।
- ହନୁମାନ ଜୟନ୍ତୀ, ଭଜନ ସମାରୋହ, ସ୍ଥାନ: ପଡ଼ିଆରୀପଲ୍ଲୀ, ହାଟଡିହୀ, ସମୟ: ସକାଳ ୬ଟା।
- ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି, ସ୍ଥାନ: ପାଟଣା ବ୍ଲକ ଅଧୀନ ସ୍ୱାମ ହନୁମାନ ମନ୍ଦିର ସମୟ: ସକାଳ ୭ଟା।
- ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚମ୍ପୁଆ, ସମୟ: ସକାଳ ୯ଟା।
- ଶ୍ରୀ ହନୁମାନ ଜୟନ୍ତୀ ମହାସ୍ନାନ, ଝଣ୍ଡା ଯାତ୍ରା, ବାଇକ୍ ଶୋଭାଯାତ୍ରା, ସ୍ଥାନ: ଢେଙ୍କିକୋଟ ହନୁମାନ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଚଇତି ପରବ-୨୦୨୪ ଅବସରରେ ସପ୍ତଶତୀ ଚଣ୍ଡୀପାଠ, ସ୍ଥାନ: ମୋରଡ଼ା ବ୍ଲକ ମାଣିଦା, ସମୟ: ସକାଳ ୮ଟା।
- ବାସନ୍ତିକ ଦୁର୍ଗା ପୂଜାର ବିଲ୍ୱାଧିବାସ, ସ୍ଥାନ: ବାଘଡ଼ା ରୋଡ୍, ବାରିପଦା, ସମୟ: ସକାଳ ୯ଟା।
- ବାଥୁଡ଼ି ସାଂସ୍କୃତିକ ସମାଜ ପକ୍ଷରୁ ବଡ଼ାମ ଦେଙ୍କ ମନ୍ଦିର ନିର୍ମାଣ ଲାଗି ଭୂମି ପୂଜନ, ସ୍ଥାନ: ଉଦଳା ବ୍ଲକ ଅଧୀନ ପାଟପୁର, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜଳଦାନ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ସାହି ବ୍ଲକ ବେଲପାଳ, ସମୟ: ସକାଳ ୯ଟା।
- ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଓ ପ୍ରସାଦ ସେବନ, ସ୍ଥାନ: ବଡ଼ସାହି ବ୍ଲକ ଅଧୀନ ସୋରିଷକୋଠା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ସଙ୍ଗମ ପୀଠ ବାଲୁକାଶଯ୍ୟା, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ହନୁମାନ ମନ୍ଦିରରେ ଘୃତ ଯଜ୍ଞ ଓ ୧୦୮ହନୁମାନ ଚାଳିଶା ପାଠ, ସ୍ଥାନ:ବୈଦ୍ୟ ସାହି,ସମୟ:ସକାଳ ୭ଟା।
- ଆମ୍ବେଦକର ଜୟନ୍ତୀ ପାଳନ ନେଇ ବାଇକ ଶୋଭାଯାତ୍ରା, ସ୍ଥାନ: ଫାଷ୍ଟ ଗେଟ,ସମୟ- ପୂର୍ବାହ୍ନ ୧୦ଟା।
- କଳାକାର ଏକତା ମଞ୍ଚର ପଣା ଉତ୍ସବ,ସ୍ଥାନ:ଉତ୍କଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମପୁର କଳାକାର ଏକତା ମଞ୍ଚର 'ପଣା ଉତ୍ସବ', ସ୍ଥାନ: ଉତ୍କଳ ଆଶ୍ରମ,ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଲୋଚନା ଓ କବିତା ପାଠୋତ୍ସବ, ସ୍ଥାନ:କୁଇନ ମିଶନ ଉଚ୍ଚ ବିଦ୍ୟାଳୟ,ସମୟ:ଅପରାହ୍ନ ୫ଟା।
- ବ୍ରହ୍ମାକୁମାରୀ ରାଜଯୋଗ କେନ୍ଦ୍ର ପକ୍ଷରୁ ଆଧାତ୍ମିକ ସମ୍ମିଳନୀ, ସ୍ଥାନ: ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ଅଡିଟୋରିୟମ, ବ୍ରହ୍ମପୁର- ୧୦, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ହନୁମାନ ଜୟନ୍ତୀ ମହୋତ୍ସବ, ସ୍ଥାନ: ଗୁରୁକୃପା ଆଶ୍ରମ, ବାଣିବିହାର ଆସିକା, ସମୟ: ପ୍ରାତଃ ୪ଟା ୩୦ମି।
- ହନୁମାନ ଜୟନ୍ତୀ ମହୋତ୍ସବ, ବିଶ୍ୱଶାନ୍ତି ଅଖଣ୍ଡ ନାମଯଜ୍ଞ, ଜପଯଜ୍ଞ ସମାରୋହ ,ସ୍ଥାନ: ସରାଜ ସିଦ୍ଧି ପୀଠ, ଘୋଡ଼ାପଡା, ବାଦପଲ୍ଲୀ, ଖଲ୍ଲିକୋଟ, ସମୟ: ରବିବାର ସକାଳ ୬ଟାରୁ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ।

## କନ୍ଧମାଳ

- ହନୁମାନ ଜୟନ୍ତୀ ଉପଲକ୍ଷେ ୧୦୮ ଚାଳିଶା ପାଠ ଓ ଘୃତ ଯଜ୍ଞ, ସ୍ଥାନ : ହନୁମାନ ମନ୍ଦିର, ବାଲିଗୁଡା,ସମୟ: ସକାଳ ୮ ଟା।
- ଛାତ୍ରୀଛାତ୍ରଙ୍କ ପଣା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ନୀଳକନ୍ଦର ସାହି, ସମୟ: ପୂର୍ବାହ୍ନ ୧୦ ଟା।
- ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଭାରତ ଲୀଳା, ସ୍ଥାନ:ହରି ଓ ମା 'ତାରିଣୀ ପୀଠ , ଭଗମୁଣ୍ଡା,ବାଲିଗୁଡା,ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଦକରଙ୍କ ଜୟନ୍ତୀ, ସ୍ଥାନ: ଆମ୍ବେଦକର ଛକ, ଫୁଲବାଣୀ ସାହି, ସମୟ:ପୂର୍ବାହ୍ନ ୧୦ ଟା।
- ମା'ନାରାୟଣୀଙ୍କ ଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ. ସ୍ଥାନ: ଯାତ୍ରା ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସିମନବାଡି ପଞ୍ଚୁଦଣ୍ଡ ପରିଚାଳନା କମିଟର ପଣା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମା' ଦୁର୍ଗା ପୂଜା ମଣ୍ଡପ, ସମୟ:ମଧ୍ୟାହ୍ନ ୧୨ ଟା।
- ଶାଳବଣ ସାହିତ୍ୟ ସଂସଦ ତରଫରୁ ଜିଲ୍ଲା ସ୍ତରୀୟ ମହା ବିଷୁବ ଆସର ଓ ସାରସ୍ୱତ ସମାରୋହ, ସ୍ଥାନ :ବନବାସୀ ସେବା ସମିତି, ବାଲିଗୁଡା, ସମୟ: ଅପରାହ୍ନ ୧ଟା।
- ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଚଇତି ଘୋଡା ନାଚ, ସ୍ଥାନ:ହରି ଓ ମା 'ତାରିଣୀ ପୀଠ, ଭଗମୁଣ୍ଡା,ବାଲିଗୁଡ଼ା, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିଶା ପାଠ, ସୁନ୍ଦରାକାଣ୍ଡ ପାରାୟଣ ଓ ପ୍ରବଚନ, ସ୍ଥାନ: ନାଉଗାଁ ବ୍ଲକ ତିହୁଡ଼ାସ୍ଥିତ ମା'ଜଗୁଲାଇଙ୍କ ପୀଠ, ସମୟ: ସକାଳ ୬ଟା।
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ରଘୁନାଥପୁର ବ୍ଲକ ଅନ୍ତର୍ଗତ ବରାଗୋଳ ପଞ୍ଚାୟତର ଗରୁଆଳ ଓ ଗୋଠିଣା ହନୁମାନ ମନ୍ଦିର, ସମୟ: ସକାଳ ୬ଟା।
- ଝାମୁ ଯାତ୍ରା, ସ୍ଥାନ: ମା'ଉତ୍ତରେଶରୀ ପୀଠ, ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମ, ସମୟ: ସକାଳ ୬ଟା।
- ଉପାସନା ଯଜ୍ଞ ଓ ରାମନବମୀ କାର୍ଯ୍ୟକ୍ରମ, ସ୍ଥାନ: ହନୁମାନ ମନ୍ଦିର, ବେଳାଭୂମି ମାର୍ଗ, ପାରାଦୀପ, ସମୟ: ସକାଳ ୬ଟା।
- ହନୁମାନ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ଗୋରେଖନାଥ ପୀଠ ପରିସର, ସମୟ: ସକାଳ ୭ଟା।

## ନୟାଗଡ଼

- ପଣାଯାତ୍ରା ଅବସରରରେ ମା' ଦକ୍ଷିଣକାଳୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ନୟାଗଡ଼ ଦକ୍ଷିଣକାଳୀ ମନ୍ଦିର, ସମୟ: ପ୍ରାତଃ ୩ଟା।
- ମହାବୀର ଜୟନ୍ତୀ, ସ୍ଥାନ:କଣ୍ଟିଲେ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ପଞ୍ଚକୁଣ୍ଡିୟ ମହାଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ାର ଗିରି ହନୁମାନ ପୀଠ, ସମୟ: ସକାଳ ୭ଟା୩୦।
- ବିଷୁବ ମିଳନ, ଓଡ଼ିଆ ନବବର୍ଷ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ବଂଶୀଧର ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ାର ବ୍ଲକ ବଡ଼ବାଣପୁର, ସମୟ: ଅପରାହ୍ନ ୪ଟା।
- ଅରଟ ଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ଢ଼ୋଲମରା ମା' ମଙ୍ଗଳାଙ୍କ ପୀଠ, ସମୟ: ଅପରାହ୍ନ ୪ଟା।
- ପାଟମରା ଓ ଝାମୁଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ ହରି ସୁବୁଦ୍ଧି ପାଟଣା, ସମୟ- ଅପରାହ୍ନ ୪ଟା।
- ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ୫୮ତମ ଶ୍ରାଦ୍ଧୋତ୍ସବ ଓ ବିଷୁବ ମିଳନ ସମାରୋହ, ସ୍ଥାନ:ଦଶପଲ୍ଲାର ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଶ୍ରୀ ମହାବୀର ହନୁମାନ ଉପାସନା ସମିତି ପକ୍ଷରୁ ହନୁମାନ ଜୟନ୍ତୀ, ସ୍ଥାନ: କଚେରୀ ରୋଡ଼, ହନୁମାନ ଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ମହାବୀର କ୍ଲବ ପକ୍ଷରୁ ୧୬ତମ ଜିଲାସ୍ତରୀୟ ଲୋକ ଉତ୍ସବ ମହକ- ୨୦୨୪, ସ୍ଥାନ:ଝାଡମାଳ, ରାଜକନିକା, ସମୟ:ସକାଳ ୮ଟା।
- ବଜରଙ୍ଗ ଦଳ ପକ୍ଷରୁ ହିନ୍ଦୁ ଏକତା ଶୋଭାଯାତ୍ରା, ସ୍ଥାନ:ତିନିମୁହାଁଣୀ ରାମମନ୍ଦିର ଠାରୁ ଇଛାପୁର ମାଉସୀମା ରଥଦାଣ୍ଡ, କେନ୍ଦ୍ରାପଡ଼ା, ସମୟ:ସକାଳ ୯ଟା।
- ଡ. ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳନ, ସ୍ଥାନ:ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା, ସମୟ:ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀରାମ ଜନ୍ମୋତ୍ସବ, ସ୍ଥାନ: ଅଳପୁଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ରାମଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ସଂସାରଫଳ, ରାଜନଗର, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ନାମଯଜ୍ଞ, ସ୍ଥାନ:ମହାବୀର ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୬ଟା।

## ଯାଜପୁର

- କୁଆଁସ ମଙ୍ଗଳାଙ୍କ ମହୋତ୍ସବ, ସ୍ଥାନ: ଦଶରଥପୁର ବ୍ଲକ୍ ଅଞ୍ଚଳର ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଶାମେଶ୍ୱର ଉନ୍ନୟନ କମିଟି ପକ୍ଷରୁ ମହାବିଷୁବ ମିଳନ, ସ୍ଥାନ: ଯାଜପୁର ଅରିଲୋ ଶାମେଶ୍ୱର ପୀଠ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସକାଳ ୮ଟା।
- ମା'ଗୋପାଳଶୁଣୀ ପୀଠରେ ଯଜ୍ଞୋତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମସ୍ଥିତ ଗୋପାଳଶୁଣୀ ପୀଠ, ସମୟ ସକାଳ ୮ଟା।
- ଅଖିଳଚକ୍ର ଆନୁକୂଲ୍ୟରେ କବିତା ପାଠୋତ୍ସବ,ସ୍ଥାନ: ଯାଜପୁର ଅରିଲୋ ଶାମେଶ୍ୱର ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବବୀ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ବଡକାଏମା ପଞ୍ଚାୟତ ଆରଖପଦା ଗ୍ରାମର ଶ୍ରୀଜଗନ୍ନାଥ ଜୀଉ ପୂର୍ବଭାଗ ନଦୀତଟ ବଟବୃକ୍ଷ, ସମୟ: ଅପରାହ୍ନ ୪ଟା।
- ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ଶୋଭାଯାତ୍ରା, ସ୍ଥାନ: ବଡ଼ଚଣା ବ୍ଲକର ଛତିଆ, ସମୟ: ଅପରାହ୍ନ ୪ଟା।
- ମା' ସିଂହାରଶୁଣୀଙ୍କ ବାର୍ଷିକ ଯଜ୍ଞ ଉତ୍ସବରେ ପ୍ରବଚନ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ପଞ୍ଚାୟତର ସିଂହାରସାହି, ସମୟ: ସନ୍ଧ୍ୟା ୭ଟା ୩୦।

## ରାୟଗଡ଼ା

- ପ୍ରିଜାଇଡିଂ ଓ ଫାର୍ଷ୍ଟ ପୋଲିଂ ଅଫିସରଙ୍କ ତାଲିମ, ସ୍ଥାନ: ରାୟଗଡ଼ା ଅଟୋନମସ କଲେଜ ପରିସର, ସମୟ: ସକାଳ ୭ଟା୩୦।
- ଡକ୍ଟର ବି.ଆର୍. ଆମ୍ବେଡକରଙ୍କ ୧୩୩ତମ ଜୟନ୍ତୀ, ସ୍ଥାନ: ରାୟଗଡ଼ା ବସ୍‌ଷ୍ଟାଣ୍ଡ, ସମୟ : ସକାଳ ୭ଟା ୩୦।

## କୋରାପୁଟ

- ଭୋଟରଙ୍କୁ ସଚେତନ କରିବାକୁ ଦେଓମାଳି ପର୍ବତାରୋହଣ କାର୍ଯ୍ୟକ୍ରମ,ସ୍ଥାନ: ଦେଓମାଳି, କୋରାପୁଟ,ସମୟ: ସକାଳ ୬ଟା।
- ଅଭୟ ଆଞ୍ଜେନେୟଙ୍କ ପୀଠରେ ହନୁମାନ ଜୟନ୍ତୀ, ସ୍ଥାନ: ହନୁମାନ ବାଟିକା ନାଲ୍‌କୋ ଟାଉନଶିପ ଦାମନଯୋଡି, ସମୟ: ସକାଳ ୮ଟା।
- ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: କୋରାପୁଟ ଆମ୍ବେଡକର ପାର୍କ, ସମୟ: ସକାଳ ୯ଟା।
- ଏସ୍‌ସି/ଏସ୍‌ଟି ଆସୋସିଏଶନ ପକ୍ଷରୁ ଆମ୍ବେଡକର ଜୟନ୍ତୀ, ସ୍ଥାନ: ନାଲ୍‌କୋ ଟାଉନଶିପସ୍ଥିତ ଆମ୍ବେଡକର ଷ୍ଟାଡିୟମ, ଦାମନଯୋଡି, ସମୟ: ସକାଳ ୯ଟା।

## ମାଲକାନଗିରି

- ହିନ୍ଦୁ ବନବର୍ଷ ଉପଲକ୍ଷେ ବିଷୁବ ସାହିତ୍ୟ ଆସର, ସ୍ଥାନ: ମାଲକାନଗିରି ଏକ୍ସ ବୋର୍ଡ ୟୁପି ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ

- ଶ୍ରୀ ହନୁମାନଙ୍କ ଜନ୍ମୋତ୍ସବ ଓ ସୁନ୍ଦରାକାଣ୍ଡ ପାଠ, ସ୍ଥାନ: ହନୁମାନ ମନ୍ଦିର କାମାକ୍ଷାନଗର, ସମୟ: ସକାଳ ୭ ଟା।
- ଡ. ବିଆର ଆମ୍ବେଦକର ଜୟନ୍ତୀ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା
- ଶ୍ରୀ ହନୁମାନ ଜୟନ୍ତୀ, ସ୍ଥାନ: ହଳଦିକୁଣ୍ଡି କଙ୍କଡ଼ାହାଡ଼, ସମୟ: ସକାଳ୯ଟା।
- ମା' ବୁଢ଼ୀପଧଉଣୀଙ୍କ ବାର୍ଷିକ ପଣା ସଂକ୍ରାନ୍ତି ଯାତ୍ରା, ସ୍ଥାନ: ମଡିସାହି କାମାକ୍ଷାନଗର, ସମୟ: ସକାଳ ୯ଟା।
- ମହାବିଷୁବ ପଣା ସଂକ୍ରାନ୍ତି, ସ୍ଥାନ: କଣ୍ଟାପାଳ କଙ୍କଡ଼ାହାଡ଼, ସମୟ: ସକାଳ ୯ଟା।
- ହନୁମାନ ଜୟନ୍ତୀ, ସ୍ଥାନ: ବସ୍‌ଷ୍ଟାଣ୍ଡ ଟ୍ରଫିକ ଛକହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା
- ବିଷୁବ ମିଳନ ଓ କବି ବ୍ରଜନାଥ ବଡଜେନା ଜୟନ୍ତୀ, ସ୍ଥାନ :ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୦ଟା୧୫। .

## ଅନୁଗୋଳ

- ବିଷୁବ ସଂକ୍ରାନ୍ତି, ସ୍ଥାନ: ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରରେ ପଣା ସଂକ୍ରାନ୍ତି ପାଳନ, ସ୍ଥାନ: ତୁରଙ୍ଗ ଗ୍ରାମ ଗୌଡ ସାହି, ସମୟ: ସକାଳ ୯ଟା।
- ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ବଅଁରପାଳ ସେବାଶ୍ରମ, ସମୟ: ସକାଳ ୯ଟା।
- ନିର୍ବଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଆମ୍ବେଡକର ଜୟନ୍ତୀ, ସ୍ଥାନ: ହୁଲିରିସିଂହା, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ:ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।
- ପଣାସଂକ୍ରାନ୍ତି ଉପଲକ୍ଷେ ଅନ୍ନପ୍ରସାଦ ସେବନ, ସ୍ଥାନ: ନାଲ୍‌କୋ ତାରିଣୀ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ ଟା ୩୦।
- ଅନ୍ନପ୍ରସାଦ ସେବନ, ସ୍ଥାନ: ହନୁମାନ ମନ୍ଦିର, ସମୟ : ଅପରାହ୍ନ ୧ଟା।
- ମା' କଳାପାଟଙ୍କ ବାର୍ଷିକ ଯାତ୍ରା ମହୋତ୍ସବ , ସ୍ଥାନ: ବଅଁରପାଳ ବ୍ଲକ ପିଙ୍ଗୁଆ ଗ୍ରାମ , ସମୟ: ଅପରାହ୍ନ ୪ଟା ।
- ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ସଭାଘର, ସମୟ: ସନ୍ଧ୍ୟା ୫ଟା ୩୦।
- ବିଶ୍ୱଶାନ୍ତି ହନୁମାନ ଯଜ୍ଞ, ସ୍ଥାନ: ଅମଲାପଡ଼ା, ସମୟ: ସନ୍ଧ୍ୟା ୬ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗୁର୍ବାଦିତ୍ୟ ଯୋଗ ପ୍ରଭାବରୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟରୁ ସମ୍ମାନିତ ହେବେ। ବନ୍ଧୁ ପରିଜନଙ୍କ ସହ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି। ଉପସ୍ଥିତ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ମାତ୍ର ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ବୃଷ**
ଦ୍ୱିତୀୟ ଚନ୍ଦ୍ରଜନିତ ନିଜର ଆତ୍ମୀୟମାନଙ୍କ ସ୍ନେହ, ସହାନୁଭୂତି ଓ ଆଦର ଗୌରବ ଲାଭ କରିବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। କ୍ଷତିର ଆଶଙ୍କା କରି ବ୍ୟବସାୟକୁ ସଙ୍କୁଚିତ କରିନେଇପାରନ୍ତି।

**ମିଥୁନ**
ଧନାଧିପ ରାଶିରେ ରହିଥିବାରୁ ଅର୍ଥପ୍ରାପ୍ତି ସାଙ୍ଗକୁ କାର୍ଯ୍ୟସିଦ୍ଧି ଘଟିବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ଘରୋଇ ଆଲୋଚନା କ୍ଷେତ୍ରରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେବାର ସମ୍ଭାବନାକୁ ମଧ୍ୟ ଏଡ଼ି ହେବ ନାହିଁ। ବ୍ୟବସାୟ, ପରିବହନ, ଯାତ୍ରା, ଆଲୋଚନା କ୍ଷେତ୍ର ଭଲ ରହିବ।

**କର୍କଟ**
ଅଷ୍ଟମସ୍ଥ ପାପଗ୍ରହଜନିତ ଆଜି ଅପ୍ରିୟ ସତ୍ୟ ଭାଷଣରୁ ସମସ୍ୟା ସୃଷ୍ଟି ସାଙ୍ଗକୁ ଦୂରଦର୍ଶିତାବିହୀନ କାର୍ଯ୍ୟରୁ ଅପଦସ୍ଥ ହୋଇପାରନ୍ତି। ରାଶ୍ୟାଧିପତିଙ୍କ ସୁପ୍ରଭାବରୁ ଯୋଜନାରମ୍ଭ ପାଇଁ ପରିବାରରୁ ସହଯୋଗ ପାଇବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦୂର ହେବ। ବନ୍ଧୁଙ୍କ ମାଧ୍ୟମରେ ମୂଲ୍ୟବାନ୍ ଦ୍ରବ୍ୟ ଲାଭ କରି ଖୁସି ହୋଇପାରନ୍ତି।

**ସିଂହ**
ଭାଗ୍ୟସ୍ଥାନରେ ଉଚ୍ଚସ୍ଥ ଗ୍ରହ ପ୍ରଭାବରୁ କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଆବଶ୍ୟକତା ପୂରଣ ପାଇଁ କରଜ କରି କାମ ଚଳାଇ ନେବେ। ଆନୁଷ୍ଠାନିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଅଫିସ୍‌ରେ ନୂତନ ଦାୟିତ୍ୱ ଗ୍ରହଣ କରି ପରିସ୍ଥିତିବିଶତଃ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ।

**କନ୍ୟା**
ଗ୍ରହଯୋଗରୁ କର୍ମକ୍ଷେତ୍ରର ଦୁରବସ୍ଥାରେ ବିଶେଷ ଉନ୍ନତି ଦେଖାନଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇବ, ଏଣୁ ପୂର୍ବରୁ ସତର୍କ ରହିବା ଭଲ। ପଡ଼ୋଶୀଙ୍କ ପରାମର୍ଶରେ ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ।

**ତୁଳା**
ଦୀର୍ଘ ଦିନରୁ ଅଟକି ରହିଥିବା କାମ ସମ୍ପନ୍ନ ହେବା ଯୋଗୁ ମାନସିକ ଶାନ୍ତି ଲାଭ କରିବେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବାର ଆଶଙ୍କା ରହିଛି। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ରଚନାତ୍ମକ କାର୍ଯ୍ୟ, ଗବେଷଣା, ସାହିତ୍ୟ ସାଧନା, ଶିଳ୍ପ ଓ କାରିଗରି କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବିଛା**
ସଠିକ୍ ନିଷ୍ପତ୍ତି ନେବା ଯୋଗୁ ପ୍ରତ୍ୟେକ କାମରେ ସଫଳତା ମିଳିବ। ରାଜନୈତିକ, ଅର୍ଥନୈତିକ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କୋଣଭାବସ୍ଥ ଗ୍ରହ ପ୍ରଭାବରୁ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା ହେତୁ ଭରଣା ପାଇଁ ବିକଳ୍ପ ବ୍ୟବସ୍ଥା କରିପାରନ୍ତି।

**ଧନୁ**
ଗୁରୁଙ୍କ ଶୁଭଦୃ କାରଣରୁ ପରିସ୍ଥିତି କ୍ରମଶଃ ଭଲ ଦିଗକୁ ଗତି କରୁଥିବାର ଅନୁଭବ କରିବେ। ଯାହା ଚାହୁଁଛନ୍ତି ତାହା ପାଇବେ, କିନ୍ତୁ ଭାବିଚିନ୍ତି ନ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଅବହେଳିତ କାମ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିବ।

**ମକର**
ଆଜି ଚନ୍ଦ୍ର ଷଷ୍ଠ ସ୍ଥାନରେ ଥିବାରୁ ଭୁଲ୍ ବୁଝାମଣାଜନିତ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇପାରେ। ବୃହସ୍ପତିଙ୍କ ଶୁଭଦୃ ଯୋଗୁ ନୂଆ ଯୋଜନା କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେବେ। ଧନିଷ୍ଠା ଅଯଥା ଗୁଡ଼ାଏ କଥା ଆଶଙ୍କା କରି ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**
ପରସ୍ପର ବିରୁଦ୍ଧାତ୍ମକ ଗ୍ରହଜନିତ ଇଚ୍ଛା ବିରୋଧରେ କୌଣସି କାମ କରିବାକୁ ପଡ଼ିପାରେ। ଖଳ ଲୋକମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ପଡ଼ିବ।

**ମୀନ**
କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ଆପଣଙ୍କୁ ମିତ୍ର ବନ୍ଧୁମାନେ ଅସହଯୋଗ କିମ୍ବା ଈର୍ଷାପୋଷଣ କରିପାରନ୍ତି। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ବ୍ୟବସାୟ, ଯୋଗାଯୋଗ, ପରିବହନରେ ଉନ୍ନତି କରିବେ। ସହକର୍ମୀଙ୍କ ସହାୟତାରେ ଆଶା କରୁଥିବା ଜିନିଷ ପାଇ ଖୁସି ହୋଇଯିବେ।

ଆଜି ଏପ୍ରିଲ ୧୪ ତାରିଖ, ଅଗ୍ନିଶମ ଦିବସ, ଡ. ଆମ୍ବେଦକର ଜୟନ୍ତୀ, ଚୈତ୍ର ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୩୩ ଗତେ ଘ.୦୯।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୭ ଗତେ ଘ.୦୬।୦୦ ମଧ୍ୟେ ରାହୁକାଳ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୩ ମାଓବାଦୀ ଗିରଫ

**ମାଲକାନଗିରି, ୧୩।୪(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ଚାଲିଥିବା ମାଓବାଦୀ ବିରୋଧୀ ଅଭିଯାନ ଆଧାରରେ ଉସୁର ପୋଲିସ ଷ୍ଟେଶନ ଏବଂ କେରିପୁ ୧୯୬ର ମିଳିତ ବାହିନୀ ସର୍ଚ୍ଚ ଅପରେଶନରେ ପରମାପଲ୍ଲୀ ଅଭିମୁଖେ ଯାଇଥିଲେ। ପରମାପଲ୍ଲୀରୁ ଉସୁର ଫେରୁଥିବା ବେଳେ ଦୁଇଟି ବାଇକ୍‌ରେ ଜଙ୍ଗଲ ରାସ୍ତା ଦେଇ ସୁରେଶ କାକା, ନାଗେଶ କାଟମ ଓ ଡୁଲା କାକା ଦ୍ରୁତଗତିରେ ଯାଉଥିବା ଦେଖି ସେମାନଙ୍କୁ ଯବାନମାନେ ସନ୍ଦେହରେ ଅଟକାଇଥିଲେ। ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ଜଣାପଡିବାରୁ ତାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ କେତେକ ବିସ୍ଫୋରକ ସାମଗ୍ରୀ ମଧ୍ୟ ଯବାନମାନେ ଜବତ କରିଥିଲେ। ପଚରା ଉଚରା ବେଳେ କହିଥିଲେ, ସେମାନେ ମାଓବାଦୀ ସଙ୍ଗଠନକୁ ବିସ୍ଫୋରକ ସାମଗ୍ରୀ ଦେବାପାଇଁ ନେଇ ଯାଉଥିଲେ। ଏହାସହ ଅନେକ ସମୟରେ ସେମାନେ ଏହିପରି କାର୍ଯ୍ୟ କରୁଥିବା ମଧ୍ୟ ସ୍ୱୀକାର କରିଥିଲେ। ତେବେ ୩ ଗିରଫଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ଭାଜପା: ୨୦୦ ...

ମୁଖ୍ୟମନ୍ତ୍ରୀ ମମତାଙ୍କୁ 'ଦିଦି ଓ ଦିଦି' କହି ତାଚ୍ଛଲ୍ୟ କରିଥିଲେ। ଏହାକୁ ନେଇ ସେତେବେଳେ ପଶ୍ଚିମବଙ୍ଗ ସମେତ ଦେଶର ବିଭିନ୍ନ ଭାଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରିଣାମସ୍ୱରୂପ ଭାଜପାକୁ ପଶ୍ଚିମବଙ୍ଗରେ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ମମତା ଶନିବାର ଜଲପାଇଗୁଡ଼ିରେ ଏକ ସଭାକୁ ସମ୍ବୋଧିତ କରି ମତଦାତାଙ୍କୁ କହିଛନ୍ତି, ଏଥର ଆପଣମାନେ ଦିଦିଙ୍କୁ ଚାହୁଁଛନ୍ତି ନା ମୋଦିଙ୍କୁ। ବାବାସାହେବ ଆମ୍ବେଡ଼କରଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନକୁ ଭାଜପା ଧ୍ୱଂସ କରୁଛି। ଏହି ଦଳ ଲୋକ ସଭା ନିର୍ବାଚନରେ ୨୦୦ ଆସନ ଜିତିପାରିବ ନାହିଁ। ସେମାନେ ପଶ୍ଚିମବଙ୍ଗ ପାଇଁ କ'ଣ କରିଛନ୍ତି। ମୋଦିଙ୍କ ମିଛ ଗ୍ୟାରେଣ୍ଟି ଶୁଣି ପ୍ରଲୋଭିତ ନ ହେବା ପାଇଁ ମମତା ଭୋଟରଙ୍କୁ ପରାମର୍ଶ ଦେଇଛନ୍ତି। ଗତବର୍ଷ ମେ'ରେ ଅନୁଷ୍ଠିତ କର୍ନାଟକ ବିଧାନସଭା ନିର୍ବାଚନରେ ଭାଜପା ହାତରୁ କ୍ଷମତା ଛଡ଼ାଇନେଇ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ସିଦ୍ଧାରାମାୟା ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାକ୍ଷାତ୍‌କାର ଦେଇଛନ୍ତି। ସିଦ୍ଧାରାମାୟା କହିଛନ୍ତି, ବିରୋଧୀଙ୍କ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ଚଳିତ ନିର୍ବାଚନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରେ। ତେବେ ଶାସକ ଏନ୍‌ଡିଏ ମଧ୍ୟ କେନ୍ଦ୍ରରେ ସରକାର ଗଢ଼ିବା ଭଳି ପର୍ଯ୍ୟାପ୍ତ ଆସନ ଦଖଲ କରିପାରିବ ନାହିଁ। ଏଥର ଭାଜପାକୁ ବାଦ୍ ଦେଇ ସରକାର ଗଠନ ହେବାକୁ ଯାଉଛି। କାରଣ ଦେଶରେ ଗୈରିକ ଦଳ ବିରୋଧରେ ଭିତିରି ହାୱା ବହୁଛି। ନୀରବ ଭୋଟର କେଉଁ ଆଡ଼କୁ ଢଳିବେ ତାହା ଫଳ ଆସିଲେ ଆପଣମାନେ ଦେଖିବେ ବୋଲି ସେ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା ଆହୁରି କହିଛନ୍ତି, ମୋଦି ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରଠୁ କୌଣସି ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ଦରଦାମ ବୃଦ୍ଧି, ବେରୋଜଗାରି ଆଜି ମଧ୍ୟ ଦେଶରେ ବଡ଼ ପ୍ରସଙ୍ଗ ହୋଇରହିଛି। ତେଣୁ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ମିଶି ମୋଟ ୨୦୦ ଆସନ ପାଇବେ ନାହିଁ। ଏଭଳି ସ୍ଥିତିରେ ବିଜୁ ଜନତା ଦଳ (ବିଜେଡି) ସୁପ୍ରିମୋ ନବୀନ ପଟ୍ଟନାୟକ, ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ସମେତ ଦକ୍ଷିଣ ଭାରତୀୟ ନେତାମାନେ ବିରୋଧୀ 'ଇଣ୍ଡିଆ' ବ୍ଲକ୍‌ରେ ସାମିଲ ହୋଇ ସରକାର ଗଠନ ଦିଗରେ ଅଗ୍ରସର ହେବେ ବୋଲି ସିଦ୍ଧାରାମାୟା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଆଜିଠୁ ସମଲେଇ ମନ୍ଦିରରେ ...

ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଟ୍ରଷ୍ଟବୋର୍ଡ ପକ୍ଷରୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ। ମା'ଙ୍କ ପୀଠକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ସମେତ ମନ୍ଦିର ପୂଜକ, ସେବାୟତ ଓ କର୍ମଚାରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ କରାଯିବ। ତେବେ ମନ୍ଦିର ପରିବେଶର ପବିତ୍ରତା ରକ୍ଷା ସହିତ ମନ୍ଦିର ପରିସରରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବଜାୟ ରଖିବା ଲକ୍ଷ୍ୟରେ ଟ୍ରଷ୍ଟବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଭାପତି ବାବୁ କହିଛନ୍ତି। ଏହାସହ ମନ୍ଦିର ପୂଜକ, ସେବାୟତ ଓ କର୍ମଚାରୀମାନେ ଏହି ନିୟମକୁ ମାନି ମା'ଙ୍କ ପୀଠକୁ ଆସୁଥିବା ଭକ୍ତଙ୍କୁ ମଧ୍ୟ ଏ ଦିଗରେ ସଚେତନ କରିବାକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ନିବେଦନ କରାଯାଇଛି।

### ପୁଣି ତାତି ...

ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଜିଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଆସନ୍ତା ୧୫ରୁ ୧୭ତାରିଖ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ବୌଦ୍ଧ, କଟକ, କନ୍ଧମାଳ, କୋରାପୁଟ, ମାଲକାନଗିରି, ବାଲେଶ୍ୱର ଓ ଭଦ୍ରକ ଜିଲାକୁ ଅସହ୍ୟ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ କରାଯାଇଛି। ଅନ୍ୟପଟେ ଶନିବାର ରାୟଗଡ଼ାରେ ବର୍ଷା ହୋଇଥିବା ଜଣାପଡ଼ିଛି।

### କଂଗ୍ରେସର ଆଉ ୯ ...

ଲେଖାଶ୍ରୀ ସାମନ୍ତସିଂହାରଙ୍କ ସହିତ ହେବ । ୨୦୧୯ରେ କଂଗ୍ରେସ ଏହି ଆସନରୁ ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା। ୧୯୯୬ରେ ଶ୍ରୀକାନ୍ତ ଜେନା କେନ୍ଦ୍ରାପଡ଼ା ଆସନରୁ ଜନତା ପାର୍ଟି ଟିକେଟରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ବାଲେଶ୍ୱର ଲୋକ ସଭା ଆସନରୁ ବିଜୟୀ ହୋଇ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୨୦୧୪ରେ ସେ କଂଗ୍ରେସ ଟିକେଟରେ ଏଠାରୁ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ସେହିପରି ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପାର ଅପରାଜିତା ଷଡ଼ଙ୍ଗୀ ଓ ବିଜେଡିର ମନ୍ମଥ ରାଉତରାୟଙ୍କ ସହିତ କଂଗ୍ରେସ ପ୍ରାର୍ଥୀ ୟାସିର ନୱାଜଙ୍କର ମୁକାବିଲା ହେବ। ଏହା ପୂର୍ବରୁ ଗତ ୨ତାରିଖରେ ଦଳ ପ୍ରଥମ ପର୍ଯ୍ୟାୟରେ ୮ଟି ଲୋକ ସଭା ଏବଂ ୪୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ବରଗଡ଼ରୁ ସଞ୍ଜୟ ଭୋଇଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ସୁନ୍ଦରଗଡ଼ରୁ ଜନାର୍ଦ୍ଦନ ଦେହୁରୀ, ବଲାଙ୍ଗୀରରୁ ମନୋଜ ମିଶ୍ର, କଳାହାଣ୍ଡିରୁ ଦ୍ରୌପଦୀ ମାଝି, ନବରଙ୍ଗପୁରରୁ ଭୁଜବଳ ମାଝି, କନ୍ଧମାଳରୁ ଅମିର ଚାନ୍ଦ ନାୟକ, ବ୍ରହ୍ମପୁରରୁ ରଶ୍ମିରଞ୍ଜନ ପଟ୍ଟନାୟକ ଓ କୋରାପୁଟରୁ ସପ୍ତଗିରି ଉଲାକାଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଇତିମଧ୍ୟରେ ଉଭୟ ଭାଜପା ଏବଂ ବିଜେଡି ସମସ୍ତ ୨୧ ଲୋକ ସଭା ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। କଂଗ୍ରେସ ଆହୁରି ୪ ଆସନ ଆସିକା, ସମ୍ବଲପୁର, କଟକ ଏବଂ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ବାକି ରଖିଛି। ସେଥିମଧ୍ୟରୁ ମୟୂରଭଞ୍ଜ ପାଇଁ କଂଗ୍ରେସର ମେଣ୍ଟ ସହଯୋଗୀ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ ସୋରେନଙ୍କୁ ପ୍ରାର୍ଥୀ କରିଛି। ଏହି ଆସନକୁ କଂଗ୍ରେସ ଜେଏମ୍‌ଏମ୍‌କୁ ଛାଡ଼ିଦେବା ସମ୍ପର୍କରେ ୨ ଦିନ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି।

### ସ୍ୱାସ୍ଥ୍ୟକର ପାନୀୟ ...

କରିବା ପରେ ବର୍ନଭିଟାରେ ସ୍ୱାସ୍ଥ୍ୟପ୍ରଦ ପାନୀୟର କୌଣସି ଲକ୍ଷଣ ନ ଥିବା ଜଣାପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ଉକ୍ତ ପାନୀୟକୁ ସମସ୍ତ ଇକମର୍ସ କମ୍ପାନୀ ତଥା ପୋର୍ଟାଲ ସେମାନଙ୍କ ପ୍ଲାଟ୍‌ଫର୍ମର ହେଲ୍‌ଥ ଡ୍ରିଙ୍କ୍ ବର୍ଗରୁ ବାଦ୍ ଦେବାକୁ ପରାମର୍ଶ ଦିଆଯାଇଛି। ଗତ ମାସରେ ଏନ୍‌ସିପିସିଆର୍ ମୁଖ୍ୟ ପ୍ରିୟଙ୍କା କାନୁନ୍‌ଗୋ ଏହି ପ୍ରସଙ୍ଗରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟକୁ ପତ୍ର ଲେଖି ବର୍ନଭିଟା ଓ ଅନୁରୂପ ପାନୀୟକୁ ସ୍ୱାସ୍ଥ୍ୟକର ପାନୀୟ ବର୍ଗରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେବାକୁ ସୁପାରିସ କରିଥିଲେ।

# ୨ବର୍ଷ ହେଲା ଅଲିଭ୍ ରିଡ୍‌ଲେଙ୍କ ସଂଖ୍ୟା କମୁଛି

**କେନ୍ଦ୍ରାପଡ଼ା, ୧୩।୪(ଜଗନ୍ନାଥ ଧଳ)**



- ଚଳିତ ବର୍ଷ ମାତ୍ର ୩ ଲକ୍ଷ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ
- ୨୦୨୨ରେ ଆସିଥିଲେ ୫.୧ଲକ୍ଷ, ୨୦୨୩ରେ ୫ ଲକ୍ଷ
- ଚିନ୍ତା ପ୍ରକଟ କଲେ ପରିବେଶବିତ୍

୨୦୨୩ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଭିତରକନିକା ଜାତୀୟ ଉଦ୍ୟାନସ୍ଥିତ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରିଥିଲେ। ସେହିପରି ୨୦୨୨ରେ ଏମାନଙ୍କ ସଂଖ୍ୟା ୫.୧ ଲକ୍ଷରୁ ଊର୍ଦ୍ଧ୍ୱ ଥିଲା। ମାତ୍ର ଚଳିତ ବର୍ଷ ଏମାନଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ମାତ୍ର ୩ ଲକ୍ଷରୁ ଊର୍ଦ୍ଧ୍ୱ କଇଁଛ ଅଣ୍ଡାଦାନ କରିଥିବାରୁପରିବେଶବିତ୍‌ମାନେଚିନ୍ତାପ୍ରକଟକରିଛନ୍ତି।

ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ କଇଁଛ ଓ ହେନ୍ତାଳ ସୁରକ୍ଷା ସମିତି ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ପରିବେଶବିତ୍ ଶ୍ରୀକାନ୍ତ ନାୟକ ପ୍ରମୁଖ କହିଛନ୍ତି, ଅଣ୍ଡାଦାନ ପାଇଁ ଆସୁଥିବା ଅଲିଭ୍ ରିଡ୍‌ଲେଙ୍କ ସଂଖ୍ୟା ହ୍ରାସ ହେବା ତଟାଞ୍ଚଳର ବିଭିନ୍ନ କାରଣ ଏଥିପାଇଁ ଦାୟୀ। ଏହି ସାମୁଦ୍ରିକ ଅଞ୍ଚଳ ଏବେ ତଟକ୍ଷୟ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛି। ହେନ୍ତାଳ ବଣ ଏହି ସମସ୍ୟାର ସମାଧାନ ମାଧ୍ୟମ ହୋଇଥିଲେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ସଚେତନତା ଓ କାର୍ଯ୍ୟକ୍ରମ ଜାରି ରହୁନି। ଇତିମଧ୍ୟରେ ସାମୁଦ୍ରିକ ଅଞ୍ଚଳର ଅନେକ ଚଟକାକୁ ସାମୁଦ୍ରିକ ଜୁଆର ନିଶ୍ଚିହ୍ନ କରିଛି। ସେହିପରି ଚିଙ୍ଗୁଡ଼ି ଘେରି ବୃଦ୍ଧି ତଟାଞ୍ଚଳକୁ ନଷ୍ଟ କରୁଛି। ଏଠାରୁ ନିର୍ଗତ ରାସାୟନିକ ଦ୍ରବ୍ୟ ତଟାଞ୍ଚଳର ହେନ୍ତାଳ ବଣ ସହିତ ସାମୁଦ୍ରିକ ଜୀବ ପାଇଁ ଘାତକ ହୋଇଛି। ଏନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନି। ବେଆଇନ ଚିଙ୍ଗୁଡ଼ି ଘେରି ବୃଦ୍ଧିକୁ ରୋକାଯାଇ ପାରୁନାହିଁ। ଏହାବ୍ୟତୀତ ଚଳିତ ବର୍ଷ ସାମୂହିକ ଅଣ୍ଡାଦାନରେ ସଂଖ୍ୟା ହ୍ରାସ ପାଇଁ ପାଣିପାଗ ପରିବର୍ତ୍ତନ ଅନ୍ୟ ଏକ କାରଣ ସାବ୍ୟସ୍ତ ହୋଇଛି। ପୂର୍ବରୁ ମାର୍ଚ୍ଚ ମାସ ମଧ୍ୟରେ ଅଣ୍ଡାଦାନ ହେଉଥିବା ବେଳେ ଚଳିତ ବର୍ଷ ଏପ୍ରିଲ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଛି। ସେହିପରି ଗହୀରମଥା ସାମୁଦ୍ରିକ ଅଞ୍ଚଳର କଟକଣାକୁ ନ ମାନି ମତ୍ସ୍ୟଜୀବୀ ଅନବରତ ପଶି ଆସିବା, ଗିଲ୍ ନେଟ୍‌ରେ କଇଁଛଙ୍କ ମୃତ୍ୟୁ ହେବା ଆଦି କାରଣ ରହିଛି। ପ୍ରାକୃତିକ ପରିବେଶକୁ ନ ସଜାଡିଲେ ହରଚଣ୍ଡୀ ତଟାଞ୍ଚଳ ପରି ଆଗାମୀ ଦିନରେ ଗହୀରମଥାରେ ଅଲିଭ୍ ରିଡ୍‌ଲେଙ୍କୁ ଦେଖିବାକୁ ମିଳିବ ନାହିଁ ବୋଲି ପରିବେଶବିତ୍‌ମାନେ ସତର୍କ କରାଇଛନ୍ତି।

ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ପ୍ରଦୋଷ ମହାରଣା କହିଛନ୍ତି, କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ତଟକ୍ଷୟରୁ ମୁକ୍ତ ପାଇଁ ହେନ୍ତାଳ ବଣ ସୃଷ୍ଟି କରିବା, ସାମୁଦ୍ରିକ ଅଞ୍ଚଳକୁ କଡା ନଜରରେ ରଖିବା, ବେଆଇନ ଭାବେ ଅନୁପ୍ରବେଶ କରୁଥିବା ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ପରି କାର୍ଯ୍ୟକ୍ରମ ଜାରି ରଖିଛି। ଅଣ୍ଡାଦାନ ସଂଖ୍ୟା କମିବା କାରଣ ସମ୍ପର୍କରେ ବନ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଉଥିବା ରେଞ୍ଜ ଅଧିକାରୀ ମହାରଣା ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ନାହିଁ ବାଳକାଳେ
ତାହା ନାହିଁ କାଳେ କାଳେ।**

ପିଲାଦିନୁ ଯେଉଁ କଥା ଅଭ୍ୟାସ କରାଯାଇ ନ ଥାଏ, ବୃଦ୍ଧ ବେଳକୁ ସେକଥା କରିବାକୁ ଚାହିଁଲେ ସହଜରେ ହୋଇପାରି ନ ଥାଏ। ପିଲାଦିନର ଅଭ୍ୟାସ ସହଜରେ ବଦଳି ନ ଥାଏ। ଆଦ୍ୟରୁ ଯାହା ନାହିଁ ଉତ୍ତର କାଳରେ ତାହା ହେବା ଆଦୌ ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେତେ କହିଲେ ଭାଗବତ
ତୋଷ ନୁହଁଇ ମୋର ଚିତ୍ତ।**

ଅବୁଝା ଲୋକଙ୍କୁ ବୁଝାଇବା ଅତ୍ୟନ୍ତ କଷ୍ଟକର କାମ ହୋଇଥାଏ। ଏହି ଧରଣର ଲୋକେ କେବେ ବି କାହାର ପରାମର୍ଶ ବା ଉପଦେଶକୁ ଅତି ସହଜରେ ଗ୍ରହଣ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଅଟୋ ଓଲଟି ୧୦ ଆହତ

କୁଚିଣ୍ଡା,୧୩।୪(ବିରଞ୍ଚି ଦର୍ଶା)– ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଗୁଣ୍ଡୁରୁଟୁଆଁ ପଞ୍ଚାୟତର ଘୋଡାବାନ୍ଧୁଣି ବୁଲାଣିରେ ଶନିବାର ୧୦ଯାତ୍ରୀଙ୍କୁ ନେଇ ଆସୁଥିବା ଏକ ଡାଲା ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ୧୦ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ହାତ ଭାଙ୍ଗିଥିବାବେଳେ ଅନ୍ୟ ଜଣେ ମହିଳାଙ୍କ ଅଣ୍ଟାରେ ଆଘାତ ଲାଗିଛି। ଆହତ ସମସ୍ତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି।



ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ– ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। –ଶ୍ରୀଅରବିନ୍ଦ

-ମହାବିଷୁବ (ପଣା) ସଂକ୍ରାନ୍ତି, ରାଧାରମଣ ଦେବ ଓ ହନୁମାନ ଦେବଙ୍କ ଜୟନ୍ତୀ

# ଏପ୍ରିଲର ଇତିହାସ



ଆକାର ପଟେଲ

ତିନି ବର୍ଷ ପୂର୍ବେ, ୧୫ ଏପ୍ରିଲ ୨୦୨୧ରେ କୋଭିଡ଼ ଉପରେ ୩ ମାସ ମଧ୍ୟରେ ନ୍ୟାସନାଲ ଟାସ୍କଫୋର୍ସର ପ୍ରଥମ ବୈଠକ ହୋଇଥିଲା। (ଶେଷ ବୈଠକ ୧୧ ଜାନୁଆରୀ)। ସେହି ସମୟରେ ଦୈନିକ ସଂକ୍ରମଣ ୨,୧୭,୦୦୦ରେ ଥିଲାବେଳେ ୧୧୦୦ରୁ ଅଧିକ ମୃତ୍ୟୁ ଘଟୁଥିଲା। ଏହାର ୨ ଦିନ ପରେ, ୧୭ ଏପ୍ରିଲରେ ନରେନ୍ଦ୍ର ମୋଦିଙ୍କ ଆସାନସୋଲ ସମାବେଶରେ ଅନେକ ଲକ୍ଷ ଲୋକ ଉପସ୍ଥିତ ଥିଲେ। ସେହିଦିନ ୨,୬୦,୦୦୦ ସଂକ୍ରମିତ ହେବା ସହ ମୃତ୍ୟୁ ସଂଖ୍ୟା ଥିଲା ୧୫୦୦। ଏହି ସମୟ ପର୍ଯ୍ୟନ୍ତ ମୋଦି ଦ୍ରୁତ ସଂକ୍ରମଣ ବୃଦ୍ଧି ପ୍ରତି ଅଧିକ ଗୁରୁତ୍ୱ ଦେଇ ନ ଥିବା ଦେଖାଯାଇଥିଲା, ଯଦିଓ ସରକାରଙ୍କୁ ଆଗାମୀ ଦ୍ୱିତୀୟ ତରଙ୍ଗ ବିଷୟରେ ବାରମ୍ବାର ଚେତାବନୀ ଦିଆଯାଇଥିଲା। ୧୭ ଏପ୍ରିଲ ସନ୍ଧ୍ୟାରେ ମୋଦି ପଶ୍ଚିମବଙ୍ଗରୁ ଫେରି ବୋଧହୁଏ ଦିଲ୍ଲୀର ଡାକ୍ତରଖାନାଗୁଡ଼ିକରେ ଘଟିଥିବା ବିପର୍ଯ୍ୟୟ ସମ୍ପର୍କରେ ଜାଣିବା ପରେ ସ୍ଥିତିର ଗମ୍ଭୀରତା ହୃଦୟଙ୍ଗମ କରି କାର୍ଯ୍ୟ କରିଥିଲେ। ପରଦିନ ୧୮ ଏପ୍ରିଲରେ ମୋଦି କୁମ୍ଭ କାର୍ଯ୍ୟକ୍ରମ ବାତିଲ କରିଥିଲେ। ସେତେବେଳେ ଦୈନିକ ସଂକ୍ରମଣ ୨,୭୫,୦୦୦ ଥିଲା। ତଥାପି ମାଲଦା, ମୁର୍ଶିଦାବାଦ, ବୀରଭୂମ ଏବଂ କୋଲକାତା ରାଲି ବାତିଲ କରିବାକୁ ମୋଦିଙ୍କୁ ଆଉ ୪ ଦିନ ସମୟ ଲାଗିଯାଇଥିଲା। ସେତେବେଳକୁ ଦୈନିକ ସଂକ୍ରମଣ ୩,୩୨,୦୦୦ ଥିଲାବେଳେ ୨୨୦୦ ମୃତ୍ୟୁ ଘଟୁଥିଲା। ସେହିଦିନ ନିର୍ବାଚନ ଆୟୋଗ ସମସ୍ତ ଦଳ ପାଇଁ ରାଲି ଉପରେ ବାଧ୍ୟତାମୂଳକ ପ୍ରତିବନ୍ଧକ ଲଗାଇବାରୁ ମୋଦି ତାଙ୍କର ସବୁ ରାଲି ବାତିଲ କରିଥିଲେ।

ଏହି ଦ୍ୱିତୀୟ ଲହରରେ କୋଭିଡ଼ ରଣନୀତି ଚଳାଇବା ବ୍ୟତୀତ ମୋଦିଙ୍କ କାର୍ଯ୍ୟାଳୟରେ ଅନ୍ୟ କୌଣସି ଗଠନମୂଳକ କାର୍ଯ୍ୟ ନ ଥିଲା। ମାର୍ଚ୍ଚ ଏବଂ ଏପ୍ରିଲ ୨୦୨୧ ପର୍ଯ୍ୟନ୍ତ ଦ୍ୱିତୀୟ ଲହର ବଢୁଥିଲାବେଳେ ମହାମାରୀ ସମ୍ବନ୍ଧୀୟ କୌଣସି ପ୍ରସଙ୍ଗରେ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇ ନାହିଁ କିମ୍ବା ଆଲୋଚନା କରିନାହିଁ। କିନ୍ତୁ ୫ଥର କ୍ୟାବିନେଟ୍ ବୈଠକ ବସିଥିଲା। କେବଳ ବେଙ୍ଗାଲୁରୁର ମେଟ୍ରୋ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଏବଂ କିଛି ବୈଦେଶିକ ବୁଝାମଣା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ଏପରିକି ମେ ୧୧ ରେ କେବଳ ଉତ୍ତରାଖଣ୍ଡରେ ଏକ ରୋପ୍‌ୱେ ପ୍ରକଳ୍ପକୁ ଅନୁମୋଦନ କରିବା ପାଇଁ କ୍ୟାବିନେଟ ବସିଥିଲା। ମୋଦିଙ୍କ ଟିକାକରଣ ରଣନୀତି କିମ୍ବା ତାଙ୍କର କିଛି ଯୋଜନା ସମ୍ପର୍କରେ ମନ୍ତ୍ରୀମାନେ ଜାଣିବାକୁ ଚାହିଁ ନ ଥିଲେ। ମେ ୧୮ରେ ନୀତିନ ଗଡକରୀ ଟିକା ତିଆରି କରିବା ପାଇଁ ଅଧିକ ସଂସ୍ଥାକୁ ଲାଇସେନ୍ସ ପ୍ରଦାନ କରିବାକୁ କହିଥିଲେ। ହେଲେ ବୈଠକର ପରଦିନ ଏହି ରିପୋର୍ଟ ପ୍ରକାଶ କରାଯାଇଥିଲା। ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମୋଦି ସ୍ଥାଣୁ ପାଲଟିଯାଇଥିଲେ। ମାର୍ଚ୍ଚରୁ ସେପ୍ଟେମ୍ବର ୨୦୨୦ ପର୍ଯ୍ୟନ୍ତ ୭ ମାସ ମଧ୍ୟରେ ମୋଦି ୮୨ଟି ଜନ ସମାବେଶରେ ସଶରୀରେ କିମ୍ବା ଭର୍ଚୁଆଲି ଉପସ୍ଥିତ ଥିଲେ। ପରବର୍ତ୍ତୀ ୪ମାସ ମଧ୍ୟରେ ସେ ଏହିପରି ୧୧୧ଥର ସର୍ବସମ୍ମୁଖରେ ପ୍ରକଟ ହୋଇଥିଲେ। ଫେବୃଆରୀରୁ ୨୫ ଏପ୍ରିଲ ୨୦୨୧ ପର୍ଯ୍ୟନ୍ତ ସେ ୯୨ଥର ସାଧାରଣଙ୍କ ସମ୍ମୁଖକୁ ଆସିଥିଲେ। ୨୫ ଏପ୍ରିଲରୁ ମୋଦି କୁମ୍ଭ ଏବଂ ବଙ୍ଗଳା ସମାବେଶ ବନ୍ଦ କରିବା ପରେ ଅଦୃଶ୍ୟ ହୋଇଗଲେ। ଏହାପରେ ୨୦ ଦିନ ପର୍ଯ୍ୟନ୍ତ ତାଙ୍କୁ କୌଣସିଠାରେ ଦେଖିବାକୁ ମିଳି ନ ଥିଲା। ଲୋକମାନଙ୍କ ପାଇଁ ସରକାର ଅଧିକ ଆବଶ୍ୟକ ଥିବାବେଳେ ଭାରତର ପ୍ରଧାନମନ୍ତ୍ରୀ ଅଦୃଶ୍ୟ ହୋଇଯାଇଥିଲେ। ୨୦୨୦ ଏପ୍ରିଲ ଏବଂ ନଭେମ୍ବରରେ ଦୁଇଥର ଅମ୍ଳଜାନ ଅଭାବ ଶୀଘ୍ର ଦେଖାଦେବ ବୋଲି ସରକାରଙ୍କୁ ସତର୍କ କରାଯାଇଥିଲା। ଏପ୍ରିଲ ପୂର୍ବରୁ ମୋଦି ମହାମାରୀକୁ ଗମ୍ଭୀରତାର ସହ ନେଇ ନ ଥିଲେ। ସେ ଏହାକୁ ବ୍ୟକ୍ତିଗତ ଭାବେ ପରିଚାଳନା କରିବାକୁ ଜିଦ ଧରିଥିଲେ। ମହାମାରୀ ମୁକାବିଲା ପାଇଁ ଯଦି କୌଣସି ରଣନୀତି ଥିଲା, ତେବେ ତାହା ସିଧାସଳଖ ମୋଦିଙ୍କ କାର୍ଯ୍ୟାଳୟରୁ ଆସିଥିଲା।

ଫେବୃଆରୀ ଶେଷରେ ଏକ ଲହର ଆରମ୍ଭ ହୋଇଥିଲେ ମଧ୍ୟ ଅଧିକ ସଂଖ୍ୟାରେ ସମାବେଶ ହୋଇଥିଲା। ମାର୍ଚ୍ଚର ୪ ସପ୍ତାହ ଏବଂ ଏପ୍ରିଲର ୩ ସପ୍ତାହ ମଧ୍ୟରେ ଭାରତରେ ଭାଜପା ଦ୍ୱାରା ଅନେକ ବୃହତ୍ ସମାବେଶ ଆୟୋଜିତ ହୋଇଥିଲା କିମ୍ବା ଦଳ ଏହାକୁ ଅନୁମୋଦନ ଏବଂ ଉତ୍ସାହିତ କରିଥିଲା। ଏହାର ପରିଣାମ ଦେଶର ସ୍ୱାସ୍ଥ୍ୟସେବାରେ ଅନୁଭୂତ ହୋଇଥିଲା। ମହାମାରୀ ମୁକାବିଲାର ଦ୍ୱିତୀୟ ଦିଗଟି ହେଉଛି, ହଠାତ୍ ଲହରର ପ୍ରଭାବକୁ ଆକଳନ କରିବା ଏବଂ ଚିକିତ୍ସା ଉପକରଣର ପ୍ରସ୍ତୁତି। କିନ୍ତୁ ଏଥିରେ ବିଫଳତା ଦେଖାଗଲା। ୧ ମାର୍ଚ୍ଚରୁ ୩୦ ଏପ୍ରିଲ ପର୍ଯ୍ୟନ୍ତ ୮ ସପ୍ତାହ ମଧ୍ୟରେ ଭାରତର ଦୈନନ୍ଦିନ ସଂକ୍ରମଣ ୪୦ଗୁଣ ବୃଦ୍ଧି ପାଇଲା ଓ ୧୧,୦୦୦ରୁ ବଢ଼ି ୪,୦୦,୦୦୦ରୁ ଅଧିକ ହୋଇଗଲା। ବିଶ୍ୱର କୌଣସି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏହି ପ୍ରକାର ସଂକ୍ରମଣ ବିସ୍ଫୋରଣକୁ ସମ୍ଭାଳି ପାରିବ ନାହିଁ। ଜନସଂଖ୍ୟାକୁ ସୁରକ୍ଷା ଦେବାର ଏକମାତ୍ର ଉପାୟ ହେଉଛି ଉପକରଣ ଯୋଗାଡ଼ କରିବା। ସଂକ୍ରମଣ ଶୀର୍ଷ ସ୍ତରକୁ ଆକଳନକରି ଉପକରଣ ଉତ୍ପାଦନ କରି ଓ କିଣି ପାଖରେ ରଖିବା ଦରକାର। ହେଲେ ଭାରତ ତାହା କରି ନ ଥିଲା। ଏପ୍ରିଲ ୨୦୨୦ରେ ସରକାର ନିଷ୍ପତ୍ତି ନେଇଥିଲେ ଯେ, ଏହା ୫୦,୦୦୦ 'ମେକ୍ ଇନ୍ ଇଣ୍ଡିଆ' ଭେଣ୍ଟିଲେଟର କ୍ରୟ କରିବେ, କିନ୍ତୁ ଶେଷରେ ମହାମାରୀ ଚାଲିଯାଉଥିବା ନିଶ୍ଚିତ ହେବା ପରେ କେବଳ ୩୫,୦୦୦ କ୍ରୟ କରିଥିଲା। ମାରୁତି ପରି କର୍ପୋରେଟ୍‌ଗୁଡ଼ିକ ଭେଣ୍ଟିଲେଟର ତିଆରି କରିଥିବା କହିଥିଲେ ମଧ୍ୟ ସରକାର ସେଗୁଡ଼ିକୁ କିଣିବାକୁ ଚାହିଁ ନ ଥିଲେ। କୋଭିଡ୍ ମହାମାରୀ ଦ୍ୱିତୀୟ ଲହରର ୨ ମାସ ପୂର୍ବରୁ ୨୧ ଫେବୃଆରୀ ୨୦୨୧ରେ ଭାଜପା ଏକ ପ୍ରସ୍ତାବ ପାସ୍ କରିଥିଲା। ଏଥିରେ କୁହାଯାଇଥିଲା, ''ଗର୍ବର ସହ କୁହାଯାଇପାରେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷ, ସମ୍ବେଦନଶୀଳ ପ୍ରତିବଦ୍ଧତା ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ କେବଳ କୋଭିଡ୍‌କୁ ପରାସ୍ତ କରି ନାହିଁ, ବରଂ ଏହାର ସମସ୍ତ ନାଗରିକଙ୍କ ମଧ୍ୟରେ ଏକ 'ଆତ୍ମନିର୍ଭର ଭାରତ' ନିର୍ମାଣ କରିବାର ବିଶ୍ୱାସ ଜନ୍ମାଇଛି। କୋଭିଡ୍ ବିରୋଧୀ ଲଢ଼େଇରେ ଭାରତକୁ ଏକ ଗର୍ବିତ ତଥା ବିଜୟୀ ରାଷ୍ଟ୍ର ଭାବରେ ପରିଚିତ କରାଇଥିବାରୁ ଦଳ ଏହାର ନେତୃତ୍ୱକୁ ଅତ୍ୟଧିକ ପ୍ରଶଂସା କରେ।'' ହେଲେ ଯେତେବେଳେ ଶ୍ମଶାନରେ ମୃତକଙ୍କ ପାଇଁ ଜାଗା ମିଳିଲା ନାହିଁ ସେତେବେଳେ ସରକାରଙ୍କ ପକ୍ଷରୁ କୌଣସି ମନ୍ତବ୍ୟ ସାମ୍ନାକୁ ଆସିଲା ନାହିଁ। ଏହି ଇତିହାସ ୩ ବର୍ଷ ପୂର୍ବେ ଆମ ସହିତ ଘଟିଥିଲା ଏବଂ ଏହାକୁ ଭୁଲିଯିବା ଉଚିତ ନୁହେଁ।

Email:aakar.patel@gmail.com

# ବିଷୁବ: ବିଶ୍ୱାସ ଓ ବିଜ୍ଞାନ



ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରକୃତି ଓ ପରିବେଶ ସହିତ ଜୀବଜଗତ ଓତପ୍ରୋତ ଭାବେ ଜଡ଼ିତ। କେବଳ ଅନୁକୂଳ ପରିବେଶ ଯୋଗୁ ପୃଥିବୀରେ ସମ୍ଭବ ହୋଇଛି ଜୀବଜଗତର ସୃଷ୍ଟି ଓ ବିକାଶ। ଏହି କଥାଟି ଆମ ଅପେକ୍ଷା ବେଶି ବୁଝିଥିଲେ ଆମ ପୂର୍ବଜମାନେ। ପ୍ରକୃତିର ଚାରୁ ସୁଷମା ତାଙ୍କ ମନରେ ଯେତିକି ଆନନ୍ଦ ଆଣି ଦେଇଥିଲା, ସେତିକି ଭୟ ସଞ୍ଚାର କରିଥିଲା ତା'ର ରୌଦ୍ର ରୂପ। ପ୍ରକୃତିର ବିଧ୍ୱଂସକାରୀ ରୂପ ଦେଖି ସେମାନେ ଭୟ ପାଇ ଯାଇଥିଲେ ସତ, କିନ୍ତୁ ହାରିଯିବା ପରିବର୍ତ୍ତେ ଖୋଜିଥିଲେ ସେଥିରୁ ନିସ୍ତାର ପାଇବାର ଉପାୟ। ଦୀର୍ଘ ଅନୁଭୂତି ଓ ଗଭୀର ଅନୁଶୀଳନ ବଳରେ ଶିଖିଥିଲେ ପ୍ରକୃତିକୁ ଜୀବନ ଉପଯୋଗୀ କରିବାର କଳା। ଏହି କଳା ହିଁ ବିଜ୍ଞାନ। ଏହି ଦୃଷ୍ଟିରୁ ଆମ ପୂର୍ବଜମାନେ ଥିଲେ ପୋଖତ ବିଜ୍ଞାନୀ। ସେମାନେ ଜାଣିଥିଲେ ପ୍ରକୃତି ଓ ବିଜ୍ଞାନ ପରସ୍ପର ବିରୋଧୀ ନୁହନ୍ତି, ବରଂ ପରିପୂରକ। ପ୍ରକୃତି ବିନା ବିଜ୍ଞାନର କଳ୍ପନା ଅସମ୍ଭବ ଏବଂ ପ୍ରକୃତିର ସୁସ୍ଥତା ଓ ପରିପୁଷ୍ଟତା ଉପରେ ନିର୍ଭର କରେ ବିଜ୍ଞାନର ସଫଳତା। ତେଣୁ ବୈଜ୍ଞାନିକ ଆବିଷ୍କାରର ପ୍ରୟୋଗ ଯଦି ପ୍ରକୃତି ବିରୋଧରେ ଯାଏ, ତେବେ ତାହା ମଣିଷ ଜାତି ତଥା ସମଗ୍ର ଜୀବ ଜଗତ ପ୍ରତି ହାନିକାରକ। ଏହି ବିଚାରବୋଧ ନେଇ ସେମାନଙ୍କ ଭିତରେ ସ୍ୱତଃ ଜାଗ୍ରତ ହୋଇଥିଲା ପ୍ରକୃତିର ଅଲୌକିକ ଶକ୍ତି ପ୍ରତି ଶ୍ରଦ୍ଧା, ସମ୍ମାନ ଜଣେଇବାର ପ୍ରବଣତା। ବିମୁଗ୍ଧ କୃତଜ୍ଞତା ଭାବରୁ ଆସିଥିଲା ଭକ୍ତି ଓ ବିଶ୍ୱାସ।

ଆମ ପ୍ରାଚୀନ ବିଦ୍ୱାନ୍‌ମାନେ ଧର୍ମନିଷ୍ଠ ଓ ବିନମ୍ର ଆସ୍ତିକ ଥିଲେ ଏବଂ ସେମାନେ ଜାଣିଥିଲେ ବିଜ୍ଞାନ ଆମକୁ ଯେତିକି ସମୃଦ୍ଧ କରେ, ସେତିକି ଶୃଙ୍ଖଳିତ କରେ ବିଶ୍ୱାସ। ବିଜ୍ଞାନର ସଫଳ ପ୍ରୟୋଗ ନିମନ୍ତେ ବିଶ୍ୱାସର ଦୃଢ଼ତା ଆବଶ୍ୟକ, ଯା'ର ଆଧାର ଭୂମି ହେଉଛି ଧର୍ମାଚାର ଓ ଆଧ୍ୟାତ୍ମିକତା। ତେଣୁ ପୃଥିବୀର ପାରିବେଶିକ ସନ୍ତୁଳନ ନିମନ୍ତେ ସମସ୍ତ ପରିଯୋଜନା ଓ ପରିକଳ୍ପନାକୁ ସେମାନେ ପ୍ରୟୋଗ କରିଥିଲେ ଆଧ୍ୟାତ୍ମିକତାର ଗଣ୍ଡି ଭିତରେ। ପରିବେଶ ପ୍ରତି ପ୍ରତିବଦ୍ଧତା ବୃଦ୍ଧି କରିବାର ଦୂରଦୃଷ୍ଟି ନେଇ ବିଭିନ୍ନ ନୀତି ନିୟମର ଅବତାରଣା କରିଥିଲେ ଭିନ୍ନ ଭିନ୍ନ ପୁରାଣ ଓ ଧର୍ମ ଶାସ୍ତ୍ରରେ। ପରିବେଶ ଉପଯୋଗୀ ଲୋକାଚାରର ପରିକଳ୍ପନା ଓ ପ୍ରୟୋଗ କରିଥିଲେ ଉତ୍ସବ ଅନୁଷ୍ଠାନ ଜରିଆରେ, ଯା'ର ଏକ ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ ହେଉଛି ବିଷୁବ ସଂକ୍ରାନ୍ତି।

ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସକଳ ଶକ୍ତିର ଆଧାର ସୂର୍ଯ୍ୟ ହେଉଛନ୍ତି ନବଗ୍ରହଙ୍କ ସ୍ୱାମୀ। ତାଙ୍କର ନିୟମିତ ଗତି ମଧ୍ୟରେ ରାଶି ପରିବର୍ତ୍ତନ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ସଂକ୍ରମଣ ବା ସଞ୍ଚାର ତିଥିର ନାମ ସଂକ୍ରାନ୍ତି। ଏହି ସଞ୍ଚାର ଧାରାରେ ସୂର୍ଯ୍ୟଙ୍କର ମେଷ ରାଶିରେ ପ୍ରବେଶ ତିଥିକୁ କୁହାଯାଏ ମହାବିଷୁବ ସଂକ୍ରାନ୍ତି। ଓଡ଼ିଆ ପଞ୍ଜିକା ଅନୁଯାୟୀ ଏହି ପୁଣ୍ୟ ମୁହୂର୍ତ୍ତରୁ ସୂର୍ଯ୍ୟଙ୍କର ନୂତନ ସମ୍ବତ୍ସର ଯାତ୍ରା ଆରମ୍ଭ ହୁଏ ଏବଂ ଏହି ପବିତ୍ର ତିଥି ହିଁ ଓଡ଼ିଆ ଜନସମୁଦାୟ ପାଇଁ ନୂଆବର୍ଷ ଭାବରେ ପରିଚିତ। ବିଷୁବ ବୃତ୍ତର ପ୍ରଥମ ବିନ୍ଦୁରେ ମାର୍ତ୍ତଣ୍ଡଙ୍କ ସ୍ଥିତି ଯୋଗୁ ପ୍ରଚଣ୍ଡ ରୌଦ୍ର ତାପ ସାଙ୍ଗକୁ ପ୍ରଖର ହୁଏ ଉଷ୍ଣ ବାୟୁ ପ୍ରବାହ। ଏଥିରୁ ନିସ୍ତାର ପାଇବାର ଉପାୟ ହେଉଛି ପରିବେଶ ସୁରକ୍ଷା।

ପରିବେଶ ସୁରକ୍ଷା କଥା କହିଲେ ଆଗେ ଆଖି ଆଗକୁ ଆସେ ବୃକ୍ଷ। ପ୍ରାଣ ସଞ୍ଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଆରମ୍ଭକରି ଖାଦ୍ୟ, ବସ୍ତ୍ର, ବାସ ଓ ଔଷଧ ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅବର୍ଣ୍ଣନୀୟ। ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡକୁ ବିସ୍ତାରିତ ବୃକ୍ଷ ନିଜ ମଥାରେ ପ୍ରଚଣ୍ଡ ରୌଦ୍ର ତାପ ସହି ଆଶ୍ରିତ ପଥିକକୁ ପ୍ରଦାନ କରେ ଶୀତଳ ଛାୟା। ନିଜ ପର ବିଚାର ନ କରି ସେ ଦେଇଚାଲେ ଫଳ, ପୁଷ୍ପ ଓ ପତ୍ର ଇତ୍ୟାଦି। ଏପରିକି ବୃକ୍ଷର ମୂଳ କର୍ତ୍ତନ କରୁଥିବା କାଠୁରିଆକୁ ବି ଛାୟା ପ୍ରଦାନ କରିବାରେ ତା'ର ନ ଥାଏ ସାମାନ୍ୟତମ କାର୍ପଣ୍ୟ। ଅର୍ଥାତ ବୃକ୍ଷ ହେଉଛି ଯୋଗ ଓ ସହିଷ୍ଣୁତାର ପ୍ରତୀକ। ଅନେକ ଉପକାରର ବଳିଷ୍ଠ ଉତ୍ସ। ତା'ର ମହନୀୟ ଗୁଣ ଭିତରୁ ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟକୁ ଉପଲବ୍ଧି କରିଥିଲେ ପ୍ରାଚୀନ ଭାରତର ମୁନିଋଷିମାନେ। ବୃକ୍ଷ ଦେବତାଙ୍କ ପ୍ରତି ପୂଜା ଅର୍ଘ୍ୟ ଢାଳିବାର ପ୍ରବଣତା ସେମାନଙ୍କ ଭିତରେ ଜାଗି ଉଠିଥିଲା। ସେମାନଙ୍କ ଆଧ୍ୟାତ୍ମିକ ଅନୁଭବ ଓ ସୈଦ୍ଧାନ୍ତିକ ବିଚାର ଜନ ସମୁଦାୟକୁ ଏଭଳି ପ୍ରଭାବିତ କରିଥିଲା ଯେ ଭାରତୀୟ ସଂସ୍କୃତି ଓ ପରମ୍ପରା ସହିତ ଯୋଡ଼ି ହୋଇଯାଇଥିଲା ବର, ଅଶ୍ୱତ୍ଥ, ଅଶୋକ, ଲିମ୍ବ, ବେଲ ଓ ତୁଳସୀ ଆଦି ଅନେକ ପ୍ରକାର ବୃକ୍ଷଲତା। ବେଦରେ ଅଶ୍ୱତ୍ଥ ଗଛକୁ କୁହାଯାଇଛି ସର୍ବଦେବଙ୍କ ନିବାସସ୍ଥଳ ବା ଦେବସଦନ। ଶ୍ରୀମଦ୍ ଭାଗବତ ପୁରାଣ ଅନୁସାରେ ଆଦିମୂଳ ପରମାତ୍ମା ହେଉଛନ୍ତି ଆଦିବୃକ୍ଷ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି– ବୃକ୍ଷ ରୂପରେ ମୁଁ ଅଶ୍ୱତ୍ଥ ଅଟେ। ଭଗବାନ ବୁଦ୍ଧ ଅଶ୍ୱତ୍ଥ ଗଛ ମୂଳେ ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିବାରୁ ଏହା ବୋଧିବୃକ୍ଷ ଭାବରେ ପରିଚିତ। ଶାସ୍ତ୍ର ଅନୁସାରେ ବଟବୃକ୍ଷ ହିଁ ସାକ୍ଷାତ ଶିବଙ୍କ ସ୍ୱରୂପ। ପଞ୍ଚସଖା ଯୁଗର ସାଧକ ଅଚ୍ୟୁତାନନ୍ଦ ଦାସଙ୍କ ମତରେ ବଟବୃକ୍ଷ ମୂଳେ



ବସି ରାମନାମ ଜପ କଲେ ଦୁଃଖ ଲାଘବ ପାଇଁ ପ୍ରକଟ ହୁଅନ୍ତି ସ୍ୱୟଂ ପ୍ରଭୁ ଶ୍ରୀରାମ। ସନ୍ଥ ତୁଳସୀ ଦାସ ଭଗବାନ ଶ୍ରୀରାମଙ୍କୁ ସଂସାର ବୃକ୍ଷ ବୋଲି ସମ୍ବୋଧନ କରି ଲେଖିଛନ୍ତି– 'ସଂସାର ବୃକ୍ଷଂ ନମାମହେ।' ଶ୍ରୀଚୈତନ୍ୟ ବୃକ୍ଷର ସହିଷ୍ଣୁତା ଗୁଣରେ ଅଭିଭୂତ ହୋଇ ବୈଷ୍ଣବମାନଙ୍କୁ ବୃକ୍ଷ ପରି ସହିଷ୍ଣୁ ହେବା ପାଇଁ ଆହ୍ୱାନ ଦେଇ କହିଛନ୍ତି–'ତରୋରିବ ସହିଷ୍ଣୁନା'। ବୃକ୍ଷ ରୋପଣ ହିଁ ଧର୍ମ ଅର୍ଜନର ଏକ ଉତ୍ତମ ମାର୍ଗ।

ମତ୍ସ୍ୟ ପୁରାଣରେ କୁହାଯାଇଛି ଗୋଟିଏ ପୁଷ୍କରିଣୀ ଖନନ ଦଶଟି କୂପ ଖନନର ପୁଣ୍ୟ ସହିତ ସମାନ। ଗୋଟିଏ ଜଳଭଣ୍ଡାର ଦଶଟି ପୁଷ୍କରିଣୀ ସହିତ ସମତୁଲ। ଗୋଟିଏ ପୁତ୍ର ଦଶଟି ଜଳଭଣ୍ଡାର ଓ ଗୋଟିଏ ଗଛ ଦଶଟି ପୁତ୍ର ସହ ସମାନ। ତେଣୁ ଧର୍ମ ଅର୍ଜନ ପାଇଁ ଲୋକେ ଆଗ୍ରହରେ ବୃକ୍ଷ ରୋପଣ କରୁଥିଲେ ଏବଂ ବୃକ୍ଷ ଛେଦନ କଥା ଭାବିଲେ ମନରେ ଜାଗିଉଠୁଥିଲା ଏକ ଜୀବନ୍ତ ସତ୍ତାକୁ ହତ୍ୟା କରିବାର ଅପରାଧବୋଧ। ରାଜା ଓ ଜମିଦାରମାନେ ବୃକ୍ଷ ରୋପଣକୁ ଜନମଙ୍ଗଳ କାର୍ଯ୍ୟ ଭାବି ପର୍ଯ୍ୟାପ୍ତ ପରିମାଣର ବୃକ୍ଷ ରୋପଣ କରୁଥିଲେ ରାସ୍ତାକଡ଼ ଓ ଖୋଲା ପଡ଼ିଆରେ। ଲୋକେ ଗାଁ ମୁଣ୍ଡରେ ବର ଓସ୍ତ ଗଛ ଲଗାଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖରେ ତା' ମୂଳରେ ପାଣି ଢାଳୁଥିଲେ, ଯା'ର ସଙ୍କେତ ବହନ କରେ ବିଷୁବ ସଂକ୍ରାନ୍ତି। ବୃକ୍ଷ ପ୍ରତି ଲୋକଙ୍କର ଏହି ଆତ୍ମୀୟତା ଯୋଗୁ ଏକଦା ସବୁଜିମାରେ ପୂରି ଉଠିଥିଲା ପରିବେଶ।

ଆୟୁର୍ବେଦକୁ କୁହାଯାଏ ନୀରୋଗର ମନ୍ତ୍ର। ତୁଳସୀ ପତ୍ର ସେହି ଆୟୁର୍ବେଦ ଔଷଧର ଏକ ମୁଖ୍ୟ ଉପାଦାନ। ତୁଳସୀ ଏକ ସର୍ବରୋଗ ବିନାଶକାରୀ ଗୁଳ୍ମ ଏବଂ ତା'ର ଉପକାର ବହୁବିଧ। ତେବେ ତା'ର ଧାର୍ମିକ ଓ ଆଧ୍ୟାତ୍ମିକ ମହତ୍ତ୍ୱଠାରୁ ଔଷଧୀୟ ପ୍ରୟୋଗ ବେଶି। ଏହା ବୈଶାଖର ପ୍ରଚଣ୍ଡ ରୌଦ୍ରତାପରେ ଶୀଘ୍ରଶୀଘ୍ର ଶୁଖିଯାଏ ଏବଂ ସୁରକ୍ଷା ପାଇଁ ଆବଶ୍ୟକ ନିୟମିତ ଜଳ ସିଞ୍ଚନ। ଏହା ହିଁ ଥିଲା ଆମ ପୂର୍ବଜଙ୍କ ପାଇଁ ଚିନ୍ତାର ବିଷୟ। କାରଣ ଜଳ ସଂରକ୍ଷଣ ଥିଲା ସେମାନଙ୍କ ପାଇଁ ଉପାସନା। ଗୋଟିଏ ପଟରେ ତୁଳସୀର ସୁରକ୍ଷା ଓ ଅନ୍ୟ ପଟରେ ଜଳର ସମୁଚିତ ବ୍ୟବହାର– ଏହି ଉଭୟ କଥାକୁ ଦୃଷ୍ଟିରେ ରଖି ସେମାନେ ତିଆରି କରିଥିଲେ ବିଷୁବ ସଂକ୍ରାନ୍ତିର ବିଧିବିଧାନ। ଆବିଷ୍କାର କରିଥିଲେ ବୁନ୍ଦା ଜଳ କ୍ଷରଣ ବା ଅଣୁ ଜଳସେଚନ ପ୍ରଣାଳୀ। ଏହାଦ୍ୱାରା ତୁଳସୀ ଗଛରେ ଜଳ ସିଞ୍ଚନ ହେବ, କିନ୍ତୁ ସିଞ୍ଚନ ପ୍ରକ୍ରିୟାରେ ନଷ୍ଟ ହେବନି ବୁନ୍ଦାଏ ବି ଜଳ। ଆଜି ପ୍ରତ୍ୟେକ ଓଡ଼ିଆ ଘର ଆଗରେ ବୃନ୍ଦାବତୀ ଉପରେ ଝୁଲୁଥିବା ବହୁଛିଦ୍ର ଯୁକ୍ତ ଜଳଘଟ ବା ବସୁନ୍ଧରା ଘଡ଼ିରୁ ଯେଉଁ ବୁନ୍ଦା ବୁନ୍ଦା ଜଳ ଝରି ପଡୁଛି, ତାହା ହିଁ ସେମାନଙ୍କ ଜ୍ଞାନଗର୍ଭା ଚିନ୍ତନର ଅମୃତମୟ ଫଳ। 'ଜୀବେଦୟା' ଭାବ ଭାରତୀୟ ସଂସ୍କୃତିର ବିଶେଷତ୍ୱ। ଏହି ମାନବୀୟ ଭାବଧାରାକୁ ଜାଗ୍ରତ କରେ ବିଷୁବ ସଂକ୍ରାନ୍ତି।

ମୋ– ୬୩୭୧୬୪୨୪୬୪

# ରାଷ୍ଟ୍ରପୁରୁଷ ଆମ୍ବେଡକର



ସର୍ବେଶ୍ୱର ବେହେରା

ଭାରତରତ୍ନ ଡ. ଭୀମରାଓ ଆମ୍ବେଡକର ସ୍ୱତନ୍ତ୍ରତା, ସମତା ଓ ସାମାଜିକ ନ୍ୟାୟ ଆଧାରିତ ସମାଜ ନିର୍ମାଣ କରିବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ। ସେଥିପାଇଁ ସେ ରାଜନୈତିକ ସ୍ୱାଧୀନତାଠାରୁ ସାମାଜିକ ସ୍ୱାଧୀନତାକୁ ମହତ୍ତ୍ୱ ଦେଇଥିଲେ। ସେ ଏହି ମହାନ୍ ଲକ୍ଷ୍ୟ ରଖି କାର୍ଯ୍ୟ କରୁଥିଲେ। ତାଙ୍କ ମତରେ ଦେଶରେ ରାଜନୈତିକ ସ୍ୱାଧୀନତା ପ୍ରାପ୍ତ କରିବା ସହଜ, କିନ୍ତୁ ସହସ୍ର ବର୍ଷ ଧରି ଭାରତୀୟ ସମାଜରେ ବ୍ୟାପ୍ତ ଅସ୍ପୃଶ୍ୟତା ଦୂର କରିବା ଅତ୍ୟନ୍ତ କଠୋର କାର୍ଯ୍ୟ। ଅସ୍ପୃଶ୍ୟତା ଦୂର କରିବା ରାଷ୍ଟ୍ର ହିତ ପାଇଁ କେବଳ ଆବଶ୍ୟକ ନୁହେଁ, ମାନବ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ ସର୍ବଦା କହୁଥିଲେ, ଇଂରେଜମାନଙ୍କ କବଳରୁ ସ୍ୱାଧୀନ ହେବା ପାଇଁ ଯେପରି ସମସ୍ତେ ସଂଘର୍ଷ କରୁଛନ୍ତି, ସେହିପରି ସ୍ୱଦେଶୀ ବନ୍ଧୁ ତଥା ସାମାଜିକ ଓ ଆର୍ଥିକ ଦାସତ୍ୱରୁ ସ୍ୱାଧୀନ ହେବା ପାଇଁ ପ୍ରଚେଷ୍ଟା ଆବଶ୍ୟକ। ଏହି ଦୁଇ ପ୍ରକାର ସଂଘର୍ଷ କରିବା ଆବଶ୍ୟକ।

ଦେଶଭକ୍ତିର ସଙ୍କଳ୍ପନା କେବଳ ରାଜନୈତିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ। ସାମାଜିକ ସ୍ୱତନ୍ତ୍ରତା ପାଇଁ ମଧ୍ୟ ପ୍ରଚେଷ୍ଟା ହେବା ଆବଶ୍ୟକ। ଡ. ଆମ୍ବେଡକର ନିଜର ସମଗ୍ର ଜୀବନ ଏହି ଯଜ୍ଞରେ ଆହୁତି ଦେଇଥିଲେ। ସମାଜରୁ ଅସ୍ପୃଶ୍ୟତା ଦୂର କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିପାଇଁ ସେ କଦାପି ରାଷ୍ଟ୍ର ହିତ ସହିତ ସାଲିସ୍ କରିନାହାନ୍ତି। ତାଙ୍କର ରାଷ୍ଟ୍ର ପ୍ରତି ନିଷ୍ଠା ସମ୍ବନ୍ଧରେ ଅନେକ ଉଦାହରଣ ଦେଖିବାକୁ ମିଳେ। ଯେତେବେଳେ ହାଇଦ୍ରାବାଦକୁ ଭାରତ ରାଷ୍ଟ୍ର ସଂଘ ସହିତ ସମ୍ମିଳିତ କରିବା ପାଇଁ ସାଧାରଣ ଜନତା ଆନ୍ଦୋଳନ କରୁଥିଲେ, ସେତେବେଳେ ନିଜାମର ସୈନ୍ୟବାହିନୀ ଦଳିତ ଓ ଅସ୍ପୃଶ୍ୟମାନଙ୍କୁ ଇସ୍‌ଲାମ ଧର୍ମ ଗ୍ରହଣ କରିବା ପାଇଁ ବହୁ ଚାପ ପକାଇବା ସହିତ ଅନେକ ଆକର୍ଷଣୀୟ ଓ ଲୋଭନୀୟ ପ୍ରସ୍ତାବ ରଖିଥିଲେ। ସେମାନେ ଆମ୍ବେଡକରଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଆମ୍ବେଡକର ସ୍ପଷ୍ଟ ଘୋଷଣା କରିଥିଲେ ଯେ ''ନିଜାମଙ୍କ କୌଣସି ଚାପ କିମ୍ବା ଆକର୍ଷଣ ଗ୍ରହଣଯୋଗ୍ୟ ନୁହେଁ। ହାଇଦ୍ରାବାଦକୁ ଭାରତ ସହିତ ବିଲୀନ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ହେବା ଉଚିତ। ଏଥିପାଇଁ ସମସ୍ତେ ନିଜର ତନ, ମନ ଓ ଧନ ସମର୍ପଣ କରି କାର୍ଯ୍ୟ କରିବା ଉଚିତ।''

ଏହିପରି ଆମ୍ବେଡକରଙ୍କ ରାଷ୍ଟ୍ରନିଷ୍ଠା ସମ୍ବନ୍ଧିତ ଅନେକ ମହାନ୍ ବିଚାର ଲୋକଲୋଚନକୁ ଆସିପାରି ନାହିଁ। ସେ ସମ୍ବିଧାନ ନିର୍ମାଣ ପରେ ଉଦ୍‌ବୋଧନ ପ୍ରଦାନ କରି କହିଥିଲେ– ''ମୋତେ ସମସ୍ତେ କେବଳ ଦଳିତ ନେତା ଓ ଇଂରେଜମାନଙ୍କ ଚାଟୁକାର କହି ଅପମାନିତ କରାଯାଇଛି। ମୋର ରାଷ୍ଟ୍ର ପ୍ରତି ନିଷ୍ଠା ଉପରେ ସନ୍ଦେହ କରାଯାଉଛି। ସମ୍ବିଧାନ ପ୍ରଣୟନ ହୋଇ କାର୍ଯ୍ୟକାରୀ ହେଲା ପରେ ବୋଧହୁଏ ସମଗ୍ର ଭାରତ ମୋତେ ଜଣେ ରାଷ୍ଟ୍ରଭକ୍ତ ରୂପେ ଦେଖିବ ବୋଲି ମୁଁ ଆଶା କରୁଛି।'' ଅନେକ ନେତା ସେତେବେଳେ ଆମ୍ବେଡକରଙ୍କୁ ଇଂରେଜମାନଙ୍କ ଚାଟୁକାର ରୂପେ ମନ୍ତବ୍ୟ ପ୍ରଦାନ କରିଥିଲେ। କିନ୍ତୁ ସେ ସର୍ବଦା ଜଣେ ପ୍ରକୃତ ରାଷ୍ଟ୍ରଭକ୍ତ ଥିଲେ। ୧୯୩୦ରେ ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଟେବୁଲ ବୈଠକରେ ତାଙ୍କର ସଂକ୍ଷିପ୍ତ ଭାଷଣ ସମସ୍ତଙ୍କୁ ଚମତ୍କୃତ କରିଥିଲା। ସେ ସେଠାରେ ଭାଷଣ ଦେଇ କହିଥିଲେ, ''ଭାରତ ରାଷ୍ଟ୍ର ଭାରତୀୟମାନଙ୍କର। ସ।ମ୍ର।ଜ୍ୟବ।ଦ1 ଇଂରେଜମାନେ ତୁରନ୍ତ ଭାରତ ପରିତ୍ୟାଗ କରିବା ଆବଶ୍ୟକ।'' ଏପରି ଉଦ୍‌ଘୋଷ କରିବା ଓ ଇଂରେଜମାନଙ୍କ ସମ୍ମୁଖରେ ଇଂରେଜମାନଙ୍କୁ ଅପମାନିତ କରିବାରେ ସେ ପ୍ରଥମ ଭାରତୀୟ ଥିଲେ।




ଅସବର୍ଣ୍ଣମାନଙ୍କୁ ନିଜର ନ୍ୟାଯ୍ୟ ଦାବି ପାଇଁ ସବର୍ଣ୍ଣମାନଙ୍କ ବିରୋଧରେ ସଂଘର୍ଷ ଓ ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ଇଂରେଜମାନଙ୍କ ବିରୋଧରେ ସଂଘର୍ଷ, ଏହିପରି ଦୁଇଟି ସଂଘର୍ଷରେ ସେ ଅବତୀର୍ଣ୍ଣ ହୋଇଥିଲେ। ଦୁଇଟି ସଂଘର୍ଷକୁ ସେ ସମାନ ଗୁରୁତ୍ୱ ପ୍ରଦାନ କରିଥିଲେ। ନାସିକ୍‌ଠାରେ କାଲାରାମ ମନ୍ଦିର ପ୍ରବେଶ ସତ୍ୟାଗ୍ରହ ସମୟରେ ଇଂରେଜମାନେ ଯେତେବେଳେ ପକ୍ଷପାତ ନୀତି ଅବଲମ୍ବନ କରିଥିଲେ, ଆମ୍ବେଡକର ତତ୍‌କ୍ଷଣାତ୍ ବ୍ରିଟିଶ୍ ଗଭର୍ନରଙ୍କୁ ଚିଠି ଲେଖି ଉଲ୍ଲେଖ କରିଥିଲେ– ''ସବର୍ଣ୍ଣମାନଙ୍କ ସହିତ ଆମର ସାମାଜିକ ସଂଘର୍ଷ ଚାଲିଛି, ଏଣୁ ଇଂରେଜମାନେ ଏଥିରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ଯଦି ଇଂରେଜମାନେ ଏହିପରି ପକ୍ଷପାତପୂର୍ଣ୍ଣ ନୀତି ଅବଲମ୍ବନ କରିବେ, ତେବେ ସମଗ୍ର ସମାଜ ଏକତ୍ର ହୋଇ ଇଂରେଜ ବିରୋଧରେ ସ୍ୱର ଉତ୍ତୋଳନ କରିବେ।'' ସେହିପରି କାର୍ଯ୍ୟକାରିଣୀରେ ଭାଇସ୍‌ରାୟଙ୍କୁ କଠୋର ଶବ୍ଦରେ କହିଥିଲେ– ମୁଁ କଦାପି ହିନ୍ଦୁ ବିରୋଧୀ ନୁହେଁ। ମୋର ରାଷ୍ଟ୍ରର ହିତ ସର୍ବପ୍ରଥମ। ମୁଁ ସମସ୍ତ ଶକ୍ତି ବିନିଯୋଗ କରି ଇଂରେଜମାନଙ୍କ ବିରୋଧରେ ସଂଘର୍ଷ କରିବି ଓ ଅସ୍ପୃଶ୍ୟମାନଙ୍କୁ ସମୁଚିତ ନ୍ୟାୟ ପ୍ରଦାନ କରିବି। ଏଥିରୁ ସେ କିପରି ଜଣେ ଶ୍ରେଷ୍ଠ ରାଷ୍ଟ୍ରଭକ୍ତ ଥିଲେ ତା'ର ପ୍ରମାଣ ମିଳୁଛି।

କେତେକ ଇତିହାସକାର ଆମ୍ବେଡକରଙ୍କୁ ହିନ୍ଦୁଧର୍ମ ବିରୋଧୀ ଓ ନାସ୍ତିକ ରୂପେ ବର୍ଣ୍ଣନା କରି ସମାଜରେ ଭ୍ରାନ୍ତ ଧାରଣା ସୃଷ୍ଟି କରିଛନ୍ତି। ବାସ୍ତବରେ ହିନ୍ଦୁଧର୍ମକୁ ସ୍ୱୀକାର କରି ନିଜର ଅନୁଗତମାନଙ୍କୁ ସମସ୍ତ ମାନବବାଦୀ ଅଧିକାର ମିଳୁ, ଏହା ସେ ସର୍ବଦା ଚାହୁଁଥିଲେ। ଏଥିପାଇଁ ସେ ଆଜୀବନ ବହୁ ପରିଶ୍ରମ ଓ ପରାକାଷ୍ଠା କରିଛନ୍ତି। ଶେଷରେ ସେ ଯେବେ ଦେଖିଲେ ଏହା ସଫଳ କ୍ରିୟାନ୍ୱୟନ ହୋଇପାରୁ ନାହିଁ, ତେବେ ସେ ଧର୍ମ ପରିବର୍ତ୍ତନ କରିବାକୁ ନିର୍ଣ୍ଣୟ ନେଲେ। ଧର୍ମ ପରିବର୍ତ୍ତନ କରିବା ସମୟରେ ତାଙ୍କ ମନରେ ହିନ୍ଦୁ ବିରୋଧୀ ମାନସିକତା ଆଦୌ ନ ଥିଲା। ଡ. ଆମ୍ବେଡକରଙ୍କ ସମ୍ପୂର୍ଣ୍ଣ ଜୀବନ ଗାଥା ଗୋଟିଏ ମହାକାବ୍ୟ। ଦେଶଭକ୍ତିର ଜ୍ୱଳନ୍ତ ଉଦାହରଣ। ନିଜର ୬୫ ବର୍ଷ ଜୀବନ ମଧ୍ୟରେ ସର୍ବାଧିକ ଅବହେଳାର ଶିକାର ହୋଇ ଭାରତର ସମଗ୍ର ସନ୍ତୁଳିତ ବିକାଶ ପାଇଁ ତାଙ୍କ ବହୁମୂଲ୍ୟ ଯୋଗଦାନ ଅତୁଳନୀୟ। ଆମ୍ବେଡକର ସମାଜରୁ ଅସ୍ପୃଶ୍ୟତାକୁ ଦୂର କରି ଭାରତକୁ ଏକ ସଙ୍ଗଠିତ ଓ ସଶକ୍ତ ରାଷ୍ଟ୍ର ରୂପେ ନିର୍ମାଣ କରିବାକୁ ଚାହୁଁଥିଲେ। ନବ ଭାରତର ସମ୍ବିଧାନ ନିର୍ମାତା, ଗଣତନ୍ତ୍ରର ସଂସ୍ଥାପକ, ମାନବ ସ୍ୱତନ୍ତ୍ରତାର ବାସ୍ତୁକାର ଆମ୍ବେଡକରଙ୍କ ଜୀବନୀ ଆଧୁନିକ ଭାରତର ପ୍ରେରଣାଦାୟୀ ପ୍ରସଙ୍ଗ।

ଆଡ୍‌ଭୋକେଟ୍, ଖଟବିନସାହି, କଟକ
ମୋ: ୯୪୩୭୦୧୬୩୮୪

## ଏଇ ଭାରତରେ

ସିଲିକୋସିସ୍ ଝାଡ଼ଖଣ୍ଡର ବିଭିନ୍ନ ଅଞ୍ଚଳରେ ଅନେକ ହଜାର ଆଦିବାସୀଙ୍କ ମୃତ୍ୟୁର କାରଣ ପାଲଟିଛି। ଏହା ଏକପ୍ରକାର ଫୁସ୍‌ଫୁସ୍ ରୋଗ। କ୍ରିଷ୍ଟାଲାଇନ ସିଲିକା ଧୂଳି ନିଃଶ୍ୱାସରେ ଫୁସ୍‌ଫୁସକୁ ପ୍ରବେଶ କଲା ପରେ ଏହା ସୃଷ୍ଟି ହୋଇଥାଏ। ବ୍ୟାପକ ଖଣି ଖାଦାନ କାର୍ଯ୍ୟ ଯୋଗୁ ଏ ମାରାତ୍ମକ ରୋଗରେ ବିଗତ ଦୁଇ ଦଶନ୍ଧିରେ ଅତିକମ୍‌ରେ ୧୦,୦୦୦ ଲୋକଙ୍କ ମୃତ୍ୟୁ ହୋଇଛି। ତେବେ ସିଲିକୋସିସ୍‌ର ପଞ୍ଝାରୁ ଆଦିବାସୀମାନଙ୍କୁ ମୁକ୍ତ ରଖିବାକୁ ସଚେତନତା ସୃଷ୍ଟି କରୁଛନ୍ତି ସମିତ କୁମାର କ୍ରାରା। ସେ ଦୀର୍ଘ ୨୦ ବର୍ଷ ହେଲା ଆଦିବାସୀ ଶ୍ରମିକଙ୍କ ପରିବାରକୁ ସାହାଯ୍ୟ କରିଆସୁଛନ୍ତି। ରୋଗୀମାନଙ୍କ ଚିକିତ୍ସାରେ ସାହାଯ୍ୟ କରିବା ସହ ଏହି ରୋଗରେ ମୃତ୍ୟୁ ହେଉଥିବା ଲୋକଙ୍କ ପରିବାରକୁ କ୍ଷତିପୂରଣ ପାଇବାରେ ସହଯୋଗ କରୁଛନ୍ତି। ଅକୁପେସନାଲ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆସୋସିଏଶନ ଅଫ୍ ଝାଡ଼ଖଣ୍ଡ(ଓଏସ୍‌ଏଚ୍‌ଏଜେ) ଏନ୍‌ଜିଓ ମାଧ୍ୟମରେ ସେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ସମିତ ଏବେ ସୁଦ୍ଧା ସିଲିକୋସିସ୍‌ରେ ମୃତ୍ୟୁବରଣ କରିଥିବା ୫୦ଜଣଙ୍କ ପରିବାରର ସଦସ୍ୟଙ୍କୁ କ୍ଷତିପୂରଣ ପାଇବାରେ ସାହାଯ୍ୟ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଏପ୍ରିଲ ୧୯୭୫

- ପ୍ରଶାସନିକ ଦାୟିତ୍ୱ ଗ୍ରହଣ କରିବା ନେଇ ଆମେରିକା ସରକାରଙ୍କ ଅନୁରୋଧକୁ କମ୍ବୋଡ଼ିଆର ଯୁବରାଜ ସିହାନୁକଙ୍କ ପ୍ରତ୍ୟାଖ୍ୟାନ।
- ପର୍ଯ୍ୟଟନ ଶିଳ୍ପର ବିକାଶ ସାଧନ କରି ଏହାକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା ପାଇଁ ପଞ୍ଜାବ, ହରିଆନା, ହିମାଚଳ ପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଜମ୍ମୁ ଓ କଶ୍ମୀର ରାଜ୍ୟସମୂହ ପକ୍ଷରୁ ଯୌଥ ସମନ୍ୱିତ କାର୍ଯ୍ୟକ୍ରମ ଗ୍ରହଣ।

## ଚିରନ୍ତନୀ

ପ୍ରିୟ ଯାହା ତହିଁରୁ ତ ନ ହୁଏ ବିଚ୍ଛେଦ,
କିପାଇଁ ବିଷାଦ ମୋର କାହିଁପାଇଁ ଖେଦ!
ଏହି ଚିତ୍ରୋତ୍ପଳା ପରି
ଯାଆନ୍ତି ହେଲେ ପାସୋରି
ଜୀବନର ଆବେଗରେ ସବୁ ବାଦଭେଦ।
(ଚିତ୍ରୋତ୍ପଳା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | 3 | | | 9 | |
| | 8 | 6 | | | | | 7 | |
| 4 | | | 7 | | | 8 | 1 | |
| | | 8 | | | 1 | | | 6 |
| | | | | | | | | 5 |
| 1 | 7 | | | | | | | |
| | | | | 6 | 4 | | | |
| 5 | | | 9 | | | | | |
| | 3 | | | 5 | | | 2 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 1 | 3 | 5 | 4 | 6 | 2 | 9 |
| 6 | 2 | 9 | 7 | 8 | 1 | 3 | 5 | 4 |
| 5 | 4 | 3 | 6 | 9 | 2 | 7 | 1 | 8 |
| 3 | 5 | 2 | 4 | 6 | 8 | 1 | 9 | 7 |
| 1 | 7 | 4 | 9 | 3 | 5 | 8 | 6 | 2 |
| 8 | 9 | 6 | 2 | 1 | 7 | 4 | 3 | 5 |
| 2 | 1 | 5 | 8 | 4 | 3 | 9 | 7 | 6 |
| 9 | 3 | 8 | 5 | 7 | 6 | 2 | 4 | 1 |
| 4 | 6 | 7 | 1 | 2 | 9 | 5 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ରାଜନେତା ସୁବିଧାବାଦୀ

ମହାଶୟ,

ଆଗାମୀ ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ ଜାତୀୟ ଓ ରାଜ୍ୟ ରାଜନୀତିରେ ଯେପରି ବ୍ୟାପକ ଦଳବଦଳ ଓ ପଟ ପରିବର୍ତ୍ତନ ଘଟି ଚାଲିଛି, ତାହା ଘୋର ଚିନ୍ତାର ବିଷୟ। ସାମ୍ପ୍ରତିକ ଜାତୀୟ ଓ ରାଜ୍ୟର ରାଜନୈତିକ ଦୃଶ୍ୟପଟକୁ ଅନୁଶୀଳନ କଲା ପରେ ଦୁଇଟି ନିର୍ଯ୍ୟାସରେ ଉପନୀତ ହେବାକୁ ପଡୁଛି। ପ୍ରଥମଟି ହେଉଛି ହାତଗଣତି କେତେ ଜଣଙ୍କୁ ବାଦ୍ ଦେଲେ ସବୁ ରାଜନେତା କ୍ଷମତାଲିପ୍ସୁ ଓ ସୁବିଧାବାଦୀ। ଦ୍ୱିତୀୟଟି ହେଉଛି ପ୍ରମୁଖ ରାଜନୈତିକ ଦଳର ଶୀର୍ଷ ନେତୃବୃନ୍ଦ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଓ ଦୀର୍ଘକାଳ କ୍ଷମତାରେ ରହିବା ପାଇଁ ଯେକୌଣସି ଅନୈତିକ ସ୍ତରକୁ ଚାଲି ଯାଇପାରନ୍ତି। ଏମାନେ ସମସ୍ତେ ମିଳିମିଶି ରାଜନୀତିକୁ ପଙ୍କିଳ ଓ କଳୁଷିତ କରିବାରେ ଲାଗିଛନ୍ତି। ଏଥିପାଇଁ ଏମାନେ ଓ ଭୋଟରମାନେ ସମ ପରିମାଣରେ ଦାୟୀ। ଯଦି ଭୋଟରମାନେ ଦଳୀୟ ବିଚାରରେ ଭୋଟ ନ ଦେଇ ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଦକ୍ଷତା ଆଧାରରେ ଭୋଟ ଦିଅନ୍ତେ ଏପରି ଘଟନ୍ତା ନାହିଁ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୋଟିଏ ତାରିଖରେ ପରୀକ୍ଷା ନିରୀକ୍ଷକ, ପୋଲିଂ ଅଧିକାରୀ ପ୍ରଶିକ୍ଷଣ

## ସୂଚନା ଅଧିକାର ଆଇନ ବଳରେ ଧରାପଡିଲା ଅଧ୍ୟାପକଙ୍କ ମିଥ୍ୟା ତଥ୍ୟ

ମାଲକାନଗିରି, ୧୩।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ଡିଗ୍ରୀ କଲେଜ ଅଧ୍ୟାପକ ନବୀନ କୁମାର ନାୟକ ମାର୍ଚ୍ଚ ୧୬ରେ କୁଡୁମୁଲୁଗୁମ୍ମା ଡିଗ୍ରୀ କଲେଜରେ ହୋଇଥିବା ସାଧାରଣ ନିର୍ବାଚନ ନିମନ୍ତେ ପୋଲିଂ ଅଧିକାରୀ ପ୍ରଶିକ୍ଷଣ ଶିବିରରେ ଅନୁପସ୍ଥିତ ରହି କୌଶଳକ୍ରମେ ଉପସ୍ଥିତ ଦର୍ଶାଇ ଥିବାବେଳେ ସେହିଦିନ ସେ କୁଡୁମୁଲୁଗୁମ୍ମା ଯୁକ୍ତ ୨ କଲେଜରେ ପରୀକ୍ଷା ନିରୀକ୍ଷକ ଭାବେ କାର୍ଯ୍ୟ କରିଛନ୍ତି ବୋଲି ସୂଚନା ଅଧିକାର ଆଇନ ବଳରେ ଉକ୍ତ ତଥ୍ୟ ମିଥ୍ୟା ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ମାର୍ଚ୍ଚ ୧୬ରେ ସାଧାରଣ ନିର୍ବାଚନ ପୋଲିଂ ଅଧିକାରୀ ପାଇଁ ପ୍ରଶିକ୍ଷଣ ଶିବିର ହୋଇଥିବା ବେଳେ ଏଥିରେ ନାୟକ ଅନୁପସ୍ଥିତ ରହି ମଧ୍ୟ ଉପସ୍ଥିତ ଥିବା ନେଇ ଉପସ୍ଥାନ ଖାତାରେ ଚାଲାକି କରି ଦସ୍ତଖତ କରିଛନ୍ତି। ଉକ୍ତ ଅଧ୍ୟାପକ ଜଣକ ଅତି ଚାଲାକି କରି ଦୁଇଟା ସରକାରୀ କାର୍ଯ୍ୟ ଯଥା ପରୀକ୍ଷାରେ ନିରୀକ୍ଷକ ଭାବେ ଦାୟିତ୍ୱ ଗ୍ରହଣ ସହ ପ୍ରିଜାଡିଂ ଅଧିକାରୀ ତାଲିମ ନିମନ୍ତେ ଉପସ୍ଥିତ ନେଇ ବେଆଇନ କାର୍ଯ୍ୟ କରିଛନ୍ତି ବୋଲି ଏବେ ସୂଚନା ଅଧିକାର ବଳରେ ଜଣାପଡିଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଥିଲା ଯେ, ଯେଉଁ କର୍ମଚାରୀମାନେ ପରୀକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନେ ୧୬ ତାରିଖ ପରିବର୍ତ୍ତେ ମାର୍ଚ୍ଚ ୧୭ରେ ଅର୍ଥାତ୍ ରବିବାର ପ୍ରଶିକ୍ଷଣ ନେଇପାରିବେ। କିନ୍ତୁ ଅଧ୍ୟାପକ ଜଣକ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ୧୭ ତାରିଖ ରବିବାର ପ୍ରଶିକ୍ଷଣ ନ ନେଇ ସେହି ଗୋଟିଏ ଦିନ ଅର୍ଥାତ୍ ୧୬ତାରିଖରେ ଦୁଇଟା ସରକାରୀ କାର୍ଯ୍ୟକରି ନିର୍ବାଚନ ତାଲିମ କାର୍ଯ୍ୟରେ ଅବହେଳା ଓ ଜାଲିଆତି କରିଥିବା ଜଣାପଡିଛି। ଗୋବିନ୍ଦପାଲ୍ଲୀ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ପୂର୍ବତନ ଅଧ୍ୟକ୍ଷ ତ୍ରୈଲୋକ୍ୟ ନାଥ ସାହୁ ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ପାଇଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଏନେଇ ଖଇରପୁଟ ବିଡିଓଙ୍କ ନିକଟରେ ଅଭିଯୋଗ ହେବା ପରେ ପରୀକ୍ଷା କାର୍ଯ୍ୟ ରେକର୍ଡପତ୍ର ଓ ନିର୍ବାଚନ ପ୍ରଶିକ୍ଷଣ ଉପସ୍ଥାନ ଖାତା ଯାଞ୍ଚକରି ଅଭିଯୋଗ ସତ୍ୟ ବୋଲି ଜାଣିପାରିଛନ୍ତି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତକରି ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏ ବିଷୟରେ ଅଭିଯୋଗ ପାଇଲା ପରେ ରାଜ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ତାଙ୍କର ଚିଠି ମାଧ୍ୟମରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ନେଇ ସୂଚନା ମିଳିଛି ।

ପ୍ରକାଶଯେ, ପୂର୍ବତନ ଉପଜିଲାପାଳ ଉକ୍ତ ଅଧ୍ୟାପକ ଜଣଙ୍କୁ କଲେଜର ଆର୍ଥିକ ଅନିୟମିତତା ବାବଦରେ ଅଧ୍ୟକ୍ଷ ପଦରୁ ହଟାଇଦେଇଥିଲେ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନଗ୍ରହଣକରିବା ପାଇଁ ସ୍ଥାନୀୟସଚେତନ ନାଗରିକ ସମାଜ ଦାବି କରିଛି। ଏ ସମ୍ପର୍କରେ ଅଧ୍ୟାପକ ନବୀନ କୁମାର ନାୟକଙ୍କ ମୋବାଇଲ ନଂ. ୯୪୩୮୦୮୨୩୯୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

# ବିଜେଡିର ମିଶ୍ରଣ ପର୍ବ: ଦଳରେ ସାମିଲ ହେଲେ ଯୁବପିଢ଼ି



ବିଜେଡି ବିଧାୟକ ପ୍ରାର୍ଥୀ ମାନସ ମାଡକାମୀଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଥିବା କର୍ମୀମାନେ ।

ମାଲକାନଗିରି, ୧୩।୪ (ଦୁର୍ଯ୍ୟୋଧନ ପାତ୍ର)

ବିଜେଡି ପ୍ରତି ଭଲପାଇବା ସହ ଲୋକଙ୍କ ବିପୁଳ ସମର୍ଥନରେ ଦଳ ଆଗକୁ ବଢୁଥିବା ବେଳେ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଏବଂ ଦଳୀୟ ନୀତି, ଆଦର୍ଶରେ ଅନୁପ୍ରାଣିତହୋଇ ଅନ୍ୟ ଦଳର ସଂଖ୍ୟାଧିକ ନେତୃବୃନ୍ଦ ଏବଂ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଉଛନ୍ତି।

ଏହି କ୍ରମରେ ଶନିବାର ମାଲକାନଗିରି ସହର ଲାଠିଆଗୁଡ଼ାସ୍ଥିତ ବିଜେଡି ଦଳୀୟ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ବିଜୁ ଜନତା ଦଳ ସଭାପତି ତଥା ମାଲକାନଗିରି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ମାନସ ମାଡକାମୀଙ୍କ ଉପସ୍ଥିତିରେ ଅନେକ ଅନ୍ୟ ଦଳ ନେତୃ ମଣ୍ଡଳୀ ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜେଡି ନେତା ରମେନ ମଣ୍ଡଳ ଓ ସୁବ୍ରତ ଶୀଲଙ୍କ ନେତୃତ୍ୱରେ ଜିଲାର କାଲିମେଲା ବ୍ଲକ ଭେଙ୍କେଟପାଲ୍ଲାମ ପଞ୍ଚାୟତର ସୁନୀଲ ବିଶ୍ୱାସ, ଗୌତମ ମଣ୍ଡଳ, ରତନ ମଣ୍ଡଳ, ରାହୁଲ ହାଲିଆ, ସୁଶାନ୍ତ ମିର୍ଦ୍ଧା, ରାମଚନ୍ଦ୍ର ପଡ଼ିଆମୀ ଓ ଭବେନ ମଣ୍ଡଳ ପ୍ରମୁଖଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀ ବିଜେଡିରେ ଯୋଗଦେଇଛନ୍ତି । ଏହି ମିଶ୍ରଣ ପର୍ବ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ସମ୍ପାଦକ ବସନ୍ତ ନାୟକ, ପୌରାଞ୍ଚଳ ଛାତ୍ର ସଭାପତି ଶଙ୍କର ପାଣିଗ୍ରାହୀ, ବିଜେଡି ମିଡିଆ ସଂଯୋଜକ ସଦାନନ୍ଦ ଖରା ଓ କେ.ରାହୁଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥରେ ଜମି ହରାଙ୍କୁ ମୂଲ୍ୟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଜିଲାପାଳଙ୍କ ନିକଟକୁ ଯାଇଥିବା ହାଇକୋର୍ଟଙ୍କ ଦୁଇ ଆଇନଜୀବୀ ।

ମାଲକାନଗିରି, ୧୩।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଜାତୀୟ ରାଜପଥ ଲାଗି ଜମି ହରାଉଥିବା ଲୋକଙ୍କୁ ତୁରନ୍ତ ଆଇନ ଅନୁଯାୟୀ ଉଚିତ ମୂଲ୍ୟ ପ୍ରଦାନ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନ ଜାତୀୟ ରାଜପଥ ଉପରେ ହାଇଲେଭଲ ବ୍ରିଜ୍ ନିର୍ମାଣ ଲାଗି ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି । ତେବେ ଶାଗ ମାଛ ଦରରେ ଜାତୀୟ ରାଜପଥ ବିଭାଗ ଆଦିବାସୀ ଓ ଅଣ ଆଦିବାସୀଙ୍କ ଜମି ଅଧିଗ୍ରହଣ କରି ନେଉଥିବା ଅଭିଯୋଗ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମାଲକାନଗିରି ତହସିଲ କୋଡେଲମେଟଲା ମୌଜା ଏମ୍‌ଭି ୧୯ ଓ ପାଲକୋଣ୍ଡା ଗାଁ ଲୋକେ । କୋଡେଲମେଟଲା ମୌଜାର ଜାତୀୟ ରାଜପଥ କଡ଼ ପ୍ଲଟ୍‌ଗୁଡିକର ସରକାରୀ ମୂଲ୍ୟ ୩ କୋଟି ୩୦ ଲକ୍ଷ ରହିଥିବା ବେଳେ ଏକର ପିଛା ୬ ଲକ୍ଷ ଟଙ୍କା ଦରରେ ଜମି ଅଧିଗ୍ରହଣ ହେଉଛି। ଏନେଇ ଉଚିତ ମୂଲ୍ୟ ଦାବିକରି ଗାଁ ଲୋକେ ଜିଲାପାଳଙ୍କଠାରୁ ଆରମ୍ଭ କରି ଜିଲାସ୍ତରୀୟ ଅଧିକାରୀଙ୍କୁ ଅଭିଯୋଗ ଜଣାଇ କୌଣସି ସୁଫଳ ନ ପାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ୩ ମାସ ମଧ୍ୟରେ ଜମିର ବେଞ୍ଚ ମାର୍କ ଭାଲ୍ୟୁକୁ ଦୃଷ୍ଟିରେ ରଖି ଆଇନ ଅନୁଯାୟୀ ମୂଲ୍ୟ ପ୍ରଦାନ କରିବା ଲାଗି ହାଇକୋର୍ଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ରାୟକୁ ନେଇ ହାଇକୋର୍ଟ ଓକିଲ ବିପ୍ଳବ ବାହାଲି ତାଙ୍କ ସହଯୋଗୀ ଆଇନଜୀବୀ ସୁବ୍ରତ ନନ୍ଦ ମାଲକାନଗିରି ଜିଲାପାଳଙ୍କୁ ଭେଟି ତୁରନ୍ତ ସମସ୍ୟାର ସମାଧାନ ଲାଗି ନିବେଦନ କରିଛନ୍ତି।

# ରାମନବମୀ ପାଳନ ନେଇ ପ୍ରସ୍ତୁତି ବୈଠକ

ଡାବୁଗାଁ, ୧୩।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ପଥପ୍ରାନ୍ତରେ ବିଶ୍ୱ ହିନ୍ଦୁ ପରିଷଦ, ହିନ୍ଦୁ ଜାଗରଣ ମଞ୍ଚ, ରାମଭକ୍ତ, ଜନସାଧାରଣଙ୍କ ପ୍ରଚେଷ୍ଟାରେ ରାମ ନବମୀ ବୁଧବାର ପାଳନ କରାଯିବ। ଏହାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ଦାୟିତ୍ୱ ବଣ୍ଟନ ନେଇ କମିଟି ଗଠନ କରାଯାଇଥିଲା। ଉକ୍ତ ବୈଠକରେ ଭଗବାନ ମହାନ୍ତି, ଦିବ୍ୟରଞ୍ଜନ ପାତ୍ର, ଗଙ୍ଗାଧର ମହାକୁଡ, ଆର୍. ଶଙ୍କର ରାଓ, ପିଣ୍ଟୁ ଅଗ୍ରୱାଲ,



ସୁରେଶ ଚନ୍ଦ୍ର ସାହୁ, ୱାଇ. ରାଜକୁମାର ରାଓ, ଏ. ଶିବପ୍ରସାଦ, ସଞ୍ଜୟ ଶତପଥୀ, ଖବରଦାତା ରବି ନାରାୟଣ ମହାନ୍ତି, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମିଶିବାର ୨୪ ଘଣ୍ଟା ଭିତରେ ଭାଜପା ଛାଡ଼ିଲେ ପୋଡ଼ାଲଗୁଡ଼ା ସରପଞ୍ଚ

ନନ୍ଦାହାଣ୍ଡି, ୧୩।୪ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପୋଡ଼ାଲଗୁଡା ସରପଞ୍ଚ ଫଗୁଣୁ ନାୟକ ଶନିବାର ଭାଜପା ଛାଡ଼ିଛନ୍ତି। ସେ ଏ ନେଇ ଶନିବାର ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଆଶ୍ଚର୍ଯ୍ୟର କଥା ସେ ଶୁକ୍ରବାର ଭାଜପାରେ ମିଶିଥିଲେ। ତେବେ ୨୪ ଘଣ୍ଟା ପୂରିବା ଆଗରୁ ସେ ଦଳ ଛାଡ଼ିଛନ୍ତି।

ଭାଜପାରେ ମିଶିବା ପାଇଁ କୌଣସି ଚାପ ପଡ଼ିଥିଲା କି ବୋଲି ଫଗୁଣୁଙ୍କୁ ପ୍ରଶ୍ନ କରାଯାଇଥିଲା। କୌଣସି ଚାପ ଦିଆଯାଇ ନ ଥିବା ବେଳେ ଭାଜପାରୁ ବାରମ୍ବାର ଡକାଯାଉଥିବାରୁ ସ୍ୱଇଚ୍ଛାରେ ସେ ଦଳରେ ମିଶିଥିଲେ ବୋଲି କହିଥିଲେ। କିନ୍ତୁ ସମର୍ଥକଙ୍କ ସହ କୌଣସି ବିଚାରବିମର୍ଶ ନ କରି ଏକାକୀ ଯାଇ ଭାଜପାରେ ମିଶିଥିବାରୁ ସେମାନେ ନାପସନ୍ଦ କରିଛନ୍ତି। ଏବେ ମଧ୍ୟ ସ୍ୱାଧୀନଭାବେ ରହିବାକୁ ସମର୍ଥକମାନେ ପରାମର୍ଶ ଦେଇଛନ୍ତି। ଉକ୍ତ ଉପଦେଶ ମାନି ଦଳ ଛାଡ଼ି ସ୍ୱାଧୀନଭାବେ କାମ କରିବାକୁ ନିଷ୍ପତ୍ତି ନେଇଛି ବୋଲି ଫଗୁଣୁ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ଛାଡ଼ିବା ସମ୍ପର୍କରେ ପୋଡାଲଗୁଡ଼ା ସରପଞ୍ଚ ଫଗୁଣୁ ନାୟକ ସୂଚନା ଦେଉଛନ୍ତି।

ଭାଜପାର ପ୍ରାଥମିକ ସଦସ୍ୟତା ଗ୍ରହଣ କରି ନ ଥିବା କହିଛନ୍ତି। ନିଜ ପଞ୍ଚାୟତବାସୀ ଏବଂ

# ଗୋଷ୍ଠୀ ଜଙ୍ଗଲ ପଟ୍ଟା ପାଇଁ ଗ୍ରାମସଭା ସଦସ୍ୟ ଜିଲାପାଳଙ୍କ ଦ୍ୱାରସ୍ଥ

ମାଲକାନଗିରି, ୧୩।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ବିଭିନ୍ନ ରାଜସ୍ୱ ଗ୍ରାମର ଗ୍ରାମସଭାର ସଦସ୍ୟ ଗୋଷ୍ଠୀ ଜଙ୍ଗଲ ପଟ୍ଟା ପାଇଁ ଦାବି ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ମାଲକାନଗିରି ଜିଲାରେ ଅନେକ ବର୍ଷ ଧରି ବିଭିନ୍ନ ବ୍ଲକରେ ରହୁଥିବା ଜନଜାତି ଗୋଷ୍ଠୀ ନିଜ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଦିଗରେ ପଦକ୍ଷେପ ନେଇ ଆସୁଥିବା ବେଳେ ଜଙ୍ଗଲ ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନେଇ ଆସୁଛନ୍ତି । ଏହି ଜଙ୍ଗଲ ଅନେକ ଲୋକଙ୍କୁ ରୋଜଗାର ମଧ୍ୟ ଯୋଗଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ୨୦୧୯ରେ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ଏବଂ ଜଙ୍ଗଲ ଅଧିକର ସ୍ୱୀକୃତ ସଂଶୋଧିତ ଆଇନ ୨୦୧୨ ଅନୁଯାୟୀ ଗୋଷ୍ଠୀ ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରିଥିଲେ। ତେବେ ଏହି ପଟ୍ଟା ମିଳି ନ ଥିବା ବେଳେ ବାରମ୍ବାର ଏନେଇ ଏହି ଗୋଷ୍ଠୀଗୁଡିକ ଦାବି କରି ଆସୁଥିଲା ବେଳେ ଏନେଇ ଜିଲାର ମାଟାପାକା, କାଲିମେଲା, ମାନ୍ୟମକୋଣ୍ଡା, ଖଇରପୁଟ ଓ ଗୋବିନ୍ଦପାଲି ଆଦି ପଞ୍ଚାୟତର ଶତାଧିକ ସଦସ୍ୟ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଜିଲାପାଳ ସଚିନ ପାୱାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଏହି କମିଟି ଅଧ୍ୟକ୍ଷ ଡିଡବ୍ଲ୍ୟୁଓଙ୍କୁ ମାମଲାର ସମାଧାନ ପାଇଁ ଜିଲାପାଳ ପାୱାର ନିର୍ଦ୍ଦେଶ ଦେଇଛନ୍ତ। ଏଥିସହ ସ୍ଥାନୀୟ ତହସିଲଦାରଙ୍କୁ ପଟ୍ଟା ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** ୧) **ମେସର୍ସ ଏମ୍.ବି.ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘ୍ନ ବେହେରା, ୩) **ଶତ୍ରୁଘ୍ନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ ଶତ୍ରୁଘ୍ନ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୧,୬୨,୦୦୦/- / ଟ.୧,୧୭,୦୦୦/- / ଟ.୧୨,୦୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |
| ୨. | **ଛତ୍ରପୁର ଶାଖା-୨, ଫୋନ୍: ୯୮୬୧୦୧୪୪୯୦ /** ୧) **ମେସର୍ସ ଆଜମର୍ କାସ୍ୟୁ ପ୍ରଡ଼କ୍ଟସ୍, ସ୍ୱତ୍ତ୍ୱାଧିକାରୀ: ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ୨) **ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ଉଭୟଙ୍କ ଠିକଣା- ସା: ବଜରଙ୍ଗ ନଗର, ଜେଲ ରୋଡ଼, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୦ / **ମୋଟ ବକେୟା: ୨୮.୦୮.୨୦୨୨ ସୁଦ୍ଧା ଟ.୫୫,୧୮,୪୬୮.୨୩** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ସା: ବଜରଙ୍ଗ ନଗର, ଜେଲ ରୋଡ, ଛତ୍ରପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩୭/୪୫୩୭, ଖାତା ନଂ.: ୪୪୧/୨୯୫୦, ରେଭିନ୍ୟୁ ମୌଜା: ଛତ୍ରପୁର, ତହସିଲ: ଛତ୍ରପୁର, ସା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଡ୍ରେନ୍, ଉତ୍ତର: ପ୍ଲଟ୍ ନଂ.: ୨୯ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୧ ଜମି | ଟ.୪୬,୩୫,୦୦୦/- / ଟ.୪,୬୩,୫୦୦/- / ଟ.୪୭,୦୦୦/- | ଆକାଉଣ୍ଟ ନଂ.: 077411980050000 IFSC Code: UBIN0807745 |

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୯.୦୪.୨୦୨୪ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ**

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୬.୦୪.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ।
ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୧୨.୦୪.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ୍.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ **ଗଠନାତ୍ମକ/ସାଙ୍କେତିକ/ଭୌତିକ** (ଯେଉଁଟି ପ୍ରଯୁଜ୍ୟ) ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / କୋ-ଆପ୍ଲିକାଣ୍ଟ / କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ / ଦଖଲ ତାରିଖ | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ମାଲକାନଗିରି-୨ ଶାଖା /** ଋଣଗ୍ରହୀତାମାନେ: ୧) **ମେସର୍ସ ନମିତା ମସଲା, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ କେ. ନମିତା ପାତ୍ର,** ସ୍ୱାମୀ: ସିମାଦ୍ରୀ ପାତ୍ର, ୨) **ଶ୍ରୀମତୀ କେ. ନମିତା ପାତ୍ର,** ସ୍ୱାମୀ: ଶ୍ରୀ କେ. ସିମାଦ୍ରୀ ପାତ୍ର, ପିତା: କାଶିନାଥ ପାତ୍ର / **ଗ୍ୟାରେଣ୍ଟିଦାତା: ଶ୍ରୀ କେ. ସିମାଦ୍ରୀ ପାତ୍ର,** ପିତା: କାଶିନାଥ ପାତ୍ର, ସମସ୍ତଙ୍କ ଠିକଣା ସା: ତଳ ସାହି, ମାଲକାନଗିରି, ଥାନା/ତହସିଲି: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ପିନ୍ - ୭୬୪୦୪୮ | ଶ୍ରୀ କେ. ସିମାଦ୍ରୀ ପାତ୍ରଙ୍କ ନାମରେ ଥିବା ବାସପୋଯୋଗୀ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୩୬୫୪, ଖାତା ନଂ.: ୯୯୪/୩୮୧୧, ମୌଜା: ମାଲକାନଗିରି, ତହସିଲ: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ଓଡ଼ିଶା, ପିନ୍ - ୭୬୪୦୪୮, କ୍ଷେତ୍ର: ୧୭୫୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ସତ୍ୟନାରାୟଣଙ୍କ ଗୃହ, ପଶ୍ଚିମ: ନିଜସ୍ୱ ଗୃହ, ଉତ୍ତର: ଜେନା ରମଣଙ୍କ ବାସସ୍ଥାନ, ଦକ୍ଷିଣ: ରାସ୍ତା / **୦୬.୦୫.୨୦୨୩** | ୩୧.୦୮.୨୦୨୨ ସୁଦ୍ଧା ଟ.୧୭,୨୧,୨୪୦.୮୫ + ସେବାବଦ ସୁଧ ଓ ଦେୟ | ଟ.୩୦,୯୧,୦୦୦/- / ଟ.୩,୦୯,୧୦୦/- / ଟ.୩୦,୯୧୦/- |
| ୨. | **କୋରାପୁଟ - ୨ ଶାଖା/** ଋଣଗ୍ରହୀତା: **ଶ୍ରୀ ଲିଙ୍ଗରାଜ ବେହେରା,** ପିତା: ୰ ଧନୁର୍ଜୟ ବେହେରା, ସା: ପୁଜାରୀପୁଟ, ପୋ./ଜିଲ୍ଲା: କୋରାପୁଟ, ଓଡ଼ିଶା, ପିନ୍ - ୭୬୪୦୨୦ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନିତା ବେହେରା,** ସ୍ୱାମୀ: ଶ୍ରୀ ଲିଙ୍ଗରାଜ ବେହେରା, ସା: ପୁଜାରୀପୁଟ, ପୋ./ ଜିଲ୍ଲା: କୋରାପୁଟ, ଓଡ଼ିଶା, ପିନ୍ - ୭୬୪୦୨୦ | **ଶ୍ରୀ ଲିଙ୍ଗରାଜ ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୦୦/୧୨୯୧ ଏବଂ ୧୦୦/ ୧୧୭୫/୨୨୩୮, ଖାତା ନଂ.: ୧୨୫/୧୭୯୪, ମୌଜା: କୁମ୍ଭ ୧, କ୍ଷେତ୍ର: ଏକର୦.୦୨୫ ଡିସିମିଲି ଏବଂ ଏକର୦.୦୨୫ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୫ ଡିସିମିଲି,** ତହସିଲ: କୋରାପୁଟ, ଜିଲ୍ଲା: କୋରାପୁଟ - ୭୬୪୦୨୦, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପାଣିଗ୍ରାହୀ ବାବୁ, ପଶ୍ଚିମ: ପୁଜାରିପୁଟ ମେନ୍ ଲାଇନ୍ ରାସ୍ତା, ଉତ୍ତର: ବିଚିତ୍ରାନନ୍ଦ ତ୍ରିପାଠୀ, ଦକ୍ଷିଣ: ମାଧବ ବେହେରା/ **୨୧.୦୧.୨୦୨୩** | ୨୮.୧୦.୨୦୨୨ ସୁଦ୍ଧା ଟ.୩୮,୯୨,୮୮୨/- + ସେବାବଦ ସୁଧ ଓ ଦେୟ | ଟ.୧,୦୧,୯୧,୦୦୦/- / ଟ.୧୦,୧୯,୧୦୦/- / ଟ.୧,୦୧,୯୧୦/- |
| ୩. | **ଜୟପୁର-୨ ଶାଖା /** ଋଣଗ୍ରହୀତାମାନେ: ୧) **ମେସର୍ସ ସଂଯୁକ୍ତା ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସଂଯୁକ୍ତା ଦାସ,** ସ୍ୱାମୀ: ରଞ୍ଜନ ଦାସ, ୨) **ଶ୍ରୀମତୀ ସଂଯୁକ୍ତା ଦାସ,** ସ୍ୱାମୀ: ରଞ୍ଜନ ଦାସ, ଉଭୟଙ୍କ ଠିକଣା- ସା/ପୋ.: ୩ୟ ଲେନ୍, ପାଇକ ଷ୍ଟ୍ରିଟ୍, ଜୟପୁର, ଜିଲ୍ଲା: କୋରାପୁଟ-୭୬୪୦୦୧, ଓଡ଼ିଶା / **କୋ-ଓବ୍ଲିଗାଣ୍ଟ: ଶ୍ରୀ ରଞ୍ଜନ ଦାସ,** ପିତା: ହଳଧର ଦାସ, ସା/ପୋ.: ୩ୟ ଲେନ୍, ପାଇକ ଷ୍ଟ୍ରିଟ୍, ଜୟପୁର, ଜିଲ୍ଲା: କୋରାପୁଟ-୭୬୪୦୦୧, ଓଡ଼ିଶା | ୧) **ଶ୍ରୀମତୀ ସଂଯୁକ୍ତା ଦାସ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୯୦୪ (ପୁରୁଣା), ୮୬୬ (ନୂତନ), ପ୍ଲଟ୍ ନଂ.: ୧୪୯୦, ଯାହାକି ସବ୍ ପ୍ଲଟ୍ ନଂ.: ୧୮ ଭାବେ ଚିହ୍ନିତ, ପରିମିତ କ୍ଷେତ୍ର: ୧୮୦୦ ବର୍ଗଫୁଟ, ମୌଜା: ଜଗଧାତ୍ରୀପୁର, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସବ୍ ପ୍ଲଟ୍ ନଂ.: ୧୭, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୧୯, ଉତ୍ତର: ୨୦ ଫୁଟିଆ ଚଉଡା ରାସ୍ତା, ଦକ୍ଷିଣ: ଶ୍ରୀ ଭି ଟି ପର୍ଦ୍ଧସାରଧୀଙ୍କ ଜମି / **୨୩.୦୨.୨୦୨୨** | ୦୭.୦୬.୨୦୨୩ ସୁଦ୍ଧା ଟ.୫୬,୦୦,୦୦୦/- + ସେବାବଦ ସୁଧ ଓ ଦେୟ | (୧) ଟ.୩୭,୪୨,୦୦୦/- / ଟ.୩,୭୪,୨୦୦/- / ଟ.୩୭,୪୨୦/- |
| | | ୨) **ଶ୍ରୀ ରଞ୍ଜନ ଦାସ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା କାରଖାନା ଏବଂ ଗୃହ ଯାହାର ଖାତା ନଂ.: ୬/୧୩୦, ପ୍ଲଟ୍ ନଂ.: ୧୫/୧୫୨, ପରିମିତ କ୍ଷେତ୍ର: ଏକର୦.୦୭ଡିସିମିଲି କିମ୍ବା ୩୦୪୯ ବର୍ଗଫୁଟ (ଘରବାରୀ ଜମି), ମୌଜା: କୋଟରିପୁଟ, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ୨୫ ଫୁଟିଆ ଚଉଡା ରାସ୍ତା, ପଶ୍ଚିମ: ୮ ଫୁଟିଆ ଚଉଡା ଗଳି ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୨୬, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୨୪ / **୨୩.୦୨.୨୦୨୨** | | (୨) ଟ.୨୨,୮୪,୮୦୦/- / ଟ.୨,୨୮,୪୮୦/- / ଟ.୨୨,୮୪୮/- |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ତା.୨୬.୦୪.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ରାୟଗଡା, ତାରିଖ: ୧୨.୦୪.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବିଞ୍ଚଣା ମାଧ୍ୟମରେ ଭୋଟ ସଚେତନତା

ରାୟଗଡା, ୧୩।୪ (ଭାଗ୍ୟଶ୍ରୀ ମିଶ୍ର)



ମତଦାନ ନେଇ ବିଞ୍ଚଣାରେ ଲେଖାଯାଇଥିବା ସଚେତନତା ବାର୍ତ୍ତା।



ଏହି ବାର୍ତ୍ତାକୁ ଧରି କରାଯାଉଥିବା ପ୍ରଚାର।

■ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଅଭିନବ ପ୍ରୟାସ

■ ପ୍ଲାଷ୍ଟିକ ବ୍ୟାନର, ପୋଷ୍ଟର ଅପେକ୍ଷା ଲୋକଙ୍କ ଅଧିକ ଆଦୃତ ହେଉଛି ବାଉଁଶ ବିଞ୍ଚଣା

ରାୟଗଡା ଜିଲାରେ ୩ଟି ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୩।୫।୨୪ରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ଯେପରି ଶତ ପ୍ରତିଶତ ମତଦାନ ହେବ ସେ ନେଇ ଜିଲା ପ୍ରଶାସନ ବିଭିନ୍ନ ପ୍ରୟାସ ଜାରି ରଖିଛି। ଭାରତପରି ଗଣତନ୍ତ୍ରିକ ରାଷ୍ଟ୍ରରେ ନିଜର ମତ ସାବ୍ୟସ୍ତ କଲେ ଗଣତନ୍ତ୍ର ସୁଦୃଢ ହେବ। ଏନେଇ ସମସ୍ତଙ୍କ ଭୋଟ ଦେବାର ଅଧିକାର ରହିଛି ବୋଲି ଆଦିବାସୀ ଅଞ୍ଚଳରେ ପ୍ରଶାସନ ସଚେତନ କରୁଛି। ୨୦୧୯ ନିର୍ବାଚନ ସମୟରେ ଜିଲାରେ ୭୫ ପ୍ରତିଶତ ମତଦାନ ହୋଇଥିଲା। ଏହକୁ ବଢ଼ାଇ ଶତ ପ୍ରତିଶତ ମତଦାନ କରିବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ।

ଜଲା ପ୍ରଶାସନ ପକ୍ଷରୁ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚଳିତ ଥର ନୂତନ ଭାବେ ପରିବେଶ ଅନୁକୂଳ ହେଉଥିବା ବାଉଁଶ ବିଞ୍ଚଣାକୁ ବ୍ୟବହାର କରାଯାଇଛି। ବିଞ୍ଚଣାରେ ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଓ ସଫଳ ନିର୍ବାଚନ ପାଇଁ ଆହ୍ୱାନ ରଖାଯିବା ସହ ଆଞ୍ଚଳିକ ଭାଷାରେ ମୁଇଁ ମିଶା ଭୋଟ ଦେବି ବୋଲି ସ୍ଲୋଗାନ ଲେଖାଯାଇଛି। ବାଉଁଶର ବିଞ୍ଚଣାରେ ଆଞ୍ଚଳିକ ଭାଷାରେ ଭୋଟ ଦେବାର ସମସ୍ତ ସ୍ଲୋଗାନଗୁଡିକୁ ସ୍ଥାନିତ କରାଯାଇଛି। ବାଉଁଶର ବିଞ୍ଚଣା ବ୍ୟବହାର ନିର୍ବାଚନ ସମୟରେ ସଚେତନତା ସୃଷ୍ଟି କରଛି ତା' ନୁହେଁ ଏଥିସହ ଏହା ତିଆରି କରୁଥିବା ଲୋକଙ୍କୁ ଏକ ପ୍ରକାର ରୋଜଗାର ଯୋଗାଇଛି। ଚଳିତ ଥର ୩୨୧୮୯ ନୂତନ ଭୋଟର ରହିଛନ୍ତି। ବୁଥ କେନ୍ଦ୍ରର ସମସ୍ତ ବିବରଣୀ ସଚେତନତା ପାଇଁ ଇଡ଼ତାଲ ମାଧ୍ୟମରେ ଚିତ୍ର କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ପ୍ରଶାସନର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ରାୟଗଡା ଉପ ଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ କହନ୍ତି, ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ସଚେତନତା ସୃଷ୍ଟି ଲାଗି ଏପରି ବାଉଁଶ ବଞ୍ଚଣାର ପରିକଳ୍ପନା କଲୁ। ଏହା ବ୍ୟୟ ସାପେକ୍ଷ ହେବା ସହ ପରିବେଶ ଅନୁକୂଳ ଯୋଗୁ ଆମେ ସଚେତନତା ସୃଷ୍ଟିରେ ବ୍ୟବହାର କରିଛୁ। ଏହାଦ୍ୱାରା ଆମେ ଅଣ ସଙ୍ଗଠିତ ଶ୍ରମିକଙ୍କ ବାଉଁଶ କାରିଗରୀକୁ ଆର୍ଥିକ ପ୍ରୋତ୍ସାହନ ଦେଇପାରିଛୁ ବୋଲି ସେ କହିଥିଲେ। ମୁଖ୍ୟତଃ ନିର୍ବାଚନର ବିଭିନ୍ନ ଆପଗୁଡିକୁ ସ୍ଥାନିତ କରାଯାଇଛି, ଦିବ୍ୟାଙ୍ଗମାନଙ୍କ ପାଇଁ ସକ୍ଷମ ଆପ୍, ନାଗରିକମାନଙ୍କ ପାଇଁ ସି ଭିଜିଲ ଆପ୍ ଏବଂ ଭୋଟର ସଚେତନତା ଲାଗି ରହିଥିବା ଅନେକ ଆପ୍‌ଗୁଡିକୁ ଆମେ ବଞ୍ଚଣାରେ ପେଣ୍ଟିଂ କରିଛୁ ଯାହାକୁ ଲୋକେ ବେଶ ପସନ୍ଦ କରୁଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟ ପ୍ଲାଷ୍ଟିକ ଦ୍ରବ୍ୟ ଅପେକ୍ଷା ଏହା ବହୁତ ପ୍ରଭାବଶାଳୀ। ଦିବ୍ୟାଙ୍ଗ, ମହିଳା ଓ ବୟସ୍କମାନଙ୍କୁ ଏହା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଅଧିକାଂଶ ଲୋକେ ଆଦିବାସୀ ଅଞ୍ଚଳର ହୋଇଥିବାରୁ ସେମାନଙ୍କ ଭାଷା ମୁଇଁ ମିଶା ଭୋଟ ଦେବିକୁ ବ୍ୟବହାର କରାଯାଇଛି। ଯାହା ଆଦିବାସୀମାନଙ୍କୁ ପସନ୍ଦ ଆସୁଛି ବୋଲି ଉପଜିଲାପାଳ କଲ୍ୟାଣ ସଂଘମିତ୍ରା ଦେବୀ କହିଛନ୍ତି। ଏହି ପ୍ରୟାସକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରଶଂସା କରିଛନ୍ତି। ମେ ୧୧ ପର୍ଯ୍ୟନ୍ତ ଭୋଟରଙ୍କୁ ସଚେତନ କରାଯିବ। ଆହୁରି ବିଞ୍ଚଣା କିଣି ଚିତ୍ର ଆଙ୍କି ଲୋକଙ୍କୁ ଦିଆଯିବା ବ୍ୟବସ୍ଥା କରୁଛୁ ବୋଲି ସେ କହିଛନ୍ତି।

# ଖବର ପ୍ରକାଶ ପରେ ଫି ଆଦାୟ ବନ୍ଦ



ବୃତ ଚିହ୍ନିତ ସ୍ଥାନରେ ପୂର୍ବରୁ ପେ ଆଣ୍ଡ ୟୁଜ ଲେଖାହୋଇଥିବା ବେଳେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତାହାକୁ ଲିଭାଯାଇଛି ।

ରାୟଗଡା, ୧୩।୪ (ଭାଗ୍ୟଶ୍ରୀ ମିଶ୍ର)

**ବେଆଇନ ଭାବେ ଶୌଚାଳୟ ଫି' ଆଦାୟ ଘଟଣା**

ରାୟଗଡା ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡର ଅବ୍ୟବସ୍ଥା ସମ୍ପର୍କରେ ଗତ ଏପ୍ରିଲ ୧ରେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏଥିରେ ମୁଖ୍ୟତଃ ବେଆଇନ ଭାବେ ଶୌଚାଳୟ ଫି' ଆଦାୟ କାରଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଫି' ବାବଦରେ ୫ ଟଙ୍କାରୁ ୨୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା। ଫଳରେ ଦୂର ଦୁରାନ୍ତରୁ ଆସୁଥିବା ଲୋକେ ବସ୍‌କୁ ଅପେକ୍ଷା କରିବା ସମୟରେ ଶୌଚାଳୟ ଯାଇ ଫି' ଦେଉଥିଲେ। ଏନେଇ ଖବର ପ୍ରକାଶ ପରେ ଏଠାରେ ରହିଥିବା ପେ ଆଣ୍ଡ ୟୁଜ ଟୋଇଲେଟ ବୋର୍ଡରୁ ଏହାକୁ ଲିଭାଇ ଦିଆଯାଇଛି। କାହାଠାରୁ ଟଙ୍କା ଆଦାୟ କରାଯାଉ ନ ଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ଦେୟମୁକ୍ତ ଶୌଚାଳୟ ବୋଲି ବ୍ୟାନର ଲଗାଇବୁ ବୋଲି ଠିକାଦାର, ବିଭଗୀୟ ଅଧିକାରୀଙ୍କୁ ଜଣାଇଛୁ ବୋଲି ସାନିଟେସନ ଇନ୍ସପେକ୍ଟର ବାଲ୍ ରାଜୁ କହିଛନ୍ତି ।

# ଦିନକୁ ଦିନ ବଢ଼ିବାରେ ଲାଗିଛି ମଶାବଂଶ


ଇନ୍ଦିରାନଗର ୨ୟ ଲେନ୍ ଛକରେ ଆବର୍ଜନା ଡ୍ରେନ୍‌ରେ ପଡ଼ିଥିବାରୁ ଦୂଷିତ ଜଳ ନିଷ୍କାସନରେ ସମସ୍ୟା ଉପୁଜିଛି।

ରାୟଗଡ଼ା, ୧୩।୪ (ଆଶିଷ ରଞ୍ଜନ ପଣ୍ଡା)

**ରାୟଗଡ଼ା ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା**

ରାୟଗଡ଼ା ପୌର ପରିଷଦ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅନ୍ୟପଟେ କିନ୍ତୁ ଉନ୍ନତ ସହର ଭାବେ ୩ ଥର ପୁରସ୍କୃତ ହୋଇଛି ରାୟଗଡ଼ା। ସହରରେ ରହିଛି ୨୪ ୱାର୍ଡରେ ପ୍ରାୟ ୬୦ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା । ସହରର ଡ୍ରେନେଜ୍ ବ୍ୟବସ୍ଥା ସୁଦୃଢ଼ ନ ଥିବା ବେଳେ ରହିଥିବା ଡ୍ରେନ୍‌ଗୁଡ଼ିକରେ ଦୂଷିତ ଜଳ ଠିକ୍ ଭାବେ ନିଷ୍କାସିତ ହୋଇପାରୁନାହିଁ। ତେବେ ରାୟଗଡ଼ା ସହରର ପରିମଳ ବ୍ୟବସ୍ଥାକୁ ଠିକ୍ ରଖିବା ପାଇଁ ୨୪ ୱାର୍ଡ଼କୁ ୬ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍‌ରେ ୪ ୱାର୍ଡ଼ ରହିଛି । ଏହାକୁ ସଫାକରି ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଠିକା କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ମାସିକ ୩୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହିସାବରେ ବାର୍ଷିକ ୪କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ୨୪୦ରୁ ଅଧିକ ସଫେଇ କର୍ମଚାରୀ ଏଥିପାଇଁ ନିୟୋଜିତ ହୋଇଛନ୍ତି । ପ୍ରତ୍ୟେକ ଦିନ ସକାଳୁ ସହରର ସମସ୍ତ ଗଳିକନ୍ଦି ଝାଡୁମାରି ସଫା କରିବା ନିୟମ ରହିଛି। ସେହିଭଳି ପ୍ରତ୍ୟେକ ଦିନ ଅଳିଆ ଆବର୍ଜନା ଉଠାଇ ସହର ବାହାରେ ଫୋପାଡ଼ିବା ପାଇଁ ଗାଡ଼ି ବ୍ୟବସ୍ଥା ମଧ୍ୟ ରହିଛି। ସହରରେ ଥିବା ଡ୍ରେନ୍‌ଗୁଡ଼ିକ ସପ୍ତାହରେ ଥରେ ସଫା ହେବା ନିୟମ ରହିଛି । ତଥାପି କୌଣସି କାର୍ଯ୍ୟ ନିୟମାନୁଯାୟୀ ହେଉ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି । ସହରରେ ମଶାବଂଶ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହିଭଳି ସ୍ଥାନେ ସ୍ଥାନେ କୁଢ଼ କୁଢ଼ ଆବର୍ଜନା ଜମା ହୋଇ ରହୁଥିବାରୁ ଲୋକେ ବିଭିନ୍ନ ରୋଗର ଶିକାର ହେବାର ସମ୍ଭାବନା ରହୁଛି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

ଏନେଇ ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ସହରର ପରିମଳ ବ୍ୟବସ୍ଥା ପାଇଁ ଦୁଇଟି ଠିକା କମ୍ପାନୀ ଟେଣ୍ଡର ମାଧ୍ୟମରେ କାମ ପାଇଥିବା କହିଛନ୍ତି । ସହରକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିର୍ମଳ ରଖିବା ସେମାନଙ୍କ ଦାୟିତ୍ୱ । ଯଦି ପରିମଳ ବ୍ୟବସ୍ଥାରେ କୌଣସି ବ୍ୟତିକ୍ରମ ଦେଖାଯାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି ।

# ଏସ୍‌ଭିଇଇପି ଲୋଗୋ ଉନ୍ମୋଚିତ

ରାୟଗଡ଼ା, ୧୩।୪ (ଆଶିଷ ରଞ୍ଜନ ପଣ୍ଡା)

■ ଶତ ପ୍ରତିଶତ ମତଦାନ ପାଇଁ ସଚେତନତା

■ ଲୋଗୋରେ ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ ଡଙ୍ଗରିଆଙ୍କ କପଡ଼ାଗୁନ୍ଦା

ରାୟଗଡ଼ା ଜିଲାର ତିନୋଟି ନିର୍ବାଚନମଣ୍ଡଳୀରେ ମେ ୧୩ରେ ମତଦାନ ହେବ । ନିର୍ବାଚନରେ ଶତ ପ୍ରତିଶତ ମତଦାନ ରହିବ ଓ ସବୁ ବର୍ଗର ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ ଉଦ୍ୟମ ଚାଲିଥିବା ଦେଖିବାକୁ ମିଳିଛି। ଏଥିପାଇଁ ଶନିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ନିର୍ବାଚନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା । ଏହାର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ରାୟଗଡ଼ା ମାଟିର ଗର୍ବ ଓ ଗୌରବ ସୌରା ଚିତ୍ରକଳା ଇଡିତାଲରେ ମଣ୍ଡିତ ଏକ ଏସ୍‌ଭିଇଇପି ଲୋଗୋ ଲୋକାର୍ପଣ କରାଯାଇଥିଲା । ଏଥିରେ ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ ଡଙ୍ଗରିଆଙ୍କ କପଡାଗୁନ୍ଦା ସ୍ଥାନ ପାଇଛି।

ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଏହାକୁ ଲୋକାର୍ପଣ କରିଥିଲେ। ମତଦାତାଙ୍କ ମଧ୍ୟରେ ସଚେତନତା ନିମନ୍ତେ ଜିଆଇ ଟ୍ୟାଗ୍ ପ୍ରାପ୍ତ କପଡ଼ାଗୁନ୍ଦା ପୋଷାକରେ ମୁଁ ମିସା ଭୋଟ ଦେବି ସ୍ଲୋଗାନ ସହ ଡଙ୍ଗରିଆକନ୍ଧ ଭୋଟରଙ୍କ ପୋଷ୍ଟର ମଧ୍ୟ ଲୋକାର୍ପିତ ହୋଇଥିଲା। ବାଉଁଶ ବିଞ୍ଚଣା ଗ୍ରୀଷ୍ମଦିନରେ ସଭିଙ୍କ ଆଦର ପାଉଥିବା ବେଳେ ଉପଜିଲାପାଳଙ୍କ ଦ୍ୱାରା ସି-ଭିଜିଲ, ସକ୍ଷମ ଆପ୍ ଲୋଗୋ ସହ ବିଭିନ୍ନ ସଚେତନତା ସ୍ଲୋଗାନ ସମ୍ବଳିତ ବାଉଁଶ ବିଞ୍ଚଣା ଉଭୟ ଭୋଟର ଏବଂ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ ହୋଇଛି। ଏହି ଲୋଗୋ ଲୋକାର୍ପଣ ସମୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଓ ତ୍ରିନାଥ ମାଝି, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲା ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇଙ୍କ ସମେତ ଜିଲାର ସମସ୍ତ ଜିଲାସ୍ତରୀୟ ଓ ନିର୍ବାଚନମଣ୍ଡଳୀସ୍ତରୀୟ ତାଲିମଦାତା ଉପସ୍ଥିତ ଥିଲେ । ଭୋଟରଙ୍କ ମତଦାନ ହାର ବୃଦ୍ଧି ନିମନ୍ତେ ବୁଥ୍ ପହଞ୍ଚିବାରେ ଅକ୍ଷମ ଥିବା ୮୫ ବର୍ଷରୁ ଊର୍ଦ୍ଧ୍ୱ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପୋଷ୍ଟାଲ ବାଲଟ ବ୍ୟବସ୍ଥା କରାଯାଉଛି । ପ୍ରତି ଅଞ୍ଚଳରେ ଭୋଟର ସଚେତନତା ରଥ ବୁଲି ପ୍ରଚାର କରୁଥିବା ବେଳେ ପ୍ରତି ୱାର୍ଡ ଓ ପଡ଼ାଗ୍ରାମରେ ବୁଥସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ରାଲି, ପ୍ରତିଯୋଗିତା, ପ୍ଲାକାର୍ଡ ସହ ଘରଘର ବୁଲି ଶତ ପ୍ରତିଶତ ମତଦାନ ନିମନ୍ତେ ବାର୍ତ୍ତା ପହଞ୍ଚାଉଥିବା ଉପଜିଲାପାଳ ସୂଚନା ଦେଇଛନ୍ତି। ବୁଥ୍‌ସ୍ତରରେ ଆନୁଷଙ୍ଗିକ ସମସ୍ତ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ନିର୍ଦ୍ଦେଶ ଦେବା ସହ ଜିଲାପାଳ ମନୋଜ ମହାଜନ ନିଜେ ସୀମାନ୍ତ ସମେତ ଅନେକ ବୁଥ୍ ବୁଲି ବ୍ୟବସ୍ଥା ପରଖୁଥିବା ଦେଖିବାକୁ ମିଳିଛି । ଚଳିତ ମାସ ୧୪ ଓ ୧୫ ତାରିଖରେ ଜିଲାର ୨୧୩୨ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଧିକାରୀଙ୍କ ରିଫ୍ରେସ୍ ତାଲିମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।


ଭୋଟର ସଚେତନତା ଲୋଗୋକୁ ଉନ୍ମୋଚନ କରୁଛନ୍ତି ଜିଲାପାଳ ମନୋଜ ସତ୍ୟୱାନ ମହାଜନ, ୨ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

# ଗୁଡ଼ାରି ଥାନା ପକ୍ଷରୁ ଖୋଲିଲା ଜଳଛତ୍ର


ଜଳଛତ୍ର ଉଦ୍‌ଘାଟନୀ ଅବସରରେ ଥାନା ଅଧିକାରୀ ଓ ଅନ୍ୟମାନେ ।

ଗୁଡାରି, ୧୩।୪ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ଥାନା ପକ୍ଷରୁ ସ୍ଥାନୀୟ ଡିଗ୍ରୀ କଲେଜ ଛକ ନିକଟରେ ଶନିବାର ଜଳଛତ୍ର ଖୋଲିଛି। ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଫିତା କାଟି ଏହାକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ର,ପୋଲିସ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀଙ୍କ ନିମନ୍ତେ ଜଳଛତ୍ର ସହାୟକ ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଉତ୍କଳ ଆଲୁମିନାରେ ଲକ୍ଷ୍ମୀ ନାରାୟଣ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ



ଟିକିରି, ୧୩।୪ (ପ୍ରଫୁଲ୍ଲ କୁମାର ବେହେରା)

ଉତ୍କଳ ଆଲୁମିନା ପକ୍ଷରୁ ଏପ୍ରିଲ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଓଝାପଡା ଟାଉନସିପ୍‌ଠାରେ ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯାଇଛି। ୫ଦିନ ଧରି ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କଳସ ଯାତ୍ରାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବରେ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ସକାଳେ ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। ଏହି ଅବସରରେ ପ୍ରଥମ ଦିବସରେ ବିଗ୍ କର୍ଟେନ ଦ୍ୱାରା ଭଜନ ସନ୍ଧ୍ୟା, ଦ୍ୱିତୀୟ ଦିନରେ କଣ୍ଠଶିଳ୍ପୀ ଅନୁପ ଜଲୋଟା ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ତୃତୀୟ ସନ୍ଧ୍ୟାରେ ଶାଶ୍ୱତ ଯୋଶୀ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ମଳହର ବେଶ୍, ୟୁନିଟ ହେଡ୍ ଉତ୍କଳ ଆଲୁମିନା ଓ ଆଦିତ୍ୟ ଆଲୁମିନା କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଅବଦାନ ରଖିଥିବା ସମସ୍ତ ଅଂଶଗ୍ରହଣକାରୀ, କଳାକାର ଏବଂ ଶ୍ରଦ୍ଧାଳୁଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଘରେ ଶୋଇଥିବା ବେଳେ ନିଆଁଲଗାଇଦେଲେ ଦୁର୍ବୃତ୍ତ

ରାୟଗଡ଼ା, ୧୩।୪ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ତଳଝିରି ପଞ୍ଚାୟତ ଲାକ୍ରିଶ ଗ୍ରାମରେ କେତେଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲଗାଇଛନ୍ତି। ଗୋଟିଏ ବଖରା ଏଥିରେ ପୋଡ଼ିଯାଇଥିବା ସୂଚନା ମିଳିଛି। ସୂଚନା ମୁତାବକ ଲାକ୍ରିଶ ଗ୍ରାମର ଘେନୁ ନାଏକଙ୍କ ଘର ପଛପଟେ ଥିବା କାଠଗଦାରେ ଶୁକ୍ରବାର ରାତି ପ୍ରାୟ ୨ଟାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଫଳରେ ଘେନୁ ନାଏକଙ୍କ ଘରକୁ ଲାଗି ରହିଥିବା ଘାସିରାମ ନାଏକଙ୍କ ଗୋଟିଏ ବଖରା ପୋଡ଼ିଯାଇଥିବା ବେଳେ ଏଥିରେ ଥିବା ଖାଦ୍ୟଶସ୍ୟ ଓ ଆସବାବପତ୍ର ଜଳିଯାଇଛି। ଘରେ ଘାସିରାମ ଓ ତାଙ୍କ ସ୍ତ୍ରୀ ଶୋଇଥିବା ବେଳେ ନିଆଁ ଲାଗିଥିବା କାଶୀପୁର ଥାନାରେ ଲିଖିତ ଭାବରେ ଅଭିଯୋଗ କରାଯାଇଛି। ଏଥିରେ ତାଙ୍କର କିମ୍ବା ସ୍ତ୍ରୀଙ୍କର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। କିଏ ଏହି ନିଆଁ ଲଗାଇଥିଲା ତାହା ଜଣାପଡି ନ ଥିବା ବେଳେ ଏନେଇ କାଶୀପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

# ପଦ୍ମପୁର ନେତାଙ୍କ ଦୁର୍ଗିରେ ମିଶ୍ରଣ ପର୍ବ

ଗୁଣପୁର/ପଦ୍ମପୁର, ୧୩।୪
(ପ୍ରଦୀପ କୁମାର ପାଢୀ/ପ୍ରଶାନ୍ତ କୁମାର କର)

**ବିଜେଡି ରାଜନୀତି ସରଗରମ**

ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଦ୍ମପୁର ବ୍ଲକର ନେତାଙ୍କ ଏକ ମିଶ୍ରଣ ପର୍ବ ବିଷମକଟକ ନିର୍ବାଚନିମଣ୍ଡଳୀ ଅନ୍ତର୍ଗତ ଦୁର୍ଗି ଗ୍ରାମଠାରେ ଶନିବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ନେଇ ପୁଣି ବିଜେଡି ରାଜନୀତି ସରଗରମ ହୋଇଛି। କାର୍ଯ୍ୟକ୍ରମ ଗୁଣପୁର ନିର୍ବାଚନ ମଣ୍ଡଳୀରେ ନ ହୋଇ ବିଷମକଟକ ନିର୍ବାଚନ ମଣ୍ଡଳୀରେ ହେବା, ଜିଲା ସଭାପତିଙ୍କ ଅନୁପସ୍ଥିତିରେ କାର୍ଯ୍ୟକ୍ରମ କରାଯିବା ବିଜେଡି ରାଜନୀତିକୁ ଚଳଚଞ୍ଚଳ କରଛି। ଦୁର୍ଗିଠାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସଙ୍କ ବାସଭବନରେ ହୋଇଥିବା ମିଶ୍ରଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପଦ୍ମପୁରର ବରିଷ୍ଠ ନେତା ଦୁର୍ଗା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମିଶ୍ରଣ ପର୍ବରେ ପଦ୍ମପୁର ବ୍ଲକ ଯୁବ ନେତା ସରୋଜା ପାଣିଗ୍ରାହୀ, ଦିଲିପ ମହାପାତ୍ର, ସତ୍ୟ ନାରାୟଣ ପାଢୀ, ରଘୁନନ୍ଦନ ପାଢୀ, କୈଳାସ ନାୟକ, ଅଜିତ ପାଢୀ ପ୍ରମୁଖ ଦଳରେ ସାମିଲ ହୋଇଥିବା ଜଣାପଡିଛି। ଏହି ମିଶ୍ରଣ ପର୍ବ ପୁଣି ଏକ ନୂଆ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଜିଲାରେ ବିଜେଡିର ବିଧାନସଭା ପ୍ରାର୍ଥୀ ଘୋଷଣାଠାରୁ ବର୍ତ୍ତମାନ ଘଟଣା ପର୍ଯ୍ୟନ୍ତ ଲକ୍ଷ୍ୟ କଲେ ଦଳରେ କିଛି ନା କିଛି ଗୋଳମାଳିଆ ପରିସ୍ଥିତି ଲାଗି ରହିଥିବା ଆଲୋଚନା ହେଉଛି। ନୂତନ ଜିଲା ସଭାପତି ନିଯୁକ୍ତି ହୋଇଥିଲେ ମଧ୍ୟ ତାହାକୁ ତାଙ୍କ ବିରୋଧୀ ସହଜରେ ଗ୍ରହଣ କରିପାରୁ ନ ଥିବା ଚର୍ଚ୍ଚା ହେଉଛି। ଜିଲା ସଭାପତି ପରିବର୍ତ୍ତନ ହେବା ପରେ ଦଳରେ ସବୁ କିଛି ଠିକଠାକ ହେବା ନେଇ ଯେଉଁ ଆଶା କରାଯାଉଥିଲା ସେପରି ଯେ କିଛି ହେଲାନାହିଁ ତାହା ଏହି ମିଶ୍ରଣ ପର୍ବରୁ ପ୍ରମାଣିତ ହୋଇଛି। ଗୁଣପୁରଠାରେ ଜିଲା ସଭାପତି ଏନ.ଭାସ୍କର ରାଓଙ୍କ ସ୍ୱାଗତ ସମ୍ବର୍ଦ୍ଧନାରେ ସୁଧୀର ଦାସ ଅନୁପସ୍ଥିତ ରହିବା ଏବଂ ଦୁର୍ଗିଠାରେ ହୋଇଥିବା ମିଶ୍ରଣ ପର୍ବରେ ଭାସ୍କର ଅନୁପସ୍ଥିତ ରହିବା ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି। ଏନ.ଭାସ୍କର ରାଓଙ୍କୁ ଜିଲା ସଭାପତି ଦାୟିତ୍ୱ ପ୍ରଦାନ ପରେ ରାଜ୍ୟ ବିଜେଡି ପକ୍ଷରୁ ହୋଇଥିବା ପତ୍ରରେ ବିଷମକଟକ ନିର୍ବାଚନ ମଣ୍ଡଳୀ ସୁଧୀର ଦାସ, ରାୟଗଡା ବିଧାନସଭା ନିର୍ବାଚନ ମଣ୍ଡଳୀ କୃଷ୍ଣ ମହାପାତ୍ର ବୁଝିବେ ବୋଲି ସ୍ପଷ୍ଟ ଉଲ୍ଲେଖ କରାଯାଇଥିଲା। ଦଳରେ ଯଦି ଏପରି ସ୍ଥିତି ଲାଗି ରହେ ତେବେ ଆଗାମୀ ନିର୍ବାଚନ ବୈତରଣୀ ପାର ହେବା ଦଳକୁ କଷ୍ଟକର ହେବ ବୋଲି ଆଲୋଚନା ହେଉଛି।


ଦୁର୍ଗିଠାରେ ସୁଧୀର ଦାସଙ୍କ ବାସଭବନରେ ହୋଇଥିବା ମିଶ୍ରଣ ପର୍ବରେ ଯୋଗ ଦେଇଥିବା ପଦ୍ମପୁର ଅଞ୍ଚଳ ନେତା।

# ପ୍ରାର୍ଥୀ ବଦଳାଇବାକୁ ବିଷମକଟକ, ଗୁଣପୁର ଆଶାୟୀଙ୍କ ଦାବି

ରାୟଗଡ଼ା, ୧୩।୪ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ବିଷମକଟକ ଓ ଗୁଣପୁର ପ୍ରାର୍ଥୀ ଚୟନକୁ ନେଇ ଶତାଧିକ କର୍ମୀ ଶନିବାର ଏଆଇସିସି ପର୍ଯ୍ୟବେକ୍ଷକଙ୍କ ନିକଟରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କଂଗ୍ରେସ ଭବନରେ ଏକ ବୈଠକରେ ପର୍ଯ୍ୟବେକ୍ଷକ ରବିନ୍ଦ୍ର ଦଲଭିଙ୍କ ଆଗରେ ପ୍ରାର୍ଥୀ ପରିବର୍ତ୍ତନ କର ନଚେତ ଦଳର କ୍ଷତି ଘଟିବ ବୋଲି ଆଶାୀୟ ଓ ସେମାନଙ୍କ ସମର୍ଥକମାନେ ଚେତାବନୀ ଦେଇଛନ୍ତି।

ବିଷମକଟକ ଓ ଗୁଣପୁର ନିର୍ବାଚନ ମଣ୍ଡଳୀକୁ ନେଇ ରାୟଗଡ଼ା ଜିଲାରେ କଂଗ୍ରେସରେ ଅସନ୍ତୋଷ ଦେଖାଦେଇଛି। ବିଷମକଟକ ନିର୍ବାଚନ ମଣ୍ଡଳୀରେ ନୀଳମାଧବ ହିକକାଙ୍କ ନାମ ଘୋଷଣା ପରଠାରୁ ଦଳ ଭିତରେ ବିଦ୍ରୋହ ବଢ଼ିବାରେ ଲାଗିଛି। ବିଷମକଟ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପୂର୍ବତନ ମନ୍ତ୍ରୀ ଉମ୍ବରୁଧର ଉଲାକାଙ୍କ ପୁଅ ନୀଳମାଧବ ଉଲାକାଙ୍କ ଟିକେଟକୁ କାଟି ନୀଳମାଧବ ହିକକାଙ୍କୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସର ସମସ୍ତ ମାପଦଣ୍ଡକୁ ଉଲାକା ସଠିକ ରୂପେ ପାର କରିଥିବାରୁ ତାଙ୍କୁ ପୁରୀ ବୈଠକରେ ପେନଡ୍ରାଇଭ ଦେଇ ବିଧାନସଭା କ୍ଷେତ୍ରରେ ପ୍ରଚାରପ୍ରସାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ରାର୍ଥୀ ଘୋଷଣା ସମୟରେ ନୀଳମାଧବ ଉଲାକାଙ୍କ ବଦଳରେ ନୀଳମାଧବ ହିକକାଙ୍କ ନାମ ଘୋଷଣା କରାଯାଇଥିଲା। ଏହାକୁ ନେଇ ବରିଷ୍ଠ ନେତା ଚନ୍ଦ୍ର ବେହେରା, ସୁରିଆ ରାଓ, ସନ୍ତୋଷ କୁମାର ନାୟକ, କିଶୋର କୁମାର କୌଶଲ୍ୟା ଓ ଅନ୍ୟ କର୍ମୀମାନେ ପର୍ଯ୍ୟବେକ୍ଷକ ଦଲଭିଙ୍କ ଆଗରେ ଅଭିଯୋଗ କରିଥିଲେ। ଏଥିସହିତ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦାବି କରିଥିଲେ। ପ୍ରାର୍ଥୀ ପରିବର୍ତ୍ତନ ନେଇ ସମସ୍ତେ ସପ୍ତଗିରି ଉଲାକାଙ୍କୁ ଦାୟୀ କରିଥିଲେ। ଏନେଇ ବିଷମକଟକରୁ ଆଶାୟୀ ରହିଥିବା ନୀଳମାଧବ ଉଲାକାଙ୍କ ପଚାରିବାରୁ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ପର୍ଯ୍ୟବେକ୍ଷକଙ୍କୁ ଜଣାଇଛୁ। ଏ ନେଇ ଏଆଇସିସିରେ ଜଣାଇବା ପରେ ଯାହା ନିଷ୍ପତ୍ତି ହେବ। ଯଦିଓ ପରିବର୍ତ୍ତନ ନ ହୁଏ ତେବେ ବିଧାନସଭା ମଣ୍ଡଳୀର କର୍ମୀ ଯାହା ନିଷ୍ପତ୍ତି ନେବେ ସେହି ପ୍ରକାରେ ପଦକ୍ଷେପ ନିଆଯିବ ବୋଲି ଉଲାକା କହିଛନ୍ତି । ଅନ୍ୟପଟେ ଗୁଣପୁର ଆଶାୟୀ ପ୍ରାର୍ଥୀ ଭାସ୍କର ଜାଗେରଙ୍ଗାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ସତ୍ତ୍ୱେ ସମ୍ଭବ ହୋଇ ନ ଥିଲା। ଘଟଣା ସମ୍ପର୍କରେ ଜାଣିବାକୁ ସପ୍ତଗିରିଙ୍କୁ ଯୋଗାଯୋଗ କରିଥିଲେ ହେଁ ତାହା ହୋଇ ପାରି ନ ଥିଲା।


ଏଆଇସିସି ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଦଲଭିଙ୍କୁ ବିଷମକଟକ, ଗୁଣପୁର ଆଶାୟୀ ପ୍ରାର୍ଥୀ ଓ ଦଳୀୟ କର୍ମୀମାନେ ଅଭିଯୋଗ କରୁଛନ୍ତି।

■ କଂଗ୍ରେସରେ ତେଜୁଛି ବିବାଦ

■ ସମାଧାନ ପ୍ରତିଶ୍ରୁତି ଦେଲେ ଏଆଇସିସି

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

**ଜୟପୁର, ୧୨।୪(ପବନ ପାଣିଗ୍ରାହୀ)**

ଜଣେ ଫେରାର ଅଭିଯୁକ୍ତଙ୍କୁ ଶନିବାର ଜୟପୁର ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ମାଲକାନଗିରି ଜିଲା ଗୁନିଆଗୁଡା ଗ୍ରାମର ଚକ୍ରଧର କୋପ (୩୩)। ଚକ୍ରଧରଙ୍କ ନାମରେ ବହୁ ଦିନ ହେଲା ଅପରାଧିକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ଆଜି ଚକ୍ରଧର ଗ୍ରାମରେ ଥିବା ସୂଚନା ପାଇ ପୋଲିସ ତାଙ୍କୁ ଚଢାଉ କରି ଗିରଫ କରିଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ କହିଛନ୍ତି ।

### ଗୁରୁତର ଉଦ୍ଧାର ଯୁବକଙ୍କ ମୃତ୍ୟୁ

**ନନ୍ଦପୁର, ୧୩।୪ (ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ଚାଟୁଆ ପଞ୍ଚାୟତ କଉଡ଼ିଖାଲ ଗ୍ରାମ ନିକଟ ରେଲଧାରଣା କଡ଼ରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ରେଲବାଇ ଆରପିଏଫ ଦଳର ସମ୍ପୃକ୍ତ ଅଚେତ ଯୁବକଙ୍କୁ ରାତିରେ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ସକାଳେ ସମ୍ପୃକ୍ତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଯୁବକ ଜଣକ ଚାଟୁଆ ପଞ୍ଚାୟତ ସଦର ମହକୁମାର ଡମ୍ବରୁ ମାଝୀଙ୍କ ପୁଅ ଅଂଶୁମାନ (୨୫) ବୋଲି ଚିହ୍ନଟ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆରପିଏଫ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ରେଲବାଇ ଓଆଇସି ଦେବେନ୍ଦ୍ର ନାୟକ କହିଛନ୍ତି।

### ନୀଳଗିରି ଗଛ କାଟି ଚାଲାଣ ବେଳେ ୨ଟ୍ରକ ଅଟକ

**ନନ୍ଦପୁର, ୧୩।୪ (ଶଙ୍କର ପୂଜାରୀ)**

ନନ୍ଦପୁର ବନ ବିଭାଗ ପକ୍ଷରୁ ପାଳିବା ଗ୍ରାମ ନିକଟରେ ଥିବା ଡମ ଡଙ୍ଗର (ରାଜସ୍ୱ ଜମି)ରୁ ନୀଳଗିରି ଗଛ କାଟି ଚାଲାଣ କରୁଥିବା ୨ଟି ଟ୍ରକ୍‌କୁ ଶନିବାର ଅଟକ ରଖାଯାଇଛି। କୁମାର ଗନ୍ଧନା ରାଜସ୍ୱ ନୀରିକ୍ଷକଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ରିପୋର୍ଟ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନପାଳ ଗୋପୀନାଥ ପାଙ୍ଗି କହିଛନ୍ତି। ସୂଚନା ମୁତାବକ ସରକାରୀ ଜମିରେ ଥିବା ନୀଳଗିରି ଗଛ କାଟି ଗ୍ରାମର ନରସିଂହ କୋଟିଆ ନାମକ ଯୁବକ ଚାଲାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ବନ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ନୂତନ ରାଧା କୃଷ୍ଣ ମନ୍ଦିର ପ୍ରତିଷ୍ଠା

**କୋରାପୁଟ, ୧୩।୪(ଅମିତାଭ ବେହେରା)**

କୋରାପୁଟ ସହରର ଗାନ୍ଧିନଗରଠାରେ ଏକ ନୂତନ ରାଧାକୃଷ୍ଣ ମନ୍ଦିର ଏବଂ ସଙ୍କଟ ମୋଚନ ହନୁମାନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଗତ ୩ ଦିନ ଧରି ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ପରେ ସଙ୍କଟ ମୋଚନଙ୍କ ପ୍ରତିମା ଓ ରାଧାକୃଷ୍ଣଙ୍କ ପ୍ରତିମା ସ୍ଥାପନ ହୋଇଛି। ପ୍ରତିଷ୍ଠା କାର୍ଯ୍ୟକ୍ରମରେ କଳସ ଯାତ୍ରା, ମନ୍ଦିର ଶୁଦ୍ଧି, ହୋମ ଯଜ୍ଞ, କୀର୍ତ୍ତନ, ମନ୍ଦିର ପ୍ରତିଷ୍ଠା କରାଯାଇ ଶେଷରେ ପ୍ରତିମା ସ୍ଥାପନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

# କୋରାପୁଟ ଜିଲାରେ ଖୋଲିଲା ୧୫ କଣ୍ଟ୍ରୋଲ ରୁମ୍

**କୋରାପୁଟ, ୧୩।୪(ଅମିତାଭ ବେହେରା)**

## ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ସର୍ତକତା ଜାରି

ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ କୋରାପୁଟ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଶନିବାର ସର୍ତକତା ଜାରି କରିଛି। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ୧୫ଟି କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା କହିଛନ୍ତି। ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ କାର୍ଯ୍ୟାଳୟଠାରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହାର ନମ୍ବର ହେଉଛି ୦୬୮୫୨-୨୫୦୩୭୬, ସେହିପରି ଜିଲାର ବନ୍ଧୁଗାଁ, ବୈପାରିଗୁଡା, ବୋରିଗୁମ୍ମା, ଦଶମନ୍ତପୁର, ଜୟପୁର, କୋରାପୁଟ, କୋଟପାଡ, କୁନ୍ଦୁରା, ଲମତାପୁଟ, ଲକ୍ଷ୍ମୀପୁର, ନନ୍ଦପୁର, ନାରାୟଣପାଟଣା, ପ ଟ୍ଟା ଙ୍ଗି, ସେମିଳିଗୁଡା ଆଦି ୧୪ଟି ବ୍ଲକ ସଦର ମହକୁମାରେ ୧୪ଟି କଣ୍ଟ୍ରୋଲ ରୁମ ଖୋଲିଛି। ଏହି କଣ୍ଟ୍ରୋଲ ରୁମ ଜରିଆରେ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଦେଖାଯାଉଥିବା ଅଂଶୁଘାତ ସମସ୍ୟା, ଜଳଛତ୍ର, ପାନୀୟଜଳ ସଙ୍କଟ ସମେତ ଅନ୍ୟ ସମସ୍ୟା ନେଇ ଜନସାଧାରଣ ଜଣାଇପାରିବେ। ଯାହା ଦ୍ୱାରା ବ୍ଲକ ପ୍ରଶାସନ ଏଦିଗରେ ଗୁରୁତ୍ୱ ଦେଇ ତୁରନ୍ତ ସମସ୍ୟା ସମାଧାନ କରିବ। ଯଦି ଏହା ସତ୍ତ୍ୱେ କିଛି ସମସ୍ୟା ସମାଧାନ ହୋଇପାରିଲାନାହିଁ ତେବେ ଜିଲା ସ୍ତରରେ ହୋଇଥିବା କଣ୍ଟ୍ରୋଲ ରୁମ୍‌କୁ ଲୋକେ ଜଣାଇପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

Block wise Contact No of Heat wave Control Room of Koraput district

| Sl | Name of the Block | Control Room NO |
|---|---|---|
| 1 | BANDHUGAON | 9348936620 |
| 2 | BOIPARIGUDA | 8480753628 |
| 3 | BORIGUMMA | 8763888291 / 8260734456 |
| 4 | DASAMANTAPUR | 9438420047 |
| 5 | JEYPORE | 7735789908 |
| 6 | KORAPUT | 06852-250304 |
| 7 | KOTPAD | 06860-295559/8280405233 |
| 8 | KUNDURA | 8280408791 |
| 9 | LAMTAPUT | 8280408477 |
| 10 | LAXMIPUR | 8144667752 |
| 11 | NANDAPUR | 8280408480 |
| 12 | NARAYAN PATANA | 8480242270 / 9437808380 |
| 13 | POTTANGI | 637171429 |
| 14 | SEMILIGUDA | 06853-359441 |
| 15 | ZILLA PARISHAD, KORAPUT | 06852-250376 |

ଜିଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କଣ୍ଟ୍ରୋଲ ରୁମ୍ ତାଲିକା ଓ ଫୋନ ନମ୍ବର।

# ଅଲ୍ ଓଡ଼ିଶା ଇପିଏଫ୍ କୋରାପୁଟ ଜିଲା ଶାଖାର ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

**ଜୟପୁର, ୧୩।୪(ପବନ ପାଣିଗ୍ରାହୀ)**

ଜୟପୁର ଯାଦବ ଭବନ ପରିସରରେ ଅଲ ଓଡ଼ିଶା ଇପିଏଫ୍ କୋରାପୁଟ ଜିଲା ଶାଖାର ଏକ ବୈଠକ ସଭାପତି ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ସର୍ବନିମ୍ନ ପେନ୍‌ସନ ପ୍ରଦାନ ପାଇଁ ଏକ ମକଦ୍ଦମା ସାଧାରଣ ସମ୍ପାଦକ ଭଗ୍ୟଧର ବ୍ରହ୍ମା ରୁଜୁ କରିଛନ୍ତି। ଉଚ୍ଚ ନ୍ୟାୟାଳୟ ଏହାକୁ ଗ୍ରହଣକରି କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ସଚିବଙ୍କୁ ନୋଟିସ କରିଛନ୍ତି ବୋଲି ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ନିର୍ବାଚନ ଲାଗି ଆସନ୍ତା ମେ’ ମାସ ବୈଠକକୁ ସ୍ଥଗିତ ରଖାଯିବାକୁ ଘୋଷଣା କରାଯାଇଥିଲା। ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

# ଶହୀଦ ଯବାନଙ୍କୁ ସିଆଇଏସ୍‌ଏଫ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଦାମନଯୋଡ଼ି, ୧୩।୪(ମାନସ ରଞ୍ଜନ କର)**

କୋରାପୁଟ ଜିଲା ନାଲ୍‌କୋ ଦାମନଯୋଡ଼ିର ଖଣି ଅଞ୍ଚଳରେ ୨୦୦୯ ଏପ୍ରିଲ ୧୨ରେ ମାଓବାଦୀ ଆକ୍ରମଣରେ ନାଲ୍‌କୋ ସୁରକ୍ଷାରେ ମୁତୟନ ଥିବା ସିଆଇଏସ୍‌ଏଫ୍ ଯବାନମାନେ ବୀରତ୍ୱର ସହ ଲଢ଼େଇକରି ଜାତୀୟ ସମ୍ପତ୍ତିକୁ ରକ୍ଷା କରିଥିଲେ। ସେହି ସମୟରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ୧୦ଜଣ ସିଆଇଏସ୍‌ଏଫ୍ ଯବାନ ଶହୀଦ ହୋଇଥିଲେ। ୪ଜଣ ମାଓବାଦୀ ନିହତ ହୋଇଥିଲେ। ଶହୀଦ ଯବାନମାନଙ୍କ ବୀରତ୍ୱ ଓ ବଳିଦାନକୁ ମନେପକାଇ ଦାମନଯୋଡି ସିଆଇଏସ୍‌ଏଫ୍ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କମାଣ୍ଡାଣ୍ଟ ସତୀଶ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡାଣ୍ଟ ଦିଲୀପ୍ ସିଂ ଟିମା ଓ ଡେପୁଟି କମାଣ୍ଡାଣ୍ଟ (ଅଗ୍ନିଶମ) ନରେନ୍ଦ୍ର ସିଂହଙ୍କ ସମେତ ଯବାନମାନେ ଏବଂ ନାଲ୍‌କୋ ମାଇନ୍ସର ସମୂହ ମହାପ୍ରବନ୍ଧକ ଭି.ଏସ୍.ଏସ୍. ଆନନ୍ଦ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୂହ ମହାପ୍ରବନ୍ଧକ ଆନନ୍ଦ ଓ ବରିଷ୍ଠ ଅଧିକାରୀମାନେ ଶହୀଦ ଯବାନମାନଙ୍କ ବୀରତ୍ୱକୁ ମନେପକାଇ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଦଶମନ୍ତପୁରରେ କଂଗ୍ରେସର କର୍ମୀ ସମ୍ମିଳନୀ

**ଦଶମନ୍ତପୁର, ୧୩।୪(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାରେ କଂଗ୍ରେସ ପକ୍ଷରୁ ଶନିବାର ଏକ କର୍ମୀ ସମ୍ମିଳନୀ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଏମ୍‌ପି ସପ୍ତଗିରି



ଉଲ୍ଲାକା, ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା କଂଗ୍ରେସ ସଭାପତି ଶଶିଭୂଷଣ ପାତ୍ର, ଲକ୍ଷ୍ମୀପୁର ବ୍ଲକ ସଭାପତି କୈଳାସ ଖୋସ୍‌ଲା, ବିଧାୟକ ପ୍ରାର୍ଥୀ ପବିତ୍ର ସାଉଁତା, ଲକ୍ଷ୍ମୀପୁର ପର୍ଯ୍ୟବେକ୍ଷକ ଜଗଦୀଶ ଖୋସ୍‌ଲା, ଯୁବ ସଭାପତି ମଣ୍ଟି ଖରା, ପଟାଙ୍ଗୀ ନିର୍ବାଚନମଣ୍ଡଳୀର ଯୁବ ସଭାପତି ଜଗଦୀଶ ବାଘ, ରାଜେନ୍ଦ୍ର ହୁଇକାଙ୍କ ସମେତ ୧୬ଟି ପଞ୍ଚାୟତର ପଞ୍ଚାୟତ ସଭାପତି, ସମସ୍ତ ସରପଞ୍ଚ, ଜିଲା ପରିଷଦ ସଭ୍ୟାସଭ୍ୟ ଏବଂ ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ରାଧାକୃଷ୍ଣ ପୀଠଠାରୁ ଢେମ୍‌ସାର ତାଳେ ତାଳେ ସଭାସ୍ଥଳକୁ କର୍ମୀମାନେ ପାଛୋଟି ନେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ନେଇ ସମସ୍ତେ ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

# ଲକ୍ଷ୍ମୀପୁରରେ ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା କର୍ମୀ



ବିଜେଡିରେ ଯୋଗ ଦେଇଥିବା କଂଗ୍ରେସ, ଭାଜପା କର୍ମୀ

**କୋରାପୁଟ, ୧୩।୪( ଅମିତାଭ ବେହେରା)**

କୋରାପୁଟ ଜିଲାର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଶନିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଦଶମନ୍ତପୁର ବ୍ଲକର ଅଞ୍ଚଳର ଅନେକ କଂଗ୍ରେସ ଓ ଭାଜପା କର୍ମୀ ରାଜ୍ୟ ବିଜେଡି ସଭାପତି ତଥା ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା ଜିଲା ଉପସଭାପତି ନାରାୟଣ ବିଶୋୟୀ କହିଛନ୍ତି। ଆଗାମୀ ଦିନରେ ଭୁବନେଶ୍ୱରଠାରେ ଅନ୍ୟ ଦଳର ନେତା ଓ କର୍ମୀ ବିଜେଡିରେ ଯୋଗଦେବେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବ ଦ୍ୱାରା ଲକ୍ଷ୍ମୀପୁର ବିଧାସନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ଆହରି ସୁଦୃଢ ହେବ ବୋଲି ବିଶୋୟୀ କହିଛନ୍ତି।

# ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

**ବୈପାରିଗୁଡ଼ା, ୧୩।୪(କଳ୍ପତରୁ ମହାନ୍ତି)**

ନିର୍ବାଚନ ଆଚରଣବିଧି କଡ଼ାକଡ଼ି ପାଳନ କରାଯିବାକୁ ନିର୍ବାଚନ କମିଶନଙ୍କ କଡ଼ା ନିର୍ଦ୍ଦେଶ ଥିବାବେଳେ କୋରାପୁଟ ଜିଲା ବୈପାରିଗୁଡା ବ୍ଲକରେ ତାହା ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ରାଜ୍ୟରେ ଗତମାସ ୧୬ ତାରିଖରୁ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି । ଏହା ପରଠାରୁ କୌଣସି ଉନ୍ନୟନ କାମର ଫଳକ ନ ଲାଗିବାକୁ ନିୟମ ରହିଛି। ତେବେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକର ପୂଜାରିଗୁଡା ପଞ୍ଚାୟତର ବୈପାରିଗୁଡା-କୁନ୍ଦୁରା ରାସ୍ତାପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ଏକ କମ୍ୟୁନିଟି ସେଣ୍ଟରର କାର୍ଯ୍ୟଫଳକ ୨ ଦିନ ତଳେ ଲେଖାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ଫଳକଟିକୁ ତରବରିଆ ଭାବେ ଲେଖାଯାଇଥିବା ବେଳେ କାମ ଆରମ୍ଭ ତାରିଖ ଗତମାସ ୨୭ ବୋଲି ଉଲ୍ଲେଖ ରହିଛି। ଫଳକରେ ଶଙ୍ଖ ଚିହ୍ନ ମଧ୍ୟ ରହିଛି । ଏ ସମ୍ପର୍କରେ ବିଡିଓ ଭାସ୍କର ଚନ୍ଦ୍ର ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ସମ୍ପୃକ୍ତ ମହିଳା ଯନ୍ତ୍ରୀଙ୍କୁ ପଚାରିଥିଲେ। ତେବେ ଫଳକରେ ଭୁଲ୍ ତାରିଖ ଉଲ୍ଲେଖ ଥିବା ସେ ସ୍ୱୀକାର କରିଥିଲେ। ତେବେ ତୁରନ୍ତ ତାରିଖ ସଂଶୋଧନ କରିବା ସହ ଶଙ୍ଖ ଚିହ୍ନ ଲିଭାଇବାକୁ ବିଡିଓ ତାଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।




କମ୍ୟୁନିଟି ସେଣ୍ଟରର କାର୍ଯ୍ୟ ଫଳକ।

# ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ୨ ଶିକ୍ଷକ।

**କୁନ୍ଦୁରା, ୧୩।୪(ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ପଞ୍ଚାୟତ ସଦର ମହକୁମାସ୍ଥିତ ଅନନ୍ତ ବିଦ୍ୟାପୀଠରେ ଦୀର୍ଘ ୩୩ ବର୍ଷ ଧରି ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିବା ଦୁଇ ଶିକ୍ଷକ ବିଜୟ କୁମାର ଭଞ୍ଜ ଏବଂ ଅକ୍ଷୟ କୁମାର ଖୁଣ୍ଟିଆଙ୍କୁ ପୂର୍ବତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ ବିଦ୍ୟାଳୟ ୧୯୯୧ରେ ପ୍ରତିଷ୍ଠାଲାଭ କରିବା ଦିନଠାରୁ ଏହି ୨ ଶିକ୍ଷକ ଏଠାରେ ଶିକ୍ଷକତା କରିଆସୁଥିଲେ। ଏହି ଅବସରରେ ଶିକ୍ଷାବିତ୍ ପଞ୍ଚାନନ ଗୌଡ଼, ଅବସରପ୍ରାପ୍ତ ଶିକ୍ଷକ ଉଦୟନାଥ ସାହୁ, ସଭାପତି ଉମାକାନ୍ତ ମିଶ୍ର, ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମକୃଷ୍ଣ ସାବତ, ପୂର୍ବତନ ସଭାପତି ରାଧାନାଥ ଭଞ୍ଜ, ସମ୍ପାଦକ ଅଖିଳ ଭଞ୍ଜ, ଗଣେଶ୍ୱର ଶତପଥୀ ଏବଂ ପ୍ରଧାନ ଶିକ୍ଷକ ଅଖିଳ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନରେ କାର୍ଯ୍ୟରତ ଥାଇ ମୃତ୍ୟୁବରଣ କରିଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ଫୁଲଦାସ ଗୌଡ଼ଙ୍କ ପୁଅଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପୂର୍ବତନ ଛାତ୍ର ସନ୍ତୋଷ ପ୍ରହରାଜ, ସୁଜିତ୍ ଶତପଥୀ, ଶ୍ରୀକାନ୍ତ ଶତପଥୀ, ଲଛମନ ଭତ୍ରା, ବସନ୍ତ ଭଞ୍ଜ, ଡାକ୍ତର ଶ୍ରୀକାନ୍ତ ଶତପଥୀ, ବିକ୍ରମ ଭଞ୍ଜ, କାହ୍ନୁଚରଣ ଶତପଥୀ, ସଞ୍ଜୟ ସାନ୍ତ୍ରା, ପ୍ରଶାନ୍ତ ପାଢୀ, ସରୋଜ ମିଶ୍ର, ଜୀବନ ଭଞ୍ଜ, ପିଣ୍ଟୁ ପଣ୍ଡା, ଚନ୍ଦ୍ରମୋହନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର, ୧୩।୪(ପବନ ପାଣିଗ୍ରାହୀ)**

ଜୟପୁର ସଦର ଥାନା ଅନ୍ତର୍ଗତ ନୀଳାଗୁଡା ଜଙ୍ଗଲରେ ଶନିବାର ଅବକାରୀ କର୍ମଚାରୀ ଚଢାଉ କରି ୨୮ଶହ ଲିଟର ପୋଚ ଓ ୩୧୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ତେବେ ଏହାପୂର୍ବରୁ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ ବହୁ ମଦ ଭାଟି ଭାଙ୍ଗି ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦ ଜବତ କରି ଫେରିଥିବା ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ କହିଛନ୍ତି।

# ବାଇଲିଗୁଡ଼ା ଆର୍ଯ୍ୟ ସମାଜର ବାର୍ଷିକ ଉତ୍ସବ

**ନନ୍ଦପୁର, ୧୩।୪(ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତ ଅନ୍ତର୍ଗତ ବାଇଲିଗୁଡ଼ା ଗ୍ରାମରେ ଆର୍ଯ୍ୟ ସମାଜର ୨୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯଜ୍ଞ ଆୟୋଜନ ହୋଇଥିଲା। ବାଇଲିଗୁଡ଼ା ଆର୍ଯ୍ୟ ସମାଜ ସଭାପତି ଡମ୍ବରୁ ଗୋଲରି ଓ ବାନପ୍ରସ୍ଥି କାର୍ତ୍ତିକ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯଜ୍ଞରେ କୁଦୁଲି ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ମନୁ ଦେବକି, ବିନୟ କୁମାର ବୈଦିକ, କୈଳାସ ଚନ୍ଦ୍ର ଆର୍ଯ୍ୟ, ବିଭୂତି ଭୂଷଣ ସାହୁ, ଅନିଲ ଶାସ୍ତ୍ରୀ, ସଞ୍ଜୟ ଶାସ୍ତ୍ରୀ, ମୁଖ୍ୟ ପ୍ରଚାରକ ନିତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଓ ଆନ୍ଧ୍ର ଅଞ୍ଚଳର ୧୨ଜଣ ପୁରୁଷ ଆର୍ଯ୍ୟ ଦୀକ୍ଷା ଗ୍ରହଣ କରିଥିଲେ। ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, କବି ବିଚିତ୍ରାନନ୍ଦ ପଣ୍ଡା, ବ୍ରହ୍ମକୁମାରୀ ମିତାରାଣୀ କର, ଗୁନେସ ପାତ୍ର, ଭଗବାନ ମହାପାତ୍ର, ଶତ୍ରୁଘନ ହିକାବାଡି, କାମେସ କାମୁଡି, ବିରଞ୍ଚି ମାଟାମଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପାଡୁଆ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ୫ଜଣଙ୍କ ନାମରେ ନବରଙ୍ଗପୁର ଥାନାରେ ମାମଲା

**ନବରଙ୍ଗପୁର, ୧୩।୪(ସଦାଶିବ ପ୍ରହରାଜ)**

## ଅନୁସୂଚିତ ଜନଜାତି ପ୍ରମାଣ ପତ୍ର ହାତେଇ ସରକାରୀ ଚାକିରି ଅଭିଯୋଗ

ଚଞ୍ଚକତା କରି ଅନୁସୂଚିତ ଜନଜାତି ପ୍ରମାଣପତ୍ର ହାତେଇ ସରକାରୀ ଚାକିରି କରିବା ଘଟଣାରେ ଶନିବାର ଜିଲା ମଙ୍ଗଳ ବିଭାଗ ପକ୍ଷରୁ ୫ ଜଣଙ୍କ ନାମରେ ନବରଙ୍ଗପୁର ଥାନାରେ ଏତଲା ଦିଆଯାଇଛି। ଅନୁସୂଚିତ ଜାତି ବର୍ଗର ୫ ଜଣ ଅନୁସୂଚିତ ଜନଜାତି ପ୍ରମାଣ ପତ୍ର ହାତେଇ ଚାକିରି କରୁଥିଲେ। ନବରଙ୍ଗପୁର ଜିଲା ରାଇଘର ରେଞ୍ଜର ତନୁଜା କାର୍ତ୍ତିକ, ମାଲକାନାଗିରି ଜିଲା କୁଡୁଗୁଲୁଗୁମ୍ମା ବ୍ଲକରେ କାର୍ଯ୍ୟରତ ଶିକ୍ଷକ ପବିତ୍ର ନୟନ କାର୍ତ୍ତିକ ଓ ପୂର୍ବତନ ବ୍ୟାଙ୍କ କର୍ମଚାରୀ ମନୋରଞ୍ଜନ କାର୍ତ୍ତିକ। ସେମାନେ ଗୋଟିଏ ପରିବାରର। ଏହାବ୍ୟତିତ ପୂର୍ବରୁ ନବରଙ୍ଗପୁର ଜିଲା କୋଡିଗାଁ ତହସିଲ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ କାମ କରୁଥିବା ୨ ବରିଷ୍ଠ ରାଜସ୍ୱ ସହାୟକ ଅଶ୍ୱିନୀ କୁମାର ଭତ୍ରା ଓ ସୁନୀଲ କୁମାର ଭତ୍ରାଙ୍କ ନାମରେ ମଧ୍ୟ ଅଭିଯୋଗ ହୋଇଛି। ଜିଲାପଲଙ୍କ ନିର୍ଦ୍ଦେଶ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ଏତଲାକୁ ଆଧାର କରି ନବରଙ୍ଗପୁର ଥାନାରେ ୩ ଗୋଟି ପୃଥକ ମାମଲା ରୁଜୁ ହୋଇଛି। ସେ ସମସ୍ତେ ମିଛ ଅନୁସୂଚିତ ଜନଜାତି ପ୍ରମାଣ ପତ୍ର ହାତେଇ ଚାକିରୀ କରିଥିବା ନେଇ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ରାଜ୍ୟସ୍ତରୀୟ ଯାଞ୍ଚ କମିଟିର ନିର୍ଦ୍ଦେଶ ପ୍ରକାରେ ୨ ଜଣ ବରିଷ୍ଠ ରାଜସ୍ୱ ସହାୟକ ଅଶ୍ୱିନି କୁମାର ଭତରା ଓ ସୁନୀଲ କୁମାର ଭତରାଙ୍କୁ ମାର୍ଚ୍ଚ ୨୨ ତାରିଖରେ ଜିଲାପାଳ ଚକିରୀରୁ ବହିଷ୍କୃତ କରିଥିଲେ। ଶନିବାର ୨ ଜଣ ପୂର୍ବତନ ବରିଷ୍ଠ ରାଜସ୍ୱ ସହାୟକ, ରାଇଘର ରେଞ୍ଜରଙ୍କ ସମେତ ଗୋଟିଏ ପରିବାରର ୩ ଜଣ ଏହିପରିଭାବେ ୫ ଜଣଙ୍କ ନାମରେ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏ ନେଇ ନବରଙ୍ଗପୁର ଥାନାରେ ୩ଟି ପୃଥକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଚଞ୍ଚକତା କରି ନକଲି ଅନୁସୂଚିତ ଜନଜାତି ପ୍ରମାଣ ପତ୍ର ହାତେଇ ଅନୁସୂଚିତ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଚାକିରୀ କରିଥିବା ନେଇ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ପକ୍ଷରୁ ଏଫସିସି କେସ ନଂ ୧୦/୧୪, ୧୬/୧୪, ୧୭/୧୪ , ୧୮/୧୪ ଓ ୧୯/୧୪ ରେ ମାମଲା ରୁଜୁ ସହ ତଦନ୍ତ ହୋଇଥିଲା। ସମସ୍ତ ପ୍ରମାଣପତ୍ର ଯାଞ୍ଚ ପରେ ବ୍ରହ୍ମପୁର ଆର୍‌ଡିସି କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଆସିଥିଲା। ଉକ୍ତ ନିର୍ଦ୍ଦେଶ ନାମାକୁ ଆଧାର କରି ନବରଙ୍ଗପୁର ଜିଲା ପ୍ରଶାସନ, ବନ ବିଭାଗ ଓ ପୋଲିସ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ କମିଟିର ନିଷ୍ପତ୍ତି କ୍ରମେ ଶନିବାର ନବରଙ୍ଗପୁର ଥାନାରେ ଏତଲା ଦିଆଯାଇଛି। ତେବେ ଏ ନେଇ ନବରଙ୍ଗପୁର ଡିଏଫଓ ଶୁଭେନ୍ଦୁ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ କାର୍ଯ୍ୟାଳୟକୁ ଚିଠି କରାଯାଇଥିବା କହିଛନ୍ତି। ତେବେ ଏବେ ସୁଦ୍ଧା କେଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡ଼ିଛି।

# ଘଟଣାସ୍ଥଳ ସିଲ୍ କଲା ପ୍ରଶାସନ

## ବ୍ଲାଷ୍ଟିଂବେଳେ ନାବାଳକ ମୃତ୍ୟୁ ଘଟଣାରେ ଜଣେ ଗିରଫ

**ଦାମନଯୋଡ଼ି/ସୁନାବେଡ଼ା, ୧୩।୪ (ମାନସ ରଞ୍ଜନ କର/କୃତ୍ତିବାସ ପ୍ରଧାନ)**

ବ୍ଲାଷ୍ଟିଂବେଳେ ପଥର ଖଣ୍ଡ ଛିଟିକି ଆସି ସ୍ଥାନୀୟ ମରିଚମାଳ ଗ୍ରାମର ସଲବିନ ମାଝୀଙ୍କ ନାବାଳକ ପୁଅ ରିତେଶ (୧୪)ଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସୁଧାକର ଶ୍ରୀହରିଆଙ୍କୁ ଦାମନଯୋଡି ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। କେସ୍ ନଂ.୫୪/୨୪, ଆଇପିସି ୨୮୬/୩୦୪ ଓ ସେକ୍ସନ ୩/୫, ବେଆଇନ ଭାବେ ବିସ୍ଫୋରକ ରଖିବା ଆଇନ ଅନୁଯାୟୀ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଖଣି ବିଭାଗ ଅଧିକାରୀ, ସେମିଳିଗୁଡା ଅତିରିକ୍ତ ତହସିଲଦାର, ଆର୍‌ଆଇଙ୍କ ଉପସ୍ଥିତିରେ ଘଟଣା ଘଟିଥିବା ବ୍ଲାଷ୍ଟିଂ ଅଞ୍ଚଳକୁ ସିଲ୍ କରାଯାଇଛି। ଏହି ସମୟରେ ମଧ ଏସ୍‌ଡିପିଓ ଶତପଥୀ, ଥାନା ଅଧିକାରୀ ପ୍ରମିଳା ବିଡିକା ଉପସ୍ଥିତ ଥିଲେ। ପୋଲିସ ଅନୁସନ୍ଧାନ ବେଳେ ସମ୍ପୃକ୍ତ ସ୍ଥାନରୁ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଦାମନଯୋଡ଼ି-ସେମିଳିଗୁଡ଼ା ରାସ୍ତାର ମାନିଆ ମୌଜାରେ ଥିବା ଏକ ପଥର କ୍ୱାରିରେ ବ୍ଲାଷ୍ଟିଂ ଚାଲିଥିବା ବେଳେ ଏକ ପଥର ଖଣ୍ଡ ଛିଟିକି ଆସି ମରିଚମାଳ ଗ୍ରାମର ରିତେଶଙ୍କ ଦେହରେ ବାଜିଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେତେବେଳେ ସ୍ଥାନୀୟ ଲୋକେ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକୋ କରିଥିଲେ।



ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ବ୍ଲାଷ୍ଟିଂ ଅଞ୍ଚଳକୁ ସିଲ୍ କରୁଛନ୍ତି ।

## ସଂକ୍ଷେପରେ

### ତେନ୍ତୁଳି ଗଛରୁ ପଡ଼ି ଯୁବକ ମୃତ

ଝରିଗାଁ, ୧୩।୪(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁଁଫୁଗାଁ ପଞ୍ଚାୟତ ଅଧୀନ ଡେଙ୍ଗାଗୁଡ଼ା ଗ୍ରାମରେ ତେନ୍ତୁଳି ଗଛରୁ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗାଁର ଗୁରୁ ଭତ୍ରା (୪୮)। ସୂଚନାନୁଯାୟୀ, ଗୁରୁ ଶନିବାର ସକାଳୁ ଘରଠାରୁ ପ୍ରାୟ ଶହେମିଟର ଦୂରରେ ଥିବା ଏକ ତେନ୍ତୁଳି ଗଛରେ ଚଢ଼ିଥିଲେ। ଅସାବଧାନତା ଯୋଗୁ ସେ ଗଛ ଉପରୁ ତଳକୁ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଝରିଗାଁ ପୋଲିସ କେସ୍ ନମ୍ବର ୧୦/୨୪ରେ ଏକ ମାମଲା ରୁଜୁ କରିଛି। ମୃତଦେହ ଜବତ ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଏସ୍ଆଇ ଏଲ୍. ଲକ୍ଷ୍ମୀନାରାୟଣ ଦୋରା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୮ ତାରିଖରେ ଧନପୁର ଗ୍ରାମର ରମେଶ ଗଣ୍ଡ(୩୬) ମଧ୍ୟ ତେନ୍ତୁଳି ଗଛରୁ ଖସିପଡ଼ି ପ୍ରାଣ ହରାଇଥିଲେ।

### ଅତିରିକ୍ତ ତହସିଲଦାର ନିଯୁକ୍ତି ଦାବି

ଚନ୍ଦାହାଣ୍ଡି, ୧୩।୪(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ନିଯୁକ୍ତ କରିବା ନିମନ୍ତେ ଦାବି ହୋଇଛି। ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ନ ଥିବାରୁ ତହସିଲଦାର ଅନୁପସ୍ଥିତ ରହିବା ସମୟରେ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଚନ୍ଦାହାଣ୍ଡି ତହସିଲ ଅଧୀନରେ ୮୮ ଖଣ୍ଡ ଗ୍ରାମ ରହିଥିବା ବେଳେ ବିଭିନ୍ନ ବିଦ୍ୟାଳୟରେ ୧୦ହଜାରରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ସମସ୍ତ ଛାତ୍ରୀଛାତ୍ରଙ୍କୁ ବାସିନ୍ଦା, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଆବଶ୍ୟକ ହେଉଛି। ଚଳିତ ବର୍ଷ ୩ ହଜାରରୁ ଅଧିକ ଛାତ୍ରୀଛାତ୍ର ପ୍ରମାଣପତ୍ର ନିମନ୍ତେ ଆବେଦନ କରିଛନ୍ତି। ତହସିଲଦାର ଏବେ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟରେ ବାରମ୍ବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ତାଲିମ ନେବା ସହ ବୈଠକରେ ଯୋଗଦେବାକୁ ଯାଉଥିବାରୁ ତହସିଲର ସମସ୍ତ କାର୍ଯ୍ୟ ବନ୍ଦ ରହୁଛି। ତେଣୁ ଛାତ୍ରୀଛାତ୍ର ଜାତି, ବାସିନ୍ଦା ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେବା ସହ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଆଗକୁ ସାଧାରଣ ନିର୍ବାଚନ ରହିଥିବାବେଳେ ତହସିଲଦାର ଆଇନ ଶୃଙ୍ଖଳା କାର୍ଯ୍ୟରେ ନିୟୋଜିତ ହେଲେ ପୁଣି ଅଞ୍ଚଳବାସୀ ଅସୁବିଧା ଭୋଗିବେ। ଅନ୍ୟପକ୍ଷରେ ଚନ୍ଦାହାଣ୍ଡି ବ୍ଲକରେ କୌଣସି ନୋଟାରି ପବ୍ଲିକ ନ ଥିବା ରୁ ବ୍ୟାଙ୍କ ସମ୍ବନ୍ଧୀୟ ଆଫିଡେଭିଟ ପାଇଁ ହିତାଧିକାରୀମାନେ ତହସିଲଦାରଙ୍କ ଉପରେ ନିର୍ଭର କରନ୍ତି। ଅତିରିକ୍ତ ତହସିଲଦାର ଥିଲେ ଏସବୁ ସମସ୍ୟା ଦେଖା ଦେଇ ନ ଥାନ୍ତା ବୋଲି କହିବା ସହ ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟରେ ଜଣେ ଅତିରିକ୍ତ ତହସିଲଦାର ନିଯୁକ୍ତ କରିବା ନେଇ ଚନ୍ଦାହାଣ୍ଡି ଓକିଲ ସଂଘ ସଦସ୍ୟ ମହମ୍ମଦ ହୁସେନ, ଜୟଦେବ ଖମାରୀ, ହୁମେଶ୍ୱର ହଂସ ଦାବି କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଜଣେ ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତ କଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ସେମାନେ କହିଛନ୍ତି।

# ଅଚଳ ପଡ଼ିଛି ନଳକୂପ, ଗାଁରେ ଜଳସଙ୍କଟ

ପାପଡ଼ାହାଣ୍ଡି, ୧୩।୪(ସ୍ୱପ୍ନଜିତ ପଟ୍ଟନାୟକ)

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି। ନଦୀ, ନାଳ ଓ ପୋଖରୀ ଜଳ ଶୁଖିବାରେ ଲାଗିଛି। ଗ୍ରାମ ଗୁଡିକର ପାନୀୟ ଜଳର ଭରଷା ସାଜିଥିବା ନଳକୂପରେ ବାହାରୁନି ପାଣି। ପ୍ରଶାସନ ବି ଅଚଳ ନଳକୂପର ମରାମତି କରୁନି। ପାଣି ପାଇଁ ତହଳବିକଳ ହେଉଛନ୍ତି ଗ୍ରାମବାସୀ। ପାପଡ଼ାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ଅଧୀନ ବାମିନି ଗ୍ରାମରେ ଚଳିତ ବର୍ଷ ପାଣି ପାଇଁ ନାହିଁ ଲୋକେ ଅସୁବିଧା ଭୋଗୁଛନ୍ତି।

ମାଝି ସାହି , ଚିଲି ବୁଟିଆ ସାହି, ଶିରା ସାହି, କଡଭାଟିଆ ସାହି, ବଡ ପୂଜାରୀ ସାହି , ଚୁରା ହାଣ୍ଡିଆ ସାହି, ଚିଲିପଦର ସାହି, ବିନ୍ଧାଣି ସାହି, ହରିଜନ ସାହି, ତଳ ସାହି, ସାନ ପୂଜାରୀ ସାହିକୁ ନେଇ ବାମିନି ଗାଁ। ଗାଁରେ ଜନସଂଖ୍ୟା ୧୫୦୦ରୁ ଊର୍ଦ୍ଧ୍ୱ। ପ୍ରାୟ ୧୦୦୦ ଭୋଟର। ଗାଁରେ ମୋଟ ୧୦ ଗୋଟି ନଳକୂପ ରହି ଥିବାବେଳେ ସେଥିରୁ ୫ଟି ଅଚଳ। ବାକି ନଳକୂପରୁ ବାହାରୁଥିବା ପାଣି ଲୋକଙ୍କୁ ପର୍ଯ୍ୟାପ୍ତ ହେଉନି। ପାଇପ ଯୋଗେ ପିଇବା ପାଣି ଯୋଗାଣ ବ୍ୟବସ୍ଥା ଥିବାବେଳେ ସମସ୍ତ ସାହିକୁ ପାଣି ପହଞ୍ଚି ପାରୁନାହିଁ। ଅନେକ ସ୍ଥାନରେ ପାଇପ ଫାଟି ଯାଇଛି। ଟ୍ୟାପରେ ପାଣି ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରାୟ ସମୟରେ ଗ୍ରାମରେ ବିଦ୍ୟୁତ କାଟ ଯୋଗୁଁ ପାଇପରେ ପାଣି ମଧ୍ୟ ଆସୁନାହିଁ। ବହୁଦିନ ହେଲା ସମସ୍ୟାକୁ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ବି କିଛି ସୁଫଳ ମିଳୁ ନ ଥିବା ଗ୍ରାମର ମହିଳାମାନେ ଅଭିଯାଗ କରିଛନ୍ତି। ଏଠି ପିଇବା ପାଣି ସମସ୍ୟା ଉତ୍କଟ ହେବାରେ ଲାଗିଛି, ନିତ୍ୟକର୍ମ ପାଇଁ ପାଖରେ ଥିବା ପେଟଫୁଲା ନାଳ ଉପରେ ନିର୍ଭର କରିବାକୁ ପଡ଼ୁଛି। ଖରାରୁ ସେହି ନାଳଟି ଶୁଖି ଗଲାଣି। ଗାଁରେ ୩ଟି ପୋଖରୀ ଅଛି କିନ୍ତୁ କିଛି କାମକୁ ଲାଗୁନାହିଁ। ସେଥିରେ ମଧ ପାଣି ଶୁଖି ଯାଇଛି। ଖରାଦିନ ଆରମ୍ଭରୁ ଗ୍ରାମବାସୀ ଜଳକଷ୍ଟ ଭୋଗୁଛନ୍ତି। ପାଣି ସମସ୍ୟା ଦୂର ନ ହେଲେ ଆଗାମୀ ନିର୍ବାଚନରୁ ନିବୃତ ରହିବୁ ବୋଲି ଗ୍ରାମର ବିଷମ୍ବର ବେନିଆ, ତୁଳରାମ ମାଝି, ଘନୁଆ ମାଝି, ଅଲେଖ ମାଝି, ବଳି ଭତରା, ଧନିଆ ଭତରା, ହେମନ୍ତ ଭତରା, ଗୋପୀ ମାଝି, ଜଗଦିଶ ଭତରା, ଅରୁଣ ପୂଜାରୀ, ଉଦୟସିଂ ପୂଜାରୀ, ଦଶମୀ ଭତରା, ଛବିମାଳା ପୂଜାରୀ, ଫୁଲମତି ଭତରା, ପଦ୍ମିନୀ ମାଝି ଅମ୍ବିକା ପୋନକାଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ନଳକୂପ ନିକଟରେ ମହିଳାଙ୍କ ଭିଡ଼ ଲାଗିଛି।

# ‘ଜିଲାକୁ ରେଳ, ଜଳ, କଳ ଆଣିବାକୁ ଚେଷ୍ଟା କରାଯିବ’



ପ୍ରଦୀପ ମାଝି ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ଉମରକୋଟ, ୧୩।୪ (ସନ୍ତୋଷ ଶତପଥୀ )

**ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଲେ ଏମ୍‌ପି, ବିଧାୟକ ପ୍ରାର୍ଥୀ**

ବିଜେଡି ପକ୍ଷରୁ ଉମରକୋଟ ବ୍ଲକ ଅଧୀନ ବୁର୍ଜା ପଞ୍ଚାୟତ ମାଲବେଡ଼ାରେ ଏକ କର୍ମୀ ସମ୍ମିଳନୀ କରାଯାଇଛି। ଏହି କର୍ମୀ ସମ୍ମିଳନୀରେ ଉମରକୋଟ ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଥିବା ୧୧ ପଞ୍ଚାୟତର କର୍ମୀମାନେ ଯୋଗ ଦେଇଥିଲେ। ଉମରକୋଟ ବିଧାୟକ ପ୍ରାର୍ଥୀ ନବୀନା ନାୟକ ଓ ନବରଙ୍ଗପୁର ଏମ୍‌ପି ପାର୍ଥୀ ପ୍ରଦୀପ ମାଝି ଏଥିରେ ଯୋଗଦେଇଥିଲେ। ବିଗତ ଦିନରେ ଦଳରେ କନ୍ଦଳ ଥିବା ବିରୋଧୀମାନେ ଅପପ୍ରଚାର କରିଥିଲେ । କିନ୍ତୁ ଏହା ସମ୍ପୂର୍ଣ୍ଣ ମିଥ୍ୟା। ଆମେ ଏକ ହୋଇ ଲଢ଼ି ନବୀନ ପଟ୍ଟନାୟକଙ୍କୁ ୬ଷ୍ଠଥର ମୁଖ୍ୟମନ୍ତ୍ରୀ କରିବୁ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ଲୋକଙ୍କୁ ଭୋଟ ମାଗିବାକୁ ପ୍ରାର୍ଥୀମାନେ କହିଛନ୍ତି। ୨୦୧୯ ନିର୍ବାଚନରେ ଉମରକୋଟରେ ବିଜେଡି ପରାସ୍ତ ହୋଇଥିଲେ ମଧ ମୁଖ୍ୟମନ୍ତ୍ରୀ ଉକ୍ତ ଅଞ୍ଚଳକୁ ଅବହେଳା ନ କରି ଆର୍ଥିକ ସହାୟତା ଯୋଗାଇବା ସହ ଏହାର ବିକାଶକୁ ପ୍ରାଧାନ୍ୟ ଦେଇଛନ୍ତି ବୋଲି ନବୀନା ନାୟକ କହିଛନ୍ତି। ୨୦୩୬ରେ ସଶକ୍ତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ପରିକଳ୍ପନା କରିଛନ୍ତି ତାହାକୁ ସାକାର କରିବାକୁ ଚେଷ୍ଟା କରାଯିବ ପ୍ରଦୀପ ମାଝି କହିଛନ୍ତି। ନବରଙ୍ଗପୁର ଜିଲାକୁ ରେଳ, ଜଳ, କଳ କିପରି ଆସିବ ସେ ନେଇ ଚେଷ୍ଟା କରାଯିବ। ରେଳ ନବରଙ୍ଗପୁରର ସ୍ୱପ୍ନ ଏହା ଆସିଲେ କଳ ଆସିବ ବେକାରୀ ସମସ୍ୟା ଶୀଘ୍ର ଦୂର ହୋଇ ପାରିବ। ସେହିଭଳି ଚାଷୀଙ୍କ ଜମିକୁ ପ୍ରଯ୍ୟାପ୍ତ ପରିମାଣର ଜଳ କିପରି ଯୋଗାଇ ଦିଆଯିବା ନେଇ ଚେଷ୍ଟା କରିବେ ବୋଲି ପ୍ରଦୀପ ମାଝି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପୌରାଧକ୍ଷା ରାଧା ଭତ୍ରା, ଉଠା ଜଳସେଚନ ପ୍ରକଳ୍ପ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ବିକେବିକେ ଉପଦେଷ୍ଟା ଶୁକଦେବ ଗଣ୍ଡ, କାଉନଶୀଲର ତପନ ଦେବନାଥ, ମନୋଜ ନାୟକ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ପୂର୍ବତନ ପୌରାଧକ୍ଷ ଝାଡ଼େଶ୍ୱର ମହାନ୍ତି, ବ୍ଲକ ବିଜେଡି ସଭାପତି ମନୋଜ ଧଳ, ନଗର ସଭାପତି କୈଳାସ ନାୟକ, ଭି. ବୁଜି ରାଓ, ଛନ୍ଦା ଚରଣ ଜେନା ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ନବରଙ୍ଗପୁର ଜିଲା କ୍ରିକେଟ ସଂଘ କରୁଛି ଖେଳାଳି ଚୟନ

ନବରଙ୍ଗପୁର, ୧୩।୪(ସଦାଶିବ ପ୍ରହରାଜ)

**ରାଜ୍ୟସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ରାଜ୍ୟସ୍ତରୀୟ ଆନ୍ତଃ ସ୍କୁଲ ଟୁର୍ଣ୍ଣାମେଣ୍ଟ ପାଇଁ ନବରଙ୍ଗପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ଦଳ ଚୟନ ପ୍ରକ୍ରିୟା ସ୍ଥାନୀୟ ନବରଙ୍ଗପୁର ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ଏହି ଚୟନ ପ୍ରକ୍ରିୟାରେ ନବରଙ୍ଗପୁର ଜିଲା କ୍ରିକେଟ ସଂଘ ସଭାପତି ଦେବାଶିଷ ପଟ୍ଟନାୟକ, ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଯୁଗ୍ମସମ୍ପାଦକ ଏମ୍. ବାଲକ୍ରିଷ୍ଣା, ପାପଡ଼ାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଜିଲା କ୍ରିକେଟ ସଂଘ କାର୍ଯ୍ୟନିର୍ବାହୀ ସଦସ୍ୟ ଅଶୋକ ନାୟକ ଏବଂ ନବରଙ୍ଗପୁର ଜିଲା କ୍ରିକେଟ ଏକାଡେମୀ କୋଚ ଲାଲ ମହମ୍ମଦ ଖାନ ଯୋଗଦେଇଥିଲେ। ଏହି ଚୟନ ଶିବିରରେ ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକ ଏବଂ ୨ ପୌରପାଳିକାର ସ୍କୁଲସ୍ତରରୁ ଆସିଥିବା ଖେଳାଳିଙ୍କ ମଧ୍ୟରେ ୫ଟି ଦଳ କରି ମ୍ୟାଚ ଖେଳାଯିବ। ଅନ୍‌ଲାଇନ ସ୍କୋର ଆଧାରରେ ଖେଳାଳିଙ୍କ ପ୍ରଦର୍ଶନ ଦେଖି ଓଡ଼ିଶା କ୍ରିକେଟ ଏକାଡେମୀ ୨୫ ଜଣ ଖେଳାଳିଙ୍କୁ ଚୟନ କରିବ। ଏହାପରେ ଜିଲା କ୍ରିକେଟ ସଂଘ ସେହି ଖେଳାଳିଙ୍କ ମଧ୍ୟରୁ ଚୂଡ଼ାନ୍ତ ୧୫ ଜଣଙ୍କୁ ଚୟନ କରିବ। ଚୂଡ଼ାନ୍ତ ଦଳ ଚୟନ କରିବାର ଦାୟିତ୍ୱ ଜିଲା କ୍ରିକେଟ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଅଶୋକ ନାୟକ ଏବଂ ନବରଙ୍ଗପୁର ଜିଲା କ୍ରିକେଟ ଏକାଡେମୀର କୋଚ୍ ଲାଲ ମହମ୍ମଦ ଖାନ ନିର୍ବାହ କରୁଛନ୍ତି। ମହିଳା କ୍ରିକେଟ ଦଳର ଅଜିତା ଦାସ, ରୋଇଲା ଭତରା, ସାଇ କୁମାର, ସୁବ୍ରତ ଗଣ୍ଡ,ଦିଲୀପ ବିଷୋୟୀ, ଜିଲା କ୍ରିକେଟ ସଂଘ ସଦସ୍ୟ ଲମ୍ବୋଦର ସୌରା, ଦୁର୍ଯ୍ୟ ହରିଜନ ଏବଂ ଶଶାଙ୍କ ବେହେରା ଏହି ଚୟନ ପ୍ରକ୍ରିୟାରେ ସହଯୋଗ କରୁଛନ୍ତି। ଚୂଡ଼ାନ୍ତ ଦଳ ଚୟନ ହେବା ପରେ ଏହି ଦଳ କଟକ ଗସ୍ତ କରିବା ନେଇ ସଂଘର ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।



## ଶିକ୍ଷକଙ୍କ ଅବସରକାଳୀନ ସଭା

ଉମରକୋଟ, ୧୩।୪(ସନ୍ତୋଷ ଶତପଥୀ)

ଉମରକୋଟ କେଶରାବେଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କୋପେନା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର ଗଣ୍ଡଙ୍କ ସଭାପତିତ୍ୱରେ ଏକ ଅବସରକାଳୀନ ସଭା କରାଯାଇଛି। ବିଇଓ ବିକାଶ ଚନ୍ଦ୍ର ସରକାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଚନ୍ଦାହାଣ୍ଡି ବ୍ଲକ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉଗ୍ରସେନ ନାୟକ ଓ ସମ୍ମାନିତ ଅତିଥିଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଆଞ୍ଚଳିକ ସାଧନ କେନ୍ଦ୍ର କେଶରାବେଡ଼ା ସିଆର୍‌ସିସି ମୋତିରାମ ଗଣ୍ଡ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାରାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ



ସନୋଜ ମଣ୍ଡଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକିନାଥ ଭତ୍ରା, ଶିକ୍ଷକ ସତ୍ୟ ଶେଖର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମାଝିଙ୍କୁ ବିଇଓ ସମ୍ବର୍ଦ୍ଧିତ କରିଥିଲେ। କୋପେନା ହାଇସ୍କୁଲର ନୂତନ କ୍ରୀଡ଼ା ଶିକ୍ଷୟିତ୍ରୀ ମିଲି ହାଲ୍‌ଦାରଙ୍କୁ ମୁଖ୍ୟବକ୍ତା ଉଗ୍ରସେନ ନାୟକ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ବୀରସିଂ ପରଜା ଅତିଥି ପରିଚୟ ଓ ସହକାରୀ ଶିକ୍ଷକ ସତ୍ୟ ଶେଖର ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଚଞ୍ଚଳା ବିଶ୍ୱାସ, ଶିକ୍ଷକ ଚକ୍ରଧର ଭତ୍ରା, ସୁନୀଲ ବିଶ୍ୱାଳ, ସନ୍ତୋଷ ବାରିକ, ପଞ୍ଚୁରାମ ଗଣ୍ଡ, ରାମଚନ୍ଦ୍ର ସାମଲ, ପୀତାମ୍ବର ମାଳିଙ୍କ ସମେତ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଂଗ୍ରେସର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



କଂଗ୍ରେସ ନେତାଙ୍କ ସହ ଦଳରେ ସାମିଲ ହୋଇଥିବା ନୂତନ କର୍ମୀ।

ତେନ୍ତୁଳିଖୁଣ୍ଟି, ୧୩।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ପଞ୍ଚାୟତରେ ଶନିବାର ଏକ କର୍ମୀ ସମ୍ମିଳନୀ ପଞ୍ଚାୟତ କଂଗ୍ରେସ ସଭାପତି ଜୟଚନ୍ଦ୍ର ହରିଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ୧୦ ଗ୍ୟାରେଣ୍ଟି ଓ ନବରଙ୍ଗପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀଙ୍କ ସମର୍ଥନରେ ଭାଜପା, ବିଜେଡିର ଶତାଧିକ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ନୂତନ କର୍ମୀ ଭାସ୍କର ବିଷୋୟୀ, ସଦେବ ମାଝି, ଈଶ୍ୱର ମୁଦୁଲି, ପାର୍ବତୀ ଜାନି, ସୋମେଶ୍ୱର ବିଷୋୟୀ, ଇନ୍ଦୁମତି ବିଷୋୟୀ, ରାଜେଶ୍ୱେରୀ ବିଷୋୟୀ, ସବିତା ବିଷୋୟୀ, ସେବତୀ ମାଝି, ପ୍ରହଲ୍ଲାଦ ଜାନି ପ୍ରମୁଖଙ୍କୁ ଦଳୀୟ ଉତ୍ତରୀୟ ଦେଇ ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ ସ୍ୱାଗତ କରିଥିଲେ। କୃଷ୍ଣଚନ୍ଦ୍ର କର୍କରାଙ୍କୁ ବ୍ଲକ କଂଗ୍ରେସ ତଫସିଲଭୁକ୍ତ ଜାତି ସେଲ୍ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଦଳିତ , ଆଦିବାସୀ ଓ ପଛୁଆବର୍ଗଙ୍କ ପାଇଁ ଅନ୍ୟ କୌଣସି ଦଳରେ ଇସ୍ତାହାର କି ଏଜେଣ୍ଡା ନାହିଁ କେବଳ କଂଗ୍ରେସ ଦଳ ସମସ୍ତଙ୍କ କଥା ଚିନ୍ତାକରି ଇସ୍ତାହାରରେ ରଖୁଛି ବୋଲି ନୂତନ ଏସ୍‌ସି ସେଲ୍ ସଭାପତି କର୍କରା କହିଥିଲେ। ଦଳର ୧୦ଗ୍ୟାରେଣ୍ଟିକୁ ପ୍ରତି ଭୋଟରଙ୍କ ପାଖରେ ପହଞ୍ଚାଇ ଦଳ ପାଇଁ ଭୋଟ ମାଗିବାକୁ ନୂତନ କର୍ମକର୍ତ୍ତା ଶପଥ ନେଇଥିଲେ। ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ହାତରୁ ଯିବା ପରଠାରୁ ଅବହେଳିତ ହୋଇଛି । ଏଣୁ କଂଗ୍ରେସକୁ ପୁନଃ କ୍ଷମତାକୁ ଆଣି ପୂର୍ବ ଗୌରବ ଫେରାଇ ଆଣିବାକୁ ନବରଙ୍ଗପୁର ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଦିଲୀପ ପ୍ରଧାନୀ ଆହ୍ୱାନ ଦେଇଥିଲେ। ନବରଙ୍ଗପୁର ପାଇଁ କଂଗ୍ରେସକୁ କ୍ଷମତାକୁ ଆଣିବାକୁ ପୂର୍ବତନ ଲ୍ୟାମ୍ପସ ଏମ୍‌ଡି ବସନ୍ତ ପାଣିଗ୍ରାହୀ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୀମସେନ ପାଣିଗ୍ରାହୀ, କିଶୋର ସିଂ, ହରି ବେପାରୀ, ଅଭୟ ସାଗରିଆ, ପୀତାମ୍ବର ହିଆଲ ପ୍ରମୁଖ ଶତାଧିକ ବ୍ୟକ୍ତି ଓ କର୍ମୀ ଉପସ୍ଥିତ ଥିଲେ।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ

ଝରିଗାଁ, ୧୩।୪(କିଶୋର ଚନ୍ଦ୍ର ମଣ୍ଡଳ)

ନିର୍ବାଚନ ନେଇ ଆବଶ୍ୟକ ଅଧିକାରୀ ଏବଂ କର୍ମଚାରୀ ନିଯୁକ୍ତି ଏବଂ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପରିଚାଳନା ନେଇ ଏକ ବୈଠକ ଝରିଗାଁ ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭୋଟରଙ୍କ ପାଇଁ ରହିଥିବା ସୁବିଧାରେ ଯେପରି କୌଣସି ତ୍ରୁଟି ପରିଲକ୍ଷିତ ନ ହୁଏ ସେ ଦିଗରେ କାର୍ଯ୍ୟ କରିବାକୁ ଜିଲାପାଳ କହିଛନ୍ତି। ବିଡିଓ ପ୍ରିତା କୁମାର, ତହସିଲଦାର ଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗ ଭୋଟରମାନେ ସୁବିଧାରେ କିଭଳି ଭୋଟ ଗ୍ରହଣ କେନ୍ଦ୍ରକୁ ପ୍ରବେଶ କରିବେ ସେ ନେଇ ବ୍ୟବସ୍ଥା କରିବାକୁ କୁହାଯାଇଛି। ଝରିଗାଁ ବ୍ଲକର ସମସ୍ତ ବୁଥ୍‌କୁ ଯାଇ ପାନୀୟ ଜଳ, ବିଦ୍ୟୁତ ସଂଯୋଗ, ର୍‍ୟାମ୍ପ, ପାନୀୟ ଜଳ, ପରିସ୍ରାଗାର ଠିକ୍ ଭାବେ ପ୍ରସ୍ତୁତ ହେଇଛି କି ନାହିଁ ତାହାର ତଦାରଖ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ନିଜ ମତଦାନ ସାବ୍ୟସ୍ତ ବେଳେ ଯେପରି କୌଣସି ଅସୁବିଧା ହେବ ନାହିଁ ତାହା ଦେଖିବାକୁ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ନିର୍ବାଚନ ପ୍ରସ୍ତୁତି ବୈଠକରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

# ନିର୍ବାଚନରେ ସାମିଲହୋଇ ଭୋଟଦେବାକୁ ପରାମର୍ଶ

କୋଡ଼ିଙ୍ଗା, ୧୩।୪ (ସମରେନ୍ଦ୍ର ପଟ୍ଟନାୟକ)

**ଭୋଟର ସଚେତନତା କାର୍ଯ୍ୟକ୍ରମ**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଓ ଭୋଟର ସ୍ୱାକ୍ଷରତା କ୍ଲବ ପକ୍ଷରୁ ଏକ ଭୋଟର ସଚେତେନେତା କାର୍ଯ୍ୟକ୍ରମ ଶନିବାର କରାଯାଇଛି। ଅନୁଷ୍ଠାନ ଉପାଧ୍ୟକ୍ଷ ବିବେକ କୁମାର ମହାଳିକଙ୍କ ପୌରୋହିତ୍ୟରେ କୋଷଗୁମୁଡ଼ା ପଞ୍ଚାୟତ ଉନ୍ନୟନ ଅଧିକାରୀ ତ୍ରିଲୋଚନ ଚଞ୍ଚାଣ ମୁଖ୍ୟ ଅତିଥି, ସୀମାଞ୍ଚଳ ପଟ୍ଟନାୟକ, ସସ୍ମିତା ପ୍ରଧାନ, ଦେବକୀ ଦିଶାରି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଯୁବ ରେଡ୍‌କ୍ରସ୍ କାଉନସିଲର ଅଖିଳ କୁମାର ଭଞ୍ଜ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପୃଥିବୀର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚନ ପର୍ବରେ ସାମିଲ ହୋଇ ମତଦାନ କରିବାକୁ ଅତିଥିମାନେ କହିଥିଲେ। ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ସହ ସ୍ୱେଚ୍ଛାସେବୀଙ୍କୁ ଦିଆଯାଇଥିବା ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ସେମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାକେଶ ମଲ୍ଲିକ, ଈଶ୍ୱର ମାଝି, ଯାଦବ ପ୍ରାସାଦ ମହାନ୍ତି, ବାବୁଲା ନାୟକଙ୍କ ସହ ସମସ୍ତ ଛାତ୍ରୀଛାତ୍ର, ରେଡ୍‌କ୍ରସ୍ ଓ ମୁଁ ବି ମିତା ସ୍ୱେଚ୍ଛାସେବୀ ଏବଂ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଅତିଥି, ସ୍ୱେଚ୍ଛାସେବୀ ଓ ଅନ୍ୟମାନେ।

# ଗ୍ରାମବାସୀ ପାଳିଲେ କୃଷି ଅନୁକୂଳ ପର୍ବ ମାଟିଯାତ୍ରା

ଡାବୁଗାଁ, ୧୩।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ସରଗୁଡ଼ା ଗ୍ରାମରେ ମାଟିଯାତ୍ରା ତଥା ବିହନଛିନା ପର୍ବ ଶୁକ୍ରବାର ପାଳିତ ହୋଇଯାଇଛି। ଏହା ଏକ କୃଷିଭିତ୍ତିକ ପର୍ବ। ବିହନ ଛିନା ପର୍ବ ତଥା ମାଟିଯାତ୍ରା ହେଉଛି ଆଦିବାସୀମାନଙ୍କ ପ୍ରଥମ କୃଷିଭିତ୍ତିକ ପର୍ବ। ଏହି ପର୍ବକୁ କୃଷି ଅନୁକୂଳ ପର୍ବ ମଧ କୁହାଯାଏ।

ଡାବୁଗାଁର ୯୦ ପ୍ରତିଶତ ଆଦିବାସୀ କୃଷି ଉପରେ ନିର୍ଭରକରି ପରିବାର ପ୍ରତିପୋଷଣ କରିଥାନ୍ତି। ନବରଙ୍ଗପୁର ଜିଲାରେ ବର୍ଷର ବହୁ ସମୟରେ ବିଭିନ୍ନ ପ୍ରକାର ଆଞ୍ଚଳିକ ପର୍ବପର୍ବାଣି ପାଳିତ ହେଉଥିବାବେଳେ କୃଷିଭିତ୍ତିକ ପର୍ବପର୍ବାଣିଗୁଡିକର ଅନେକ ମହତ୍ତ୍ୱ ରହିଛି। ଚୈତ୍ର ମାସରେ ଚାଷୀମାନେ ଏହି ମାଟିଯାତ୍ରା ପର୍ବଟିକୁ ପାଳନ କରିଥାନ୍ତି। ଗ୍ରାମର ଏକ ଜମିରେ ଠେଙ୍ଗୁଆଭୀମା ଦେବତାଙ୍କ ପ୍ରତୀକ ଭାବେ ଥିବା ଏକ ପଥର ପ୍ରତିମାକୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଘରୁ ସାଙ୍ଗରେ ଆଣିଥିବା ଧାନ ବିହନକୁ ଉକ୍ତ ସ୍ଥାନରେ



ଜମିରେ ଗ୍ରାମବାସୀ ପୂଜାର୍ଚ୍ଚନା କରୁଛନ୍ତି।

ବୁଣାଯାଇଥାଏ। ରାତ୍ରିରେ ବୁଣାଯାଇଥିବା ବିହନକୁ ଗ୍ରାମର ପୂଜାରୀ ସଂଗ୍ରହ କରିବା ସହ ବିଭିନ୍ନ ରଙ୍ଗ ବୋଳାଯାଇଥାଏ। ପରେ ପୂଜାରୀ ଏହି ରଙ୍ଗ ବୋଳା ଧାନକୁ ଘରୁ ଆଣି ଗ୍ରାମର ସମସ୍ତ ଚାଷୀଙ୍କୁ ଅଳ୍ପ ଅଳ୍ପ ବଣ୍ଟିଥାଆନ୍ତି। ପରେ ଗ୍ରାମର ସମସ୍ତ ଚାଷୀ ପୂଜାରୀ ଦେଇଥିବା ବିହନକୁ ବନ୍ଦାପନାକରି ଘର ଭିତରକୁ ନେଇଥାନ୍ତି। ଉକ୍ତ ବିହନକୁ ଏକ ନୂତନ ମାଟିହାଣ୍ଡିରେ ଧାନ ବୁଣା ସମୟ ପର୍ଯ୍ୟନ୍ତ ଯତ୍ନରେ ରଖାଯାଇଥାଏ। ଧାନ ବୁଣିବା ଦିନ ଉକ୍ତ ବିହନକୁ ଅନ୍ୟ ବିହନ ସହ ମିଶାଇ ଜମିରେ ବୁଣିଥାନ୍ତି। ଆଜିର ଏହି ପୂଜାରେ ଗ୍ରାମର ପୂଜାରୀ ଗଜବଳ ପୂଜାରୀଙ୍କ ସହ କପୁର ଚନ୍ଦ୍ର ମାଝି, ଲାଇବାନ ଭତ୍ରା, କରମା ପୂଜାରୀ, ଚୈତନ୍ୟ ଭତ୍ରା, ଶୁକଦେବ ପୂଜାରୀ, ପୁରନ ମାଝି, ବୈଦ୍ୟୁ ଭତ୍ରା, ଦଶରଥ ଭତ୍ରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଛିଣ୍ଡୁନି ଆନନ୍ଦପୁର ଅଙ୍କ

ଆନନ୍ଦପୁର, ୧୩।୪ (ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସରୁ ଜୟଦେବ ଜେନା ପ୍ରାର୍ଥୀ ହେବେ ବୋଲି କୁହାଯାଉଛି। ଜୟଦେବ ପ୍ରଚାର ମଇଦାନକୁ ଓହ୍ଲାଇବା ସହ ବିଭିନ୍ନ ସ୍ଥାନରେ ସଭାସମିତି କରି ଦଳୀୟ କର୍ମୀଙ୍କୁ ଏକାଠି କରୁଛନ୍ତି। ଅନ୍ୟପକ୍ଷରେ ଗତ ୩ଟି ନିର୍ବାଚନରେ ଶାସକ ବିଜେଡି ଏଠାରେ ବାଜିମାତ୍ କରିଥିଲେ ମଧ୍ୟ ଏଯାଏ ଦଳ ପ୍ରାର୍ଥୀ ଘୋଷଣା କରିନାହିଁ। ବିଜେଡି ଟିକେଟ ପାଇଁ ଆଶାୟୀମାନେ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ଅଙ୍କ ଛିଣ୍ଡୁ ନ ଥିବାରୁ ପ୍ରାର୍ଥୀ ଘୋଷଣା ଝୁଲିରହିଥିବା କୁହାଯାଉଛି।

ଆନନ୍ଦପୁର ଆସନରେ ୨୦୧୯ରେ ବିଜେଡିର ଭାଗୀରଥି ସେଠୀ ୪୪ ହଜାର ୧୯୩ଟି ଭୋଟ ବ୍ୟବଧାନରେ କଂଗ୍ରେସର ଜୟଦେବ ଜେନାଙ୍କୁ ପରାସ୍ତ କରିଥିଲେ। ଏହି ବ୍ୟବଧାନ ଜିଲାରେ ରେକର୍ଡ ସୃଷ୍ଟି କରିଥିଲା। ଭାଜପାର ଆଲୋକ ସେଠୀ ୩୧ ହଜାର ୫୫୪ ଖଣ୍ଡ ଭୋଟ ପାଇଁ ତୃତୀୟ ସ୍ଥାନରେ ରହିଥିଲେ। ଏଥର ଭାଜପା ପୁଣି ଆଲୋକଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସରୁ ଜୟଦେବ ଜେନା ଲଢ଼ିବେ ବୋଲି ତାଙ୍କ ସଭାସମିତିରୁ ଜଣାପଡୁଛି। ସେହିପରି ବିଜେଡିରୁ ବିଧାୟକ ଭାଗୀରଥି ସେଠୀ ପୁଣିଥରେ ଟିକେଟ ପାଇବେ ବୋଲି ଆଶାବାନ୍ଧି ବସିଛନ୍ତି। ଅନ୍ୟପକ୍ଷରେ ଦଳ ଏଠାରେ ୨୦୦୯ରୁ ପ୍ରତିଥର ପ୍ରାର୍ଥୀ ବଦଳାଉଛି। ଏଥର ପୂର୍ବତନ ବିଧାୟକ ମାୟାଧର ଜେନାଙ୍କ ପାଳି ପଡ଼ିବ ବୋଲି କୁହାଯାଉଛି। ମାୟାଧର ଟିକେଟ ପାଇବା ଆଶାରେ ୨ ସପ୍ତାହ ହେଲା ଭୁବନେଶ୍ୱରରେ ନିଜ ସମର୍ଥକଙ୍କ ସହ ଡେରା ପକାଇଛନ୍ତି। ସେହିପରି ଯୁବ ବିଜେଡି ନେତା ଇଂ. ବିଶ୍ୱନାଥ ପ୍ରତାପ ଜେନା, ଅଭିମନ୍ୟୁ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ନନ୍ଦୁଚରଣ ଜେନା, ଅବସରପ୍ରାପ୍ତ କର୍ମଚାରୀ ନାରାୟଣ ଜେନା, ଅଶୋକ କୁମାର ଦାସଙ୍କ ଭଳି ଅନେକ ଆଶାୟୀ ଟିକେଟ ପାଇଁ ଆବେଦନ କରିବା ସହ ଭୁବନେଶ୍ୱରରେ ରହିଛନ୍ତି। ଏପଟେ ବିଜେଡିରୁ ନିଲମ୍ବିତ ପୂର୍ବତନ ପୌରାଧ୍ୟକ୍ଷ ଶାନ୍ତନୁ ସେଠୀ ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କ ଭରସାରେ ରହିଛନ୍ତି। ତାଙ୍କ ସୁପାରିସରେ ସେ ବିଜେଡି ଟିକେଟ ପାଇବାକୁ ଆଶା ରଖିଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ମାଳମାଳ ଟିକେଟ ଆଶାୟୀ ଥିବାରୁ ଦଳ କାହାକୁ ବାଛିବ ତାକୁ ନେଇ କସରତ ଚାଲିଛି। ଅନ୍ୟପକ୍ଷରେ କଂଗ୍ରେସ ଓ ଭାଜପା ପ୍ରଚାରକୁ ଜୋରଦାର କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିଲେ ମଧ୍ୟ ବରିଷ୍ଠ ନେତା ଜୟଦେବ ଜେନା ବିଭିନ୍ନ ସ୍ଥାନରେ ସମାବେଶ କରୁଛନ୍ତି। ଘର ଘର ବୁଲି ପ୍ରଚାର କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସେହିପରି ଭାଜପା ଟିକେଟ ପାଇଥିବା ଆଲୋକ ସେଠୀ ମଧ୍ୟ ଗାଁ ଗାଁ ବୁଲି ଜୋରଦାର ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

## ରାଜଧାନୀରେ ବିଜେଡି ଟିକେଟ ଆଶାୟୀଙ୍କ ଡେରା

# ସୋନିଆ ଗାନ୍ଧୀଙ୍କୁ ଭେଟିଲେ ନରସିଂହ

ବଲାଙ୍ଗୀର, ୧୩।୪ (ବୀରେନ୍ଦ୍ର କୁମାର ଝାଙ୍କର)


ନୂଆଦିଲ୍ଲୀରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସହ ବିଧାୟକ ନରସିଂହ ମିଶ୍ର।

କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଶନିବାର ବଲାଙ୍ଗୀର ବିଧାୟକ ତଥା ବିଧାନ ସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସାକ୍ଷାତ କରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ନୂଆଦିଲ୍ଲୀ ୧୦ଜନପଥସ୍ଥିତ ଗାନ୍ଧୀଙ୍କ ବାସଭବନରେ ଅନୁଷ୍ଠିତ ଏହି ସାକ୍ଷାତ୍ ଆଲୋଚନାରେ ଉଭୟ ଗାନ୍ଧୀ ଓ ମିଶ୍ର ଦୀର୍ଘ ଏକ ଘଣ୍ଟା ଧରି ଜାତୀୟ ଏବଂ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବର୍ତ୍ତମାନ ଦେଶର ରାଜନୈତିକ ପରିସ୍ଥିତିରେ ଜନସାଧାରଣ କିପରି ହଇରାଣ ହେଉଛନ୍ତି ଏବଂ କେନ୍ଦ୍ର ସରକାର ରାଜନୈତିକ ଆକ୍ରୋଶ ରଖି କେନ୍ଦ୍ରୀୟ ସଂସ୍ଥା ସିବିଆଇ, ଇଡିକୁ ବ୍ୟବହାର କରି କିଭଳି ହୀନ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରୁଛି ସେନେଇ ଆଲୋଚନା କରିଥିଲେ। ଏହି ସମସ୍ୟା ବିରୋଧରେ କିପରି ଆଗାମୀ ଦିନରେ କଂଗ୍ରେସ ଲଢେଇ କରିବ ତାହା ଉପରେ ଆଲୋଚନା ହୋଇଥିଲା । ରାଜ୍ୟ ରାଜନୀତିରେ କିଭଳି ଭାଜପା-ବିଜେଡି ଅଘୋଷିତ ମେଣ୍ଟ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି, ରାଜ୍ୟର ମୂଲ୍ୟବାନ୍ ଖଣିଜ ସମ୍ପଦକୁ ଲୁଟି ଶାସକ ଦଳ କିଭଳି ନିଜ ଦଳୀୟ ପାଣ୍ଠି ସଂଗ୍ରହ କରୁଛି ଏବଂ ସେସବୁର କିପରି ସଫଳ ମୁକାବିଲା କରାଯିବ ତାହାକୁ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଦଳକୁ ସାଙ୍ଗଠନିକ ସ୍ତରରେ ମଜଭୁତ କରାଯାଇ ଲୋକଙ୍କ ବିଶ୍ୱାସଭାଜନ ହେବା ନେଇ ଉଭୟ ନେତା କଥାବାର୍ତ୍ତା କରିଛନ୍ତି।

# ଓଡ଼ିଶାରେ ଭାଜପା ସପକ୍ଷରେ ଜନମତ ରହିଛି: ତୋମାର

ବଲାଙ୍ଗୀର, ୧୩।୪ (ବୀରେନ୍ଦ୍ର କୁମାର ଝାଙ୍କର)



ସାଙ୍ଗଠନିକ ବୈଠକରେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ସହ ବଲାଙ୍ଗୀର ଏମ୍‌ପି ଏବଂ ୭ ବିଧାୟକ ପ୍ରାର୍ଥୀ।

ଓଡ଼ିଶା ରାଜ୍ୟ ଭାଜପା ପ୍ରଭାରୀ ବିଜୟପାଲ ସିଂ ତୋମାର ଶନିବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ସାଙ୍ଗଠନିକ ବୈଠକରେ ଯୋଗଦେଇଥିଲେ। ବୈଠକରେ ସେ କହିଥିଲେ ଯେ, ଓଡ଼ିଶାରେ ଏବେ ଭାଜପା ସପକ୍ଷରେ ଆଭ୍ୟନ୍ତରୀଣ ଜନମତ ସ୍ରୋତ ପ୍ରଭାବିତ ହେଉଛି। ଏଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୪୦୦ ପାର୍ ନାରା ସଫଳ ହେବା ସହ ଓଡ଼ିଶାରେ ମଧ୍ୟ ଡବଲ ଇଞ୍ଜିନ ସରକାର ଗଠନ ହେବ। ଭାଜପା ସପକ୍ଷରେ ଥିବା ଜନମତର ହାୱା ସ୍ପଷ୍ଟ ଅନୁଭବ କରିହେଉଛି। ଭାଜପା ସମର୍ଥକ, କାର୍ଯ୍ୟକର୍ତ୍ତା, ପ୍ରାର୍ଥୀ ସମସ୍ତେ ଉତ୍ସାହିତ ଅଛନ୍ତି ଏବଂ ଆଗାମୀ ନିର୍ବାଚନରେ ଭାଜପା ଲୋକ ସଭା ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥୀମାନେ ବଡଧରଣର ବିଜୟ ହାସଲ କରିବେ ବୋଲି କହିଥିଲେ। ବରଗଡ ଜିଲାରୁ ସୁବର୍ଣ୍ଣପୁର ଏବଂ ବଲାଙ୍ଗୀର ଜିଲାରେ ପ୍ରବେଶ କରିବା ପରେ ବହୁ ଭାଜପା ସମର୍ଥକ ତାଙ୍କୁ ସ୍ୱାଗତ କରିଥିଲେ। ବଲାଙ୍ଗୀର ହିରୋହୋଣ୍ଡା ଶୋ' ରୁମ୍ ନିକଟରୁ ତୋମାରଙ୍କୁ ସ୍ୱାଗତ କରାଯାଇଥିଲା। ପଥରଚେପା ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ ପ୍ରଭାରୀ ତୋମାର, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ତଥା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପାଟଣାଗଡ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଲୋଇସିଂହା ପ୍ରାର୍ଥୀ ତଥା ବିଧାୟକ ଡ ମୁକେଶ ମହାଲିଙ୍ଗ, ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ, ଟିଟିଲାଗଡ ବିଧାୟକ ପ୍ରାର୍ଥୀ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ସୋନପୁର ବିଧାୟକ ପ୍ରାର୍ଥୀ ପ୍ରମୋଦ ମହାପାତ୍ର, ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲା, ଲୋକ ସଭା ବିସ୍ତାରକ ପ୍ରଦୀପ କୁମାର ରାୟ, ଲୋକ ସଭା ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ଲୋକ ସଭା ସଂଯୋଜକ ଦିନେଶ ଶର୍ମା ଉପସ୍ଥିତ ଥିଲେ।

ରାଜ୍ୟ ପ୍ରଭାରୀ ତୋମାର ସମନ୍ୱୟ ଏବଂ ସହଭାଗିତାରେ କିଭଳି ଲୋକ ସଭା ଓ ବିଧାନସଭା ପ୍ରାର୍ଥୀମାନେ କାର୍ଯ୍ୟ କରିବେ, ଭୋଟରଙ୍କ ପାଖକୁ ଯିବେ ଏବଂ ବିଜୟୀ ହେବେ ସେଇ ଗୁରୁମନ୍ତ୍ର ଦେଇଥିଲେ। ବୁଥ୍‌ସ୍ତରୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହ କିଭଳି ଲୋକ ସଭା ନିର୍ବାଚନ ମଣ୍ଡଳୀର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରତ୍ୟେକ ବୁଥ୍‌ରେ ପ୍ରାର୍ଥୀମାନେ ବିଜୟୀ ହେବେ ସେନେଇ ଆଲୋଚନା କରିଥିଲେ। ତୋମାର କହିଥିଲେ ଯେ, ରାଜ୍ୟରେ ପ୍ରତ୍ୟେକ ଭାଜପା କାର୍ଯ୍ୟକର୍ତ୍ତା ଆଜି ମୋଦିଙ୍କ ନେତୃତ୍ୱରେ ଉତ୍ସାହିତ ହୋଇଅଛନ୍ତି। ବଲାଙ୍ଗୀର ଏମ୍‌ପି ଓ ସମସ୍ତ ବିଧାନସଭା ପ୍ରାର୍ଥୀ ବିଜୟୀ ହେବେ ବୋଲି କହିଥିଲେ। ସେମାନେ ନୂଆ ଉର୍ଜା ନେଇ କାମ କରିବେ ଏବଂ ପ୍ରତିପକ୍ଷ ପ୍ରାର୍ଥୀଙ୍କୁ ମାତ୍ ଦେବେ ବୋଲି କହିଥିଲେ। ତୋମାରଙ୍କ ଗୁରୁମନ୍ତ୍ରରେ ସମସ୍ତ ପ୍ରାର୍ଥୀ ଓ କାର୍ଯ୍ୟକର୍ତ୍ତା ଏକତାବଦ୍ଧ ହୋଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଜିର ବୈଠକରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

# ନୀରବତା ପରେ ନିର୍ବାଚନୀ ମଇଦାନରେ ଶ୍ରୀକାନ୍ତ



ଜଳେଶ୍ୱରପୁର କଂଗ୍ରେସ ଭବନ ପରିସରରେ ଆୟୋଜିତ ବୈଠକରେ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଉଦ୍‌ବୋଧନ ଦେଉଛନ୍ତି।

ଭୋଗରାଇ, ୧୩।୪ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ସଂସଦୀୟ କ୍ଷେତ୍ର ନିମନ୍ତେ ପୂର୍ବତନ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ବହୁଦିନର ନୀରବତା ପରେ ଶ୍ରୀକାନ୍ତ ଦଳୀୟ ଟିକେଟ ହାତେଇବାରେ ସଫଳ ହୋଇଛନ୍ତି। ସେ ଜିଲାର ୭ ନିର୍ବାଚନମଣ୍ଡଳୀକୁ ତୋଫାନୀ ଗସ୍ତ କରି ଦଳୀୟ ନେତା, କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ଭେଟି ଦଳର ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ଅଣ୍ଟା ଭିଡିବାକୁ ଆହ୍ୱାନ ଦେଇଛନ୍ତି। ଶନିବାର ଭୋଗରାଇ ନିର୍ବାଚନମଣ୍ଡଳୀ ଜଳେଶ୍ୱରପୁର କଂଗ୍ରେସ ଭବନଠାରେ ଏକ ବଡଧରଣର ପ୍ରାକ ନିର୍ବାଚନୀ ସାଙ୍ଗଠନିକ ବୈଠକରେ ଶ୍ରୀକାନ୍ତ ଯୋଗଦେଇ କେନ୍ଦ୍ରର ଏନଡିଏ ସରକାରକୁ ଜନସ୍ୱାର୍ଥ ବିରୋଧୀ ସରକାର ଭାବେ ଆଖ୍ୟା ଦେବା ସହ କଟୁ ସମାଲୋଚନା କରିଥିଲେ। ଆଗାମୀ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଭୋଗରାଇ ନିର୍ବାଚନମଣ୍ଡଳୀର ସମ୍ଭାବ୍ୟ ପ୍ରାର୍ଥୀ ସତ୍ୟଶିବ ଦାସ, ଜିଲା କଂଗ୍ରେସ ଉପସଭାପତି ଗୋପବନ୍ଧୁ ମହାପାତ୍ର ଓ ଦୀପକ କୁମାର ଜେନା, ବ୍ଲକ ମହିଳା କଂଗ୍ରେସ ସଭାପତି ମୀନାରାଣୀ ସୁର, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ବିଶିଷ୍ଟ ଆଇନଜୀବୀ ଅବଦୁତ ଜେନା, ବରିଷ୍ଠ ନେତା ସୁମନ୍ତ କୁମାର ବେହେରା, ଶମ୍ଭୁନାଥ ମାଝି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ବୈଠକରେ ଭୋଗରାଇ ନିର୍ବାଚନ ମଣ୍ଡଳୀର ୫୦ ପଞ୍ଚାୟତର ୧ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ଓ ବଳିଷ୍ଠ ନେତା ଏବଂ କର୍ମୀମାନେ ଯୋଗ ଦେଇଥିଲେ।

## ଖେଳ

# 'ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ହରାଇବା ବଡ଼ ଉପଲବ୍ଧି'



ସମ୍ବର୍ଦ୍ଧିତ ବଡିବିଲ୍ଡରମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ)

### ଜାତୀୟ ପୁରୁଷ ସୁନ୍ଦରସ୍ୱାସ୍ଥ୍ୟ ଫେଡେରେଶନ କପ୍ ବିଜେତାଙ୍କୁ ସମ୍ବର୍ଦ୍ଧନା

### ସଲମନ ଖାଁଙ୍କୁ ଦେଖି ପ୍ରଭାବିତ ହୋଇଥିଲେ ଅମିତ

''ପୂର୍ବରୁ ଅନୁଷ୍ଠିତ ନ୍ୟାଶନାଲରେ ଯେଉଁ ପ୍ରତିଯୋଗୀଙ୍କଠାରୁ ମୁଁ ହାରି ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଥିଲି ତାଙ୍କୁ ହରାଇ ମୁଁ ଫେଡେରେଶନ କପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କଲି। ଏହା ମୋ ପାଇଁ ବିଶେଷ ଉପଲବ୍ଧି ଥିଲା। ପ୍ରତିଯୋଗିତାକୁ ବିଭିନ୍ନ ରାଜ୍ୟରୁ ବଛାବଛା ବଡିବିଲ୍ଡରମାନେ ଆସିଥିଲେ। ପ୍ରତିଯୋଗିତା ଅତି ଟପ୍ ଥିଲା। ବିଭିନ୍ନ ପ୍ରତିଯୋଗୀଙ୍କ ନିକଟରୁ କଡ଼ା ଚ୍ୟାଲେଞ୍ଜ ପାଇବା ସତ୍ତ୍ୱେ ମୁଁ ପ୍ରଥମ ସ୍ଥାନ ଅଧିକାର କରିପାରିଥିଲି। ଚାମ୍ପିୟନ୍ ଅଫ ଚାମ୍ପିୟନ୍ସରେ ରନରଅପ୍ ହେବା ମଧ୍ୟ ବଡ଼ ସଫଳତା'' ବୋଲି ଉତ୍କଳ କରାଟେ ସ୍କୁଲରେ ୧୩ତମ ଜାତୀୟ ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ଫେଡେରେଶନ କପ୍ ପଦକ ବିଜେତାଙ୍କ ପାଇଁ ଶନିବାର ଆୟୋଜିତ ଉତ୍ସବରେ ସମ୍ବର୍ଦ୍ଧିତ ହେବା ଅବସରରେ ପ୍ରକାଶ କରିଛନ୍ତି ଅମିତ କୁମାର ଭୂୟାଁ। ଗୋଆରେ ଗତ ୬ ଓ ୭ ତାରିଖରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ଅମିତ ୭୫ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୭୦ କେଜିରେ ବାଦଲ ବେହେରା ରୌପ୍ୟ ଏବଂ ୬୫ କେଜି ବର୍ଗରେ ବିନ୍ଦୁସାଗର କଳସ ବ୍ରୋଞ୍ଜ ପଦକ ହାସଲ କରିଥିଲେ। '' ମୁଁ ବଡିବିଲ୍ଡର ହେବି ବୋଲି କେବେ ଭାବି ନ ଥିଲି। ବଲିଉଡ ତାରକା ସଲମନ ଖାଁଙ୍କୁ ଦେଖି ତାଙ୍କ ଭଳି ବଡି ବନାଇବାକୁ ଇଚ୍ଛା କରିଥିଲି। ଏହାପରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ମହାସୁଆରଙ୍କ ପ୍ରେରଣାରେ ବଡିବିଲ୍ଡିଂକୁ ଆସିଥିଲି ଏବଂ ସଫଳ ହେଲି। ଇତିମଧ୍ୟରେ ମୁଁ ରାଜ୍ୟରେ ମିଷ୍ଟର ଓଡ଼ିଶାଠାରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରତିଯୋଗିତାରେ ପଦକ ହାସଲ କରିସାରିଛି। ଏଥିପାଇଁ ମୋତେ ଓଏମ୍‌ସିରେ ଚାକିରି ମଧ୍ୟ ମିଳିଛି। ଆଗାମୀ ଦିନରେ ଅଧିକ ସଫଳତା ହାସଲ କରି ରାଜ୍ୟକୁ ଗର୍ବିତ କରିବା ମୋର ଇଚ୍ଛା'' ବୋଲି ଅମିତ କହିଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, କାର୍ଯ୍ୟନିର୍ବାହୀ ଉପସଭାପତି ବାବୁଲି ସ୍ୱାଇଁ, ଉପଦେଷ୍ଟା ହରି ପ୍ରସାଦ ପଟ୍ଟନାୟକ, ଚିତ୍ତ ରଞ୍ଜନ ସ୍ୱାଇଁ, ମନ୍ମଥ ମିଶ୍ର, ଗଞ୍ଜାମ ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସମ୍ପାଦକ ଆଜେଶ ବାବୁ ଆଚାରୀ, ସହସମ୍ପାଦକ ପ୍ରଫୁଲ୍ଲ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଲି ଜିନ୍ କିଙ୍ଗ୍ କପ୍

# ନ୍ୟୁଜିଲାଣ୍ଡଠାରୁ ହାରିଲା ଭାରତ

ଚାଙ୍ଗଶା (ଚାଇନା), ୧୩।୪ (ପି.ଟି)

ବିଲି ଜିନ୍ କିଙ୍ଗ୍ କପ୍ ଟେନିସ ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡଠାରୁ ୨-୧ରେ ପରାଜିତ ହେବା ଦ୍ୱାରା ଭାରତ ପ୍ଲେ-ଅଫ୍ ସ୍ଥାନ ପାଇ ଇତିହାସ ସୃଷ୍ଟି କରିବାର ସୁଯୋଗ ହରାଇଛି। ଏହି ମୁକାବିଲାରେ ଅଙ୍କିତା ରାଇନା ତାଙ୍କ ସିଙ୍ଗଲ୍ସ ମ୍ୟାଚ ଏବଂ ପାର୍ଟନର ପ୍ରାର୍ଥନା ଥୋମ୍ବାରେଙ୍କ ସହ ତାଙ୍କ ଡବଲ୍ସ ମ୍ୟାଚ ହାରିଯାଇଥିଲେ। ଏହି ପରାଜୟ ଦ୍ୱାରା ଭାରତ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିବା ସହ ଏସିଆନ/ଓସେନିଆ ଗ୍ରୁପ୍‌ରେ ରହିଲା। ଭାରତର ଋତୁଜା ଭୋସେଲ୍ ଓପ୍‌ନିଂ ସିଙ୍ଗଲ୍ସରେ ମୋନିକ୍ ବାରିଙ୍କୁ ୬-୨, ୭-୬ (୫)ରେ ହରାଇ ଦେଇଥିଲେ। ରାଇନା ଯଦି ବିଶ୍ୱର ୧୬୯ତମ ଖେଳାଳି ଲୁଲୁ ସନ୍‌ଙ୍କ ବିପକ୍ଷ ପରବର୍ତ୍ତୀ ମ୍ୟାଚ ଜିତିଯାଇଥାନ୍ତେ ତେବେ ଭାରତ ପ୍ରଥମ ଥର ପ୍ଲେ ଅଫ୍‌କୁ ଉନ୍ନୀତ ହୋଇପାରିଥାନ୍ତା, କିନ୍ତୁ ସେ ୨-୬, ୦-୬ରେ ହାରିଯାଇଥିଲେ। ଭାରତ ପାଇଁ ଡବଲ୍ସ ମ୍ୟାଚରେ ଗୋଟିଏ ସୁଯୋଗ ରହିଥିଲା।

# ଭାରତୀୟ ଦଳକୁ ଫେରିଲେ ଅମିତ ପଙ୍ଘାଲ

ନୂଆଦିଲ୍ଲୀ, ୧୩।୪ (ପି.ଟି.)

ଆସନ୍ତା ମେ' ୨୫ରୁ ଜୁନ୍ ୨ ପର୍ଯ୍ୟନ୍ତ ବ୍ୟାଙ୍କକ୍‌ଠାରେ ଫାଇନାଲ ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷଣା କରାଯାଇଥିବା ଭାରତୀୟ ଦଳକୁ ଅମିତ ପଙ୍ଘାଲ ଫେରିଛନ୍ତି। ଗତ ମାସରେ ଇଟାଲୀରେ ଅନୁଷ୍ଠିତ ଅଲିମ୍ପିକ କ୍ୱାଲିଫାୟର୍ସରେ ଭାରତୀୟ ବକ୍ସରମାନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଜଣେ ହେଲେ ବକ୍ସର ଗୋଟିଏ ହେଲେ କୋଟା ହାସଲ କରିବାରେ ସଫଳ ହୋଇ ନ ଥିଲେ। ଫଳରେ ଦ୍ୱିତୀୟ ବିଶ୍ୱ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ପାଇଁ ୫ ଜଣ ବକ୍ସର ଭାରତୀୟ ଦଳରେ ସେମାନଙ୍କ ସ୍ଥାନ ହରାଇଛନ୍ତି। ଏଥିପାଇଁ ଭାରତର ହାଇ ପରଫର୍ମାନ୍ସ ଡାଇରେକ୍ଟର ବର୍ନାଡ୍ ଡ୍ୟୁନ୍‌ଙ୍କୁ ପଦ ତ୍ୟାଗ କରିବାକୁ ପଡ଼ିଥିଲା। ସଦ୍ୟ ମୂଲ୍ୟାଙ୍କନରେ ଦୁଇ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଦୀପକ ଭୋରିଆ (୫୧କେଜି) ଓ ମହମ୍ମଦ ହୁସାମୁଦ୍ଦିନ (୫୭କେଜି), ୬ ଥର ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା ଶିବ ଥାପା (୬୩.୫କେଜି), ବର୍ତ୍ତମାନର ଜାତୀୟ ଚାମ୍ପିୟନ ଲକ୍ଷ୍ୟ ଚହର (୮୦କେଜି) ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜେତା ଯସ୍ମିନ ଲାମ୍ବୋରିଆ (୬୦କେଜି) ପ୍ରମୁଖ ଭାରତୀୟ ଦଳରେ ସେମାନଙ୍କ ସ୍ଥାନ ହରାଇଛନ୍ତି। ପଙ୍ଘାଲ ହେଉଛନ୍ତି ଦେଶର ଏକମାତ୍ର ପୁରୁଷ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା (୨୦୧୯)। ସେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨୦୧୪ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟର ସ୍ୱର୍ଣ୍ଣବିଜେତା। ଟୋକିଓ ଅଲିମ୍ପିକ୍ସରେ ଭାରତର ୬ଜଣ ବକ୍ସର ଭାଗ ନେଇପାରିଥିଲେ।

### ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟ ପାଇଁ ଭାରତୀୟ ପୁରୁଷ ଦଳ

ଅମିତ୍ ପଙ୍ଘାଲ (୫୧କେଜି), ସଚିନ ସିୱାଚ ଜୁନିୟର (୫୭କେଜି), ଅବିନାଶ ଜାମୱାଲ (୬୩.୫କେଜି), ନିଶାନ୍ତ ଦେବ (୭୧କେଜି), ଅଭିମନ୍ୟୁ ଲୋଉରା (୮୦କେଜି), ସଞ୍ଜିତ୍ (୯୨ କେଜି) ଓ ନରେନ୍ଦର ବରୱାଲ (+୯୨କେଜି)।

### ମହିଳା ଦଳ

ଅଙ୍କୁଶିତା ବୋରୋ (୬୦କେଜି), ଅରୁନ୍ଧତି ଚୌଧାରୀ (୬୬କେଜି)।

# ଭଦ୍ରକ, ପାରାଦୀପ, ଅନୁଗୋଳ ବିଜୟୀ

### କଳାହାଣ୍ଡି କପ୍ କ୍ରିକେଟ

ଭୁବନେଶ୍ୱର, ୧୩।୪ (ସରୋଜ ଜେନା)


ଆକାଶ ମହାପାତ୍ର


ଶାଶ୍ୱତ ମହାନ୍ତି


ଶୋଭନଦେବ ବେହେରା

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆୟୋଜିତ କଳାହାଣ୍ଡି କପ୍ କ୍ରିକେଟରେ ଶନିବାର ଭଦ୍ରକ, ପାରାଦୀପ, ଅନୁଗୁଳ ବିଜୟୀ ହୋଇଛନ୍ତି। ଆକାଶ ମହାପାତ୍ର ଓ ଶାଶ୍ୱତ ମହାନ୍ତି ଶତକ ହାସଲ କରିଥିବା ବେଳେ ଶୋଭନଦେବ ବେହେରା ୬ ଉଇକେଟ ନେଇଥିଲେ।

ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୧୨୧ ରନ୍‌ରେ ବରଗଡକୁ ପରାସ୍ତ କରିଛି। ଆକାଶ ମହାପାତ୍ରଙ୍କ ୧୬୬ ରନ୍ ବଳରେ ଭଦ୍ରକ ୫ ଉଇକେଟରେ ୩୩୮ ରନ୍ କରିଥିଲା। ଜବାବରେ ବରଗଡ ୪୮.୨ ଓଭରରେ ୨୧୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ରେଭେନ୍‌ଶା ଗ୍ରାଉଣ୍ଡ ୧ରେ ଖେଳାଯାଇଥିବା ମ୍ୟାଚରେ ପାରାଦୀପ ୪ ଉଇକେଟରେ କିଟ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କିଟ୍ ୪୮.୧ ଓଭରରେ ୨୬୩ ରନ୍‌ରେ ଅଲଆଉଟ ହୋଇଥିଲା। ସୁଦର୍ଶନ ସ୍ୱାଇଁ ୭୯ ଓ ପ୍ରଶାନ୍ତ ମରୋଜୁ ୬୭ ରନ୍ କରିଥିଲେ। ଜବାବରେ ଶାଶ୍ୱତ ମହାନ୍ତିଙ୍କ ଅପରାଜିତ ୧୧୮ ରନ୍ ବଳରେ ପାରାଦୀପ ୪୧.୨ ଓଭରରେ ୬ ଉଇକେଟ ହରାଇ ୨୬୭ ରନ୍ କରିଥିଲା।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଅନୁଗୋଳ ୮୬ ରନ୍‌ରେ ବୌଦ୍ଧକୁ ପରାସ୍ତ କରିଛି। ଅନୁଗୁଳ ୧୮୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଟୁକୁନା ସାହୁ ୬୮ ଓ ଶ୍ରେୟାଂସ ଭରଦ୍ୱାଜ ୩୩ ରନ୍ କରିଥିଲେ। ଶୋଭନ ଦେବ ବେହେରାଙ୍କ ଘାତକ ବୋଲିଂ କରି ୬ ଉଇକେଟ ନେଇଥିଲେ। ତେବେ ବୌଦ୍ଧ ମାତ୍ର ୯୬ ରନ୍‌ରେ ଅଲଆଉଟ ହୋଇଥିଲା। ଆୟୁଷ ବାରିକ ଓ ଟୁକୁନା ସାହୁ ୪ଟି ଲେଖାଏ ଉଇକେଟ ନେଇଥିଲେ।

# ରିୟଲ କଶ୍ମୀରକୁ ହରାଇଲା ନାମଧାରୀ ଏଫ୍‌ସି

ଶ୍ରୀନଗର, ୧୩। ୪ (ପି.ଟି.)

ଆଇ-ଲିଗ୍ ଟୁର୍ନାମେଣ୍ଟରେ ପ୍ରଥମଥର ଭାଗ ନେଇ ଥିବା ନାମଧାରୀ ଏଫ୍‌ସି ୪-୧ ଗୋଲ୍‌ରେ ରିୟଲ କଶ୍ମୀରକୁ ପରାସ୍ତ କରିଛି। ଏଥିସହ ଦଳ ୯ମ ସ୍ଥାନ ସହ ପ୍ରତିଯୋଗିତାରେ ଏହାର ଅଭିଯାନ ଶେଷ କରିଛି। ନାମଧାରୀ ଏଫ୍‌ସି ୨୪ଟି ମ୍ୟାଚରୁ ୨୭ ପଏଣ୍ଟ ଅର୍ଜନ କରିପାରିଛି। ଦଳ ୭ଟି ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ୬ଟି ଡ୍ର ରଖିଛି ଏବଂ ଅବଶିଷ୍ଟ ସମସ୍ତ ମ୍ୟାଚରେ ପରାଜିତ ହୋଇଛି। ବିଜୟୀ ଦଳ ପ୍ରଥମାର୍ଦ୍ଧ ଖେଳରେ ୨-୦ରେ ଆଗୁଆ ରହିଥିଲା। ଷ୍ଟିଫେନ୍ ଆକ୍ୱାଆ (୨୦ତମ ମିନିଟ) ଓ ଇମାନୋଲ ଆରାନା ସଦବା (୨୪ତମ ମିନିଟ, ପେନାଲ୍ଟି) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମାବୀର ସିଂ (୬୦ତମ ଓ ୯୦ତମ ମିନିଟ) ଦୁଇଟି ଗୋଲ୍ ସ୍କୋର କରିଥିଲେ। ଘରୋଇ ଦଳ ପାଇଁ ଏକମାତ୍ର ଗୋଲ୍ ଖେଳର ୮୬ତମ ମିନିଟ୍‌ରେ ଲାଲ୍‌ରାମଦିନସାଙ୍ଗା ରାଲ୍‌ଟେ ସ୍କୋର କରିଥିଲେ। ଅନ୍ୟପକ୍ଷରେ ରିଅଲ କଶ୍ମୀର ଏଫ୍‌ସି ୨୪ଟି ମ୍ୟାଚରୁ ୪୦ ପଏଣ୍ଟ ଅର୍ଜନ କରି ୫ମ ସ୍ଥାନରେ ରହିଛି। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଏହା ପୂର୍ବରୁ ଦଳ କଲ୍ୟାଣୀଠାରେ ଟ୍ରାଉ ଏଫ୍‌ସିଠାରୁ ହାରିଯାଇଥିଲା। ଏହି ସିଜନରେ ଆହୁରି ମଧ୍ୟ ପିଜ ଘରୋଇ ଟର୍ଫରେ ଦ୍ୱିତୀୟ ପରାଜୟ। ଟିଆର୍‌ସି ଫୁଟ୍‌ବଲ ଟର୍ଫରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚର ୬୭ତମ ମିନିଟ୍‌ରେ ଫାଉଲ ପାଇଁ ଡିଫେଣ୍ଡର ହାଇଦର ୟୁସୁଫ୍‌ଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିବାରୁ ରିୟଲ କଶ୍ମୀର ଏଫ୍‌ସି ଦଳର ଖେଳାଳି ସଂଖ୍ୟା ୧୦କୁ ହ୍ରାସ ପାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


କାକା
ପରିବାରବର୍ଗ


ରୋନକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗ୍ରୀଷ୍ମରେ ବିଜୁଳି ସଙ୍କଟ ଦୂର କରିବାକୁ କେନ୍ଦ୍ରର ଯୋଜନା

ଭୁବନେଶ୍ୱର,୧୩।୪(ଅନୁରାଧା ମହାରଣା)



ଗ୍ରୀଷ୍ମଋତୁରେ ଦେଶରେ ବଢ଼ୁଥିବା ବିଦ୍ୟୁତ୍ ଚାହିଦା ପୂରଣ କରିବାକୁ କେନ୍ଦ୍ର ସରକାର ଗ୍ୟାସ ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଶକ୍ତି ଉତ୍ପାଦନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶକ୍ତି ମନ୍ତ୍ରଣାଳୟ ସୂଚନାନୁସାରେ, ଗ୍ୟାସ୍ ଭିତ୍ତିକ ଉତ୍ପାଦନକାରୀ ପ୍ଲାଣ୍ଟରୁ ସର୍ବାଧିକ ବିଦ୍ୟୁତ୍ ଉତ୍ପାଦନ ନିଶ୍ଚିତ କରିବାକୁ ସରକାର ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୧୧ ଅନୁଯାୟୀ ସମସ୍ତ ଗ୍ୟାସ୍ ଭିତ୍ତିକ ଉତ୍ପାଦନକାରୀ ପ୍ଲାଣ୍ଟକୁ ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ଅସାଧାରଣ ପରିସ୍ଥିତିରେ କୌଣସି ଉତ୍ପାଦନକାରୀ କମ୍ପାନୀ ରାଜ୍ୟ କିମ୍ବା କେନ୍ଦ୍ର ସରକାର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେକୌଣସି ଜେନେରେଶନ ଷ୍ଟେଶନ ପରିଚାଳନା ଏବଂ ରକ୍ଷଣାବେକ୍ଷଣା କରିପାରିବେ। ବିଶେଷକରି ବାଣିଜ୍ୟିକ ଦୃଷ୍ଟିକୋଣରୁ ଗ୍ୟାସ୍ ଆଧାରିତ ଉତ୍ପାଦନକାରୀ ଷ୍ଟେଶନ (ଜିବିଏସ୍)ର ବର୍ତ୍ତମାନ ଉପଯୋଗ କରାଯାଉନାହିଁ । ଆମଦାନୀ ହୋଇଥିବା କୋଇଲାଚାଳିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପରି ଧାରା ୧୧ ଅନୁଯାୟୀ ଜାରି କରାଯାଇଥିବା ନିର୍ଦ୍ଦେଶ ଆସନ୍ତା ମାସରେ ଗ୍ୟାସ୍ ଭିତ୍ତିକ ଉତ୍ପାଦନ କେନ୍ଦ୍ରରୁ ବିଦ୍ୟୁତ୍ ଉପଲବ୍ଧତାକୁ ସପ୍ଲିମେଣ୍ଟ କରିବାକୁ ଲକ୍ଷ୍ୟ ରଖିଛି। ବିଦ୍ୟୁତ୍ ଉତ୍ପାଦନ ଏବଂ ଯୋଗାଣ କ୍ଷେତ୍ରରେ ଆସନ୍ତା ମେ ୧ରୁ ଜୁନ୍ ୩୦ ପର୍ଯ୍ୟନ୍ତ ବୈଧ ହେବ। ବିଦ୍ୟୁତ୍ ମନ୍ତ୍ରଣାଳୟ କହିଛି, ଗ୍ୟାସ୍ ଭିତ୍ତିକ ଶକ୍ତି କେତେ ଦିନ ଆବଶ୍ୟକ ତାହା ଗ୍ରୀଡ୍-ଇଣ୍ଡିଆ ଗ୍ୟାସ୍ ଭିତ୍ତିକ ଉତ୍ପାଦନ କେନ୍ଦ୍ରକୁ ଆଗୁଆ ସୂଚନା ଦେବ। ଯୋଗାଣ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କ ସହ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା (ପିପିଏ) ଥିବା ଗ୍ୟାସ୍ ଆଧାରିତ ଉତ୍ପାଦନକାରୀ ଷ୍ଟେଶନଗୁଡିକ ପ୍ରଥମେ ପିପିଏ ଧାରକମାନଙ୍କ ଶକ୍ତି ପ୍ରଦାନ କରିବେ। ଗ୍ୟାସ୍ ଭିତ୍ତିକ ଉତ୍ପାଦନକାରୀ ଷ୍ଟେଶନ ଯାହା ପିପିଏ ଦ୍ୱାରା ଅନୁବନ୍ଧିତ ନୁହେଁ ସେମାନଙ୍କୁ ବିଦ୍ୟୁତ୍ ବଜାରରେ ସେମାନଙ୍କର ଉତ୍ପାଦନ କରିବାକୁ ପଡ଼ିବ। ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏକ ସରକାରୀ ବିବୃତି ଅନୁଯାୟୀ କେନ୍ଦ୍ର ଶକ୍ତି ଏବଂ ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତିମନ୍ତ୍ରୀ ଆର୍. କେ . ସିଂ ଏହା ଉପରେ ଅନେକ ବୈଠକ କରିଥିଲେ। ଏଥିରେ ଗ୍ରୀଷ୍ମ ଋତୁରେ ଚାହିଦା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ବିଦ୍ୟୁତ୍ ଉପଲବ୍ଧତା ନିଶ୍ଚିତ କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଏରିଅଲର ନୂତନ ଅଭିଯାନ

ଭୁବନେଶ୍ୱର,୧୩।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଫ୍ୟାବ୍ରିକ କେୟାର ବ୍ରାଣ୍ଡ ଏରିଅଲର ନୂତନ ଅଭିଯାନ 'ହୋମ୍ ଟାଇମ୍ସ ଶେୟାର ଦି ଲୋଡ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏରିଅଲର ନୂତନ ଅଭିଯାନ ତଥା ସଦ୍ୟତମ ଚଳଚ୍ଚିତ୍ର 'ହୋମ୍ ଟାଇମ୍ସ ଶେୟାର ଦି ଲୋଡ୍' ଜରିଆରେ ପରିବାର ମଧ୍ୟରେ ଏକ ଦଳ ଗତିଶୀଳ ହେବା ଓ ଘରୋଇ କାର୍ଯ୍ୟକୁ ଏକ ସାମୂହିକ ଦାୟିତ୍ୱ ଭାବେ ଦୋହରାଇବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ବିଶେଷକରି ଏହା ଆୟଶାଙ୍କ କାହାଣୀ ମାଧ୍ୟମରେ ପୁରୁଷମାନଙ୍କ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରିଛି। ଏହା ଏକତ୍ର ବୃହତ୍ ଲକ୍ଷ୍ୟ ହାସଲ କରିବା ସମ୍ଭାବନାକୁ ଗୁରୁତ୍ୱ ଦେଇଥାଏ ଓ ଉଭୟ ବ୍ୟକ୍ତିଗତ ଜୀବନ ଓ ବୃତ୍ତିଗତ କ୍ଷେତ୍ରରେ ଦଳଗତ କାର୍ଯ୍ୟର ଗଭୀର ପ୍ରଭାବକୁ ଆଲୋକିତ କରିଥାଏ। ଚଳଚ୍ଚିତ୍ରଟି ଏହା ସୂଚୀତ କରେ ଯେ ଛୋଟ ମୁହୂର୍ତ୍ତଗୁଡ଼ିକ କିପରି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ। ସେହିପରି ଉକ୍ତ ଅଭିଯାନର ଉନ୍ମୋଚନ କାର୍ଯ୍ୟକ୍ରମରେ ଅନୀଲ କପୁର ବିକାଶଶୀଳ ଗତିଶୀଳତା ଓ ସମ୍ପର୍କ ମଧ୍ୟରେ ପ୍ରକୃତ ସହଭାଗିତାର ମହତ୍ତ୍ୱ ଉପରେ ଏକ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରିଛନ୍ତି। ଏ ନେଇ ଫ୍ୟାବ୍ରିକ କେୟାରର ଉପାଧ୍ୟକ୍ଷ ଜି ମୁକ୍ତା ମାହେଶ୍ୱରୀ କହିଛନ୍ତି, ଆମେ ଘରେ ଏକ ଇକୋ ସିଷ୍ଟମ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ। ଆମର ଉଦ୍ଦେଶ୍ୟ ଉନ୍ନତ ସଫେଇ ସାମଗ୍ରୀ ଯୋଗାଇବା ସହ ପରିବାର ମଧ୍ୟରେ ଉତ୍ତମ ସହଭାଗିତା ଓ ସମାନତା ବୃଦ୍ଧି ଲକ୍ଷ୍ୟ ରଖିଛୁ। ଉଲ୍ଲେଖଯୋଗ୍ୟ, ଗତ ୨ବର୍ଷ ମଧ୍ୟରେ ଏରିଏଲ ଇଣ୍ଡିଆ କ୍ରମାଗତ ଭାବେ ଘରୋଇ ଚାହିଦା ବୃଦ୍ଧି କରିବାରେ ଲାଗିଛି। ସମାଜ ଅଗ୍ରଗତି କଲାବେଳେ ପୁରୁଷମାନେ ନିଜ ଜୀବନସାଥୀଙ୍କୁ ସମାନ ଭାବେ ସମର୍ଥନ କରିବାର ଗୁରୁତ୍ୱକୁ ଅଧିକ ସ୍ୱୀକୃତି ଦେଉଛନ୍ତି। ଯେହେତୁ ଆମେ ୨୦୧୫ରେ ଯାତ୍ରା ଆରମ୍ଭ କରିଥିଲୁ ଆଜି ପ୍ରତ୍ୟେକଙ୍କ ଘରେ ଏରିଏଲର ବିଶ୍ୱାସ ସହ ଅଗ୍ରଗତିର ଆବଶ୍ୟକତାକୁ ବିଚାରକରି ଏହା ନିଶ୍ଚିତ କରେ ଯେ ଏରିଏଲ ଘର ଭିତରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଘର କାମର ଉତ୍ତରଦାୟିତ୍ୱ ଓ ସଂସ୍କୃତି ପ୍ରତିପାଦନ କରିବାକୁ ଲକ୍ଷ୍ୟ ରଖିଛି।


## 2nd Birthday




**Ronak**

To the most adorable little boy on his special day, happy birthday. May your journey through life be filled with love, joy and endless blessings.

Wishes From: Papa, Mama, Aja, Aii, Mammu, Mausi.

ଧ-୦୭୪


# ଟାଟା ଏଆଇଏର ନୂତନ ସୁବିଧା

**ଭୁବନେଶ୍ୱର,୧୩।୪:** ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ 'ଟାଟା ଏଆଇଏ'ର ନୂତନ ସୁବିଧା (ସେବା) ବା ହ୍ୱାଟ୍ସଆପ୍ ଜରିଆରେ ପ୍ରିମିୟମ୍ ପେମେଣ୍ଟ ସର୍ଭିସ୍ (ପିପିଏସ୍)ର ଶୁଭାରମ୍ଭ କରାଯାଇଛି। ଏପରିକି ବୀମା କ୍ଷେତ୍ରରେ କମ୍ପାନୀ ପ୍ରଥମ ଧରଣର ସେବା ନିକଟରେ ଆରମ୍ଭ କରିଛି। ପୂର୍ବରୁ କେବଳ ୟୁପିଆଇ ଜରିଆରେ ସୀମିତ ଥିବା ବେଳେ ବର୍ତ୍ତମାନ ଟାଟା ଏଆଇଏର ଗ୍ରାହକମାନେ ହ୍ୱାଟ୍ଆପ୍ ଜରିଆରେ ବିଭିନ୍ନ ପେମେଣ୍ଟ ମାଧ୍ୟମ ବ୍ୟବହାର କରିପାରିବେ। ଏପରିକି ଗ୍ରାହକମାନେ ହ୍ୱାଟ୍ଆପ୍‌କୁ ବ୍ୟବହାରକରି କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଓ ନେଟ୍ ବ୍ୟାଙ୍କିଙ୍ଗ୍ ଜରିଆରେ ୧କୋଟି ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ପୂର୍ବରୁ ଏହି ସୀମା ୨ଲକ୍ଷ ଟଙ୍କା ଥିଲା।

# ଗୁଣାତ୍ମକ ଉତ୍ପାଦକୁ ବୈଦ୍ୟନାଥର ଗୁରୁତ୍ୱ

ଭୁବନେଶ୍ୱର,୧୩।୪

ବର୍ତ୍ତମାନର ଚଳଚଞ୍ଚଳ ସମୟ ମଧ୍ୟରେ ଆମେ ଉଭୟ ଆମର ସ୍ୱାସ୍ଥ୍ୟ ଓ ସମୟସୀମାକୁ ଠିକ୍ ଭାବେ ପରିଚାଳନା କରିପାରୁ ନ ଥିବାବେଳେ କମ୍ ବୟସରେ ଭିନ୍ନ ଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଏପରିକି ରୋଗୀ ରୋଗରୁ ନିରାକରଣ ପାଇଁ ଗୁଣାତ୍ମକ ଔଷଧ ଓ ଅଭିଜ୍ଞ ଚିକିତ୍ସକଙ୍କ ଠିକ୍ ପରାମର୍ଶ ପାଇପାରୁନାହିଁ। ରୋଗୀ ଓ ରୋଗ ମୁକ୍ତିର ଉଭୟ ପାର୍ଶ୍ୱ ଭଳି ହୋଇଥିଲାବେଳେ ଚିକିତ୍ସକ ଗୁଣାତ୍ମକ ଔଷଧ ସମ୍ପର୍କରେ ଅବଗତ କରାଇବା ସହିତ ଉନ୍ନତ ମାନର ବ୍ରାଣ୍ଡ ମଧ ଚିକିତ୍ସା କ୍ଷେତ୍ରରେ ବେଶ୍ ସହାୟକ ହୋଇଥାଏ ବୋଲି ବୈଦ୍ୟନାଥ ଆୟୁର୍ବେଦ ସମ୍ମିଳନୀ-୨୦୨୪ରେ ଯୋଗଦେଇଥିବା ଚିକିତ୍ସକ ଓ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସେହିଭଳି ସମ୍ମିଳନୀର ପ୍ରାରମ୍ଭରେ ଗ୍ଲୋବାଲ ଆୟୁର୍ବେଦ ଆଣ୍ଡ ବୈଦ୍ୟନାଥର ଏମ୍‌ଡି ଆର୍.କେ. ଶର୍ମା ସମ୍ମିଳନୀର ଆଭିମୁଖ୍ୟ ଓ ବ୍ରାଣ୍ଡର ସଫଳତା ଏବଂ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ କହିଥିଲେ, ଆମେ ରୋଗର ନିରାକରଣ ପାଇଁ ବଜାରରେ ଗୁଣାତ୍ମକ ଉତ୍ପାଦ ଉପଲବ୍ଧ କରାଇବା ସହିତ କାରବାର ବୃଦ୍ଧି ପାଇଁ ସହଯୋଗୀମାନଙ୍କ ସହ ଉତ୍ତମ ସମ୍ପର୍କ ଓ ନୂତନ ଉତ୍ପାଦ ଉନ୍ମୋଚନ ଉପରେ ବିଶେଷ ଗୁରୁତ୍ୱ ଦେଇଥାଉ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**IZUMI JAPANESE LANGUAGE TRAINING BHUBANESWAR**
**ADMISSION OPEN**
For the Japanese Language Course, JLPT (Japanese Language Proficiency Test)
**Levels: N5, N4, N3 and N2**
For details please visit: **izumiclasses.com**
**Ph.: 9741039285, 9945599298**

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
7382841797


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଯୁବଗୋଷ୍ଠୀଙ୍କୁ ପ୍ଲାଟଫର୍ମ ଯୋଗାଉଛି ବେଦାନ୍ତ

ଭୁବନେଶ୍ୱର,୧୩।୪(ଅଭୟ ଦାଶ)



କାଶୀପୁର ପ୍ରିମିୟର ଲିଗ୍ (କେପିଏଲ୍)ର ଉପବିଜେତା ସ୍ମାର୍ଟ-୧୧କୁ ଅତିଥି ଓ ଆୟୋଜକଙ୍କ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ଅତିଥି, ଆୟୋଜକ ଓ ସ୍ମାର୍ଟ-୧୧ର ସମସ୍ତ ଖେଳାଳି ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ବେଦାନ୍ତ ଆଲୁମିନିୟମ ସର୍ବଦା ଯୁବଗୋଷ୍ଠୀଙ୍କୁ ନୂତନ ପ୍ଲାଟ୍‌ଫର୍ମ ଯୋଗାଇ ଆସିଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ ନିକଟରେ ରାୟଗଡ଼ା ଜିଲାର କାଶୀପୁର ଠାରେ ଆୟୋଜିତ କାଶୀପୁର ପ୍ରିମିୟର ଲିଗ୍ (କେପିଏଲ୍)କୁ ଆବଶ୍ୟକ ସମର୍ଥନ ସହ ସ୍ଥାନୀୟ କାଶୀପୁର ଅଞ୍ଚଳରେ ତୃଣମୂଳ କ୍ରିକେଟର ପ୍ରୋତ୍ସାହନ ଲାଗି ସହାୟତା ମଧ କରିଛି। ସମ୍ପୃକ୍ତ ଅଞ୍ଚଳରେ ଯୁବକମାନଙ୍କ ମଧ୍ୟରେ କ୍ରିକେଟ ଦକ୍ଷତା ବୃଦ୍ଧି ଓ ଖେଳରେ ଉତ୍କର୍ଷ ବୃଦ୍ଧି ପାଇଁ କମ୍ପାନୀ ପ୍ରୟାସ କରୁଛି। ଉଲ୍ଲେଖଯୋଗ୍ୟ, ୨୦୨୪ ମାର୍ଚ୍ଚ ୩ରୁ ଆରମ୍ଭ ହୋଇଥିଲା କେପିଏଲ୍ ନିକଟରେ ଶେଷ ହୋଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି . ଶ୍ରୀକାନ୍ତ କହିଛନ୍ତି, ଆମେ ଜାଣୁ କ୍ରୀଡ଼ା କେବଳ ଭବିଷ୍ୟତ ପଥକୁ ଆକୃଷ୍ଟ କରେ ନାହିଁ ବରଂ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥାଏ। ଏପରିକି ଆମେ ଯୁବକଙ୍କ ପାଇଁ ସମର୍ପିତ, ଏଥିପାଇଁ ଆମେ ବିଭିନ୍ନ ସମୟରେ ତୃଣମୂଳ ଲିଗ୍ ଓ ଟୁର୍ନାମେଣ୍ଟ ଆୟୋଜନ କରିଥାଉ। ରାଜ୍ୟର କ୍ରୀଡ଼ା ଉତ୍କର୍ଷର ସମୃଦ୍ଧତାକୁ ଯୋଡ଼ି ସେମାନଙ୍କୁ କ୍ରୀଡ଼ାବିତ ହେବା ଦିଗରେ ଆଗେଇଯିବା ପାଇଁ ଆମେ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛୁ।

# ଏଚ୍‌ଡିଏଫ୍‌ସି ଏଏମ୍‌ସିର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୧୩।୪

HDFC MUTUAL FUND BHAROSA APNO KA

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍ ବା ଏଚ୍‌ଡିଏଫ୍‌ସି ଏଏମ୍‌ସି ଫଣ୍ଡ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଏଚ୍‌ଡିଏଫ୍‌ସି ଟପ୍ ୧୦୦ଫଣ୍ଡ,ମୁଖ୍ୟତଃ ଲାର୍ଜ-କ୍ୟାପ୍ ଷ୍ଟକରେ ନିବେଶ କରୁଥିବା ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ନିକଟରେ ବ୍ରାଣ୍ଡ ସଫଳତାର ୨୭ ବର୍ଷ ପୂରଣ କରିଛି। ସେହିଭଳି ଗତ ୨୭ ବର୍ଷ ମଧ୍ୟରେ ଏହି ପାଣ୍ଠି ୧୯% ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର୍) ପ୍ରଦାନ କରିଛି। ଏହାବ୍ୟତୀତ ଏଚ୍‌ଡିଏଫ୍‌ସି ଟପ୍୧୦୦ ଫଣ୍ଡରେ ପ୍ରତି ମାସର ପ୍ରଥମ ବ୍ୟବସାୟ ଦିବସରେ ୧୦,୦୦୦ ଟଙ୍କାର ଏସ୍ଆଇପି (ସମୁଦାୟ ନିବେଶ ୩୨.୯୦ଲକ୍ଷ ଟଙ୍କା) ୨୦୨୪ଫେବୃଆରୀ ଶେଷ ସୁଦ୍ଧା ୭.୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଏଏମ୍‌ସିର ଏମ୍‌ଡି ଏବଂ ସିଇଓ ନବନୀତ ମୁନୋଟ କହିଛନ୍ତି, ଦୀର୍ଘ୨୭ ବର୍ଷ ମଧ୍ୟରେ ଏଚ୍‌ଡିଏଫ୍‌ସି ଟପ୍୧୦୦ ଫଣ୍ଡର ସମ୍ପତ୍ତି ସୃଷ୍ଟି ଯାତ୍ରା ମଧ ଆମର ଦୃଢ଼ ଗବେଷଣା ଏବଂ ନିବେଶ ପ୍ରକ୍ରିୟାର ଏକ ଉଜ୍ଜ୍ୱଳ ଉଦାହରଣ ହୋଇଥିବାବେଳେ ବର୍ଷ ବର୍ଷ ଧରି ଏକାଧିକ ବଜାର ଚକ୍ରକୁ ସାମ୍ନା କରିବାରେ ଏହି ପାଣ୍ଠିକୁ ସାହାଯ୍ୟ କରିଛି।


# Classified Everyday 0674-2580101, 2549949


MATRIMONIAL

## BRIDE WANTED

Brahmin Divorcee, 1967/ Doctor, well settled Bhubaneswar (caste no bar) "VAISNABI". 0674-2551286, 7008967858. D-71072

## GROOM WANTED

Wanted a fair complexioned Ht-5'2", below 36 years of age bride for a DIV Defence Officer. Mob-8480210256. D-71581

ବୟସ 28, କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳା ଘରୋଇ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077016578. D-75323

61 ବୟସ୍କା Retd. ହୋଇଥିବା କରଣ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077871702. D-081


REAL ESTATE

## SALE

Book 3/4BHK premium flat at Saubhagya Nagar, OUAT Square near Khimji & Narula Sweets. Flooring work going on, handover Aug-24. Contact- 9439716901. D-75529

**Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721.** D-063

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price, call-9439856856, 7008982279, 6371097442, 9040116788.** D-082

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Plot for sale near Trisulia, CISF Campus CDA, RERA Approved (RP/07/2023/01069) Price-1000/-. Contact- 7008513309.** D-075

ଫୁଲନଖରାଠାରେ **New Sum Hospital** ଠାରୁ ଅଳ୍ପ ଦୂରତାରେ **Petal International School**କୁ ଲାଗି ଘରବାରି ପ୍ଲଟ୍ **finance**ରେ ମିଳୁଅଛି। **sqft.-950/-. Contact- 9937161494.** D-039

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

**Flat for sale-** ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର **@14.99 lakh**ରେ। Mob- 8249177191, 8249079730. D-031

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.-1560/-. 9439049194, 7978551614. D-67131

Duplex sale at Bhubaneswar @ 57 lakhs only. Contact- 9777433701. D-75945

**3BHK flat (BDA approved) sale at Bhubaneswar near Dhauli Chhak. Airport, Railway Station and Kalpana are 10 minute away. Installment and Bank Finance available. For details: 9438109040/ 8144658008.** D-071

Buy or sale Property-8984071303. Residential Land at Balianta 1acre, Janla 2acre, Nakhara 1acre, Baranga 4acre, Plotting Nakhara-700, Chandaka-950, Janla-1050, Patrapada-2250, Jharpada-3990. D-070




**Body massage by experience good looking therapist @ 999/- (Bhubaneswar). 9078484455.** D-077

Newly open Jyoti Spa positively health benefits (Expert Therapist). 8458067955. D-76111

Newly opend central SPA full-body massage. Trend therapist. 8456885600. D-75729


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-083

## EDUCATION

Medical exam Registration (Only Practitioners)- BAMS, BHMS, BUMS, D.Pharma, GNM.9893869473. D-061

## LOST

I Saumya Shree Sethi, D/o- Sarat Chandra Sethi, R/o- Ashok Nagar, Balugaon, Khordha, PIN-752030 have Lost my original M.Tech (ECE) Certificate. Done by BPUT, Rourkela, Odisha. D-084

Mouza- Ankula, Khata No.-317, Plot No.- 952, Area- Ac0.030Dec. Rama Chandra Pradhanଙ୍କ ନାମରେ ଥିବା ଦଲିଲଟି ହଜି ଯାଇଅଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲଟି ପାଇଥାନ୍ତି, ଦୟାକରି ନିମ୍ନ ଫୋନ ନମ୍ବରରେ ଜଣାଇବେ। Samaya Chakra Pradhan, Mob No.-9861070209. D-076

## AFFIDAVIT

I am Mr. Pramod Kumar Barik change my surname "Barik" to "Samal", i.e. "PRAMOD KUMAR BARIK" to "PRAMOD KUMAR SAMAL". PRAMOD KUMAR BARIK and PRAMOD KUMAR SAMAL is same person. D-078

ମୁଁ ରଶ୍ମିତା ଦାଶ, ସ୍ୱାମୀ- ପ୍ରଫୁଲ ଚନ୍ଦ୍ର ପଣ୍ଡା, ପ୍ଲଟ୍ ନଂ.-୧୯୪୮, ଡୁମୁଡୁମା, ଥାନା- ଖଣ୍ଡଗିରି, ଭୁବନେଶ୍ୱର ଜଣାଉଅଛି ଯେ, ମୋର କିଛି ସରକାରୀ କାଗଜପତ୍ର ପାଇଁ ଆବଶ୍ୟକତା ଦୃଷ୍ଟିରୁ ମୁଁ ରଶ୍ମିତା ପଣ୍ଡା କରୁଅଛି। ଏହା ମୋତେ ଆଗାମୀ ଦିନରେ କାର୍ଯ୍ୟସାଧନ ଦିଗରେ ସହାୟକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ। ଧ-୦୮୫

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧- ଇଣ୍ଡିଆନ୍ ଏୟାରଫୋର୍ସ ଦ୍ୱାରା ନିକଟରେ ......... ଠାରେ ଗଗନ ଶକ୍ତି ୨୦୨୪ ଏକ୍ସରସାଇଜ୍ ଆୟୋଜିତ ହୋଇଯାଇଛି ?
୨- ନିକଟରେ ............. ଙ୍କୁ ଇଣ୍ଟରନ୍ୟାଶନାଲ୍ କଲ୍‌ଚର୍ ଆୱାର୍ଡ ୨୦୨୪ ମିଳିଛି ।
୩- ବର୍ଷାନା ବାୟୋଗ୍ୟାସ୍ ପ୍ରୋଜେକ୍ଟ ............ ରାଜ୍ୟରେ ଅବସ୍ଥିତ ?
୪- ଜାଭିଅର୍ ମିଲେଇ ............ ଦେଶର ରାଷ୍ଟ୍ରପତି ?
୫- ଜନ୍ମବେଳେ ମଣିଷ ଶରୀରରେ ...........ଖଣ୍ଡ ଅସ୍ଥି ଥାଏ ?

## ଗତ ଥରର ଉତ୍ତର

୧ ମୀରାବାଈ ଚାନୁ
୨ କାଲିଷ୍ଟୋ
୩ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ
୪ ଏମ୍ପାୱାରିଂ ଅଟିଷ୍ଟିକ୍ ଭଏସେସ୍
୫ ତାମିଲନାଡୁ

## ଉତ୍ତରଦାତା


ରଶ୍ମିରେଖା ପଣ୍ଡା, ବାଲେଶ୍ୱର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ଜାତୀୟ ଉଦ୍ୟାନ

୧. ପାପାହାନାଉମୋକୁଆକି ମରାଇନ୍ ନ୍ୟାଶନାଲ୍ ମନୁମେଣ୍ଟ ........ ହାୱାଇ, ଆମେରିକା
୨. ନର୍ଥ ଇଷ୍ଟ ଗ୍ରୀନ୍‌ଲାଣ୍ଡ ନ୍ୟାଶନାଲ୍ ପାର୍କ.............................. ଗ୍ରୀନ୍‌ଲାଣ୍ଡ
୩. ଦି କାଭାଙ୍ଗୋ ଭାମ୍ବେଜି ଟ୍ରାନ୍ସଫ୍ରଣ୍ଟିଅର୍ କଞ୍ଜରଭେଶନ୍ ଏରିଆ.... ଭାମ୍ବିଆ
୪. ଫୋଏନିକ୍ସ ଆଇସ୍‌ଲାଣ୍ଡ ପ୍ରୋଟେକ୍ଟେଡ୍ ଏରିଆ.................. ରିପବ୍ଲିକ୍ ଅଫ୍ କିରିବାଟି
୫. ଗ୍ରେଟ୍ ବ୍ୟାରିଅର୍ ରିଫ୍ ମରାଇନ୍ ପାର୍କ......................... ଅଷ୍ଟ୍ରେଲିଆ
୬. ଗାଲାପାଗୋସ୍ ମରାଇନ୍ ରିଜର୍ଭ................................ ଇକ୍ୱେଡର୍
୭. ଦି ଗ୍ରେଟ୍ ଲିମ୍ପୋପୋ ଟ୍ରାନ୍ସଫ୍ରଣ୍ଟିଅର୍ ପାର୍କ........................ ସାଉଥ୍ ଆଫ୍ରିକା
୮. ଆର୍କ୍ଟିକ୍ ନ୍ୟାଶନାଲ୍ ୱାଇଲ୍ଡଲାଇଫ୍ ରେଫ୍ୟୁଜ୍.......... ଆଲାସ୍କା, ଆମେରିକା
୯. ୟୁକୋନ୍ ଡେଲ୍ଟା ନ୍ୟାଶନାଲ୍ ୱାଇଲ୍ଡଲାଇଫ୍ ରେଫ୍ୟୁଜ୍ .......... କାନାଡ଼ା
୧୦. କ୍ୱିନ୍ ମଡ୍ ଗଲ୍ଫ ମାଇଗ୍ରେଟୋରୀ ବାର୍ଡ ସାଞ୍ଚୁରୀ................. କାନାଡ଼ା

ୟୁଥ୍ ଆଲର୍ଟ

# ଦୂରାନ୍ତୁ ନିଦ୍ରାହୀନତା

**ମଣିଷ ସୁସ୍ଥ ରହିବା ଲାଗି ଠିକ୍ ଭାବେ ଖାଦ୍ୟପେୟ ଗ୍ରହଣ କରିବା ସହ ଆବଶ୍ୟକ ମାତ୍ରାରେ ଶୋଇବା ବି ଗୁରୁତ୍ୱପୂର୍ଣ୍ଣ। ହେଲେ ବର୍ତ୍ତମାନ ଅନେକ ଯୁବପିଢି ନିଦ୍ରାହୀନତା ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏଭଳି ସମସ୍ୟା ଦୂରେଇବା ଲାଗି କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...**

⏭ଅବ୍ୟବସ୍ଥିତ ଜୀବନଶୈଳୀ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ନିଦ୍ରାହୀନତାର ଏକ ମୁଖ୍ୟ କାରଣ। ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ମୋବାଇଲ୍ ବ୍ୟବହାର କରିବା, ବହି ପଢ଼ିବା ଆଦି ଅଭ୍ୟାସ ଥିଲେ ବଦଳାନ୍ତୁ। ଶରୀରକୁ ଫିଟ୍ ରଖିବାକୁ ହେଲେ ପ୍ରତିଦିନ ଶୋଇବା ଲାଗି ଅତିକମ୍‌ରେ ୬ ରୁ ୭ ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ। ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଇଲେ ଆପଣଙ୍କ ସମସ୍ୟାରୁ ଉପଶମ ମିଳିପାରିବ।

⏭ପାଠପଢ଼ା, ଜବ୍ ହେଉ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। କାରଣ ମାନସିକ ଚାପ ଅବା ଅବସାଦ ନିଦ୍ରାହୀନତାର ଆଉ ଏକ ବଡ କାରଣ। ମନ ହାଲୁକା ରହିଲେ ହିଁ ଭଲ ନିଦ ହେବ। ମନେରଖନ୍ତୁ, ଏସବୁ ସତ୍ତ୍ୱେ ସମସ୍ୟା ନ ସୁଧୁରିଲେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

⏭ଏବର ଯୁବପିଢ଼ି ତେଲ ମସଲାଯୁକ୍ତ ଖାଦ୍ୟ ଏବଂ ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍ ଆଦି ଅଧିକ ଖାଉଛନ୍ତି, ଯାହା ନିଦ୍ରାହୀନତାର ଅନ୍ୟତମ କାରଣ। ତେଣୁ ଏଭଳି ଖାଦ୍ୟ ବଦଳରେ ସୁଷମ ଖାଦ୍ୟ ଖାଆନ୍ତୁ। ବିଶେଷକରି ଖାଦ୍ୟ ତାଲିକାରେ ଭିଟାମିନ୍ ବି-୧୨ ଯୁକ୍ତ ଖାଦ୍ୟକୁ ସାମିଲ କଲେ ମଲାଟୋନିନ୍ ହର୍‌ମୋନ୍‌ର କ୍ଷରଣକୁ ବୃଦ୍ଧି ହେବା ସହ ନିଦ୍ରାହୀନତା ଦୂର ହେବ।

⏭ରାତିରେ ଅଧିକ ଚା କିମ୍ବା କଫି ପିଇଲେ ବି ନିଦ୍ରାହୀନତା ଦେଖାଦିଏ। ତେଣୁ ଏହି ଅଭ୍ୟାସରୁ ଦୂରେଇ ରହନ୍ତୁ।

⏭ନିଶାଦ୍ରବ୍ୟ ସେବନ ଶରୀର ଲାଗି ଆଦୌ ହିତକର ନୁହେଁ। ଏହା ବିଭିନ୍ନ ରୋଗ ସୃଷ୍ଟି କରିବା ସହିତ ନିଦ୍ରାହୀନତାର ମଧ ମୁଖ୍ୟ କାରଣ। ତେଣୁ ଏହାଠାରୁ ନିଜକୁ ଦୂରେଇ ରଖନ୍ତୁ।

⏭ପ୍ରତିଦିନ କିଛି ସମୟ ଯୋଗ, ଆସନ, ପ୍ରାଣାୟମ, ବ୍ୟାୟାମ ଆଦିର ଅଭ୍ୟାସ ରଖନ୍ତୁ। ଏହା ଶରୀରକୁ ଫିଟ୍ ରଖିବା ସହ ସୁଖନିଦ କରିବାରେ ସାହାଯ୍ୟ କରିବ।

⏭କିଛି ସମୟ ରିଲାକ୍ସିଙ୍ଗ୍ ମ୍ୟୁଜିକ୍ ଶୁଣନ୍ତୁ । ଏହା ବି ମନକୁ ଚାପମୁକ୍ତ କରିବା ସହ ଭଲ ନିଦ ହେବାରେ ସାହାଯ୍ୟ କରିବ।



**ଆଜି ହେଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି। ଏହାକୁ ଆମେ ପାଳନ କରିଥାଉ ଓଡ଼ିଆ ନବବର୍ଷ ଭାବେ। ଏହିଦିନ ମନ୍ଦିରଠୁ ଆରମ୍ଭ କରି ଘରେ ଘରେ ପ୍ରସ୍ତୁତ ହୁଏ ସ୍ୱାଦିଷ୍ଟ ବେଲପଣା। କେବେ କେବେ ଏଥିରେ ବି ମିଶାଯାଏ ଭାଙ୍ଗ। ଆଉ ଏହାକୁ ଅଜାଣତରେ ପିଇବା ପରେ ଏମିତି କିଛି ଘଟେ ଯାହାକି ଥାଏ ସମ୍ପୂର୍ଣ୍ଣ କଳ୍ପନା ବାହାରେ...**

# ପଣାନିଶାରେ...



### ନିଜ ଉପରେ ହରାଇଥିଲି ନିୟନ୍ତ୍ରଣ

**ସୁଶାନ୍ତ ମୋହନ ପଟ୍ଟନାୟକ** (ଖୋର୍ଦ୍ଧା)- ପଣା ସଂକ୍ରାନ୍ତି ଆସିଲେ ପୁରୁଣା କଥା ମନେପଡ଼ିଯାଏ। କିଛି ବର୍ଷ ତଳେ ଏହିଦିନ ସାଙ୍ଗସାଥୀଙ୍କ ସହ ପୁରୀ ଯାଇଥିଲି। ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ବଡ଼ଦାଣ୍ଡରେ ଏକ ଲସି ଦୋକାନରେ ସ୍ପେଶାଲ ଛେନାପଣା ପିଇଲୁ। ହେଲେ ସାଙ୍ଗମାନେ କେତେବେଳେ ସେଥିରେ ଭାଙ୍ଗବଟା ମିଶାଇ ଦେଇଥିଲେ ମୋତେ ଆଦୌ ଜଣାନାହିଁ। ପ୍ରଥମେ କିଛି ଜାଣିପାରି ନ ଥିଲି। ପରବର୍ତ୍ତୀ ସମୟରେ ଧୀରେ ଧୀରେ ଏହାର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା। ରାସ୍ତାଘାଟ ଘୂରିବା ଭଳି ଲାଗିଲା, ମୁଣ୍ଡ ଭାରି ଭାରି ଲାଗିବା ସହ ବାରମ୍ବାର ପଡ଼ିବା ଭୟରେ ସାଙ୍ଗମାନଙ୍କ ହାତ ଧରି ଚାଲିବାକୁ ପଡ଼ିଲା। ମୁଁ ପ୍ରାୟ ୨ଘଣ୍ଟା ପର୍ଯ୍ୟନ୍ତ ଅନିୟନ୍ତ୍ରିତ ହୋଇପଡ଼ିଥିଲି। ସ୍ଥିତି ସ୍ୱାଭାବିକ ହେବା ପରେ ଜାଣିଲି ସେମାନେ ମୋତେ ପଣାରେ ଭାଙ୍ଗ ଦେଇଥିଲେ। ତା'ପରଠାରୁ ସେମାନଙ୍କ ସହ ଯେଉଁଆଡ଼େ ବୁଲିଗଲେ ବି ଆଉ କୌଣସି ପ୍ରକାର ପଣା ପିଏ ନାହିଁ। ଏବେବି କିଏ ଛେନାପଣା ଦେଲେ ଭାଙ୍ଗ ଡରରେ ଆଗେ ଭଲ ଭାବେ ଯାଞ୍ଚ କରିବା ପରେ ପିଇଥାଏ। ସେହିଦିନ ମୁଁ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଥିଲି କେବେ ଭୁଲିବି ନାହିଁ। ଏବେବି ପଣା ସଂକ୍ରାନ୍ତିରେ ବାହାରେ କୌଣସି ପ୍ରକାର ଲସି, ପଣା ଆଦୌ ପିଏ ନାହିଁ।


ସୁଶାନ୍ତ

### ନିଶାରେ ଘର ରାସ୍ତା ଭୁଲିଗଲି

**ଗୌରୀଶଙ୍କର ଶତପଥୀ** (ଭୁବନେଶ୍ୱର)- ଦୁଇବର୍ଷ ତଳର କଥା। ସେତେବେଳେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତଙ୍କ ପାଖରେ କାମ କରୁଥାଏ। ସାର୍ କହିଲେ, ଡ୍ରାଇଭରକୁ ଡାକ ଜଗତ୍‌ସିଂହପୁର ଯିବା। ସକାଳ ୧୦ଟାବେଳେ ଆମେ ବାହାରି ପଡ଼ିଲୁ। ସେଦିନ ଥିଲା ପଣା ସଂକ୍ରାନ୍ତି। ସାର୍‌ଙ୍କୁ ତାଙ୍କ କାର୍ଯ୍ୟସ୍ଥଳୀରେ ଛାଡ଼ି ନିକଟରେ ଥିବା ଏକ ହନୁମାନ ମନ୍ଦିରକୁ ଗଲି। ସେଠାରେ ପଣା ବଣ୍ଟାଯାଉଥିଲା। ଗୋଟିଏ ଗ୍ଲାସ୍ ପିଇବା ପରେ ଏତେ ଭଲ ଲାଗିଲା ସେମାନେ ଆଉ ଏକ ଗ୍ଲାସ୍ ବଢ଼ାଇବାରୁ ମନା ନ କରି ଖୁସିରେ ପିଇଦେଲି। କିଛି ସମୟ ପରେ ସାର୍‌ଙ୍କ କାମ ସରିଲା ଏବଂ ଆମେ ଫେରିଲୁ। କେତେବେଳେ ଭୁବନେଶ୍ୱରରେ ପହଞ୍ଚିଲୁ ଏବଂ ସାର୍‌ଙ୍କୁ ଫରେଷ୍ଟପାର୍କ କ୍ୱାର୍ଟର୍ସରେ ଛାଡ଼ି ନିଜ ବାଇକ୍ ନେଇ ଘରକୁ ବାହାରିଲି ଜାଣିନି । ବାଟରେ ମାଉସୀମା' ମନ୍ଦିର ନିକଟରେ କେତେଜଣ ସାଙ୍ଗ ଭେଟ ହେଲେ। ସେମାନଙ୍କ ସହ କିଛି ସମୟ କଥା ହେଲି। ତା'ପରେ ମୋର ଆଉ କିଛି ମନେନାହିଁ। ସକାଳୁ ଉଠି ଦେଖେତ ମୁଁ କ୍ୱାର୍ଟର୍ସରେ ଶୋଇଛି। କେତେବେଳେ ଗାଡ଼ି ବୁଲାଇ ଘରକୁ ନ ଯାଇ ଏଠାକୁ ଫେରିଛି ଜାଣିପାରିନି। ପରେ ସାଙ୍ଗମାନଙ୍କ ସହ ବି ନିଶାରେ ଏଣୁତେଣୁ କ'ଣ ସବୁ ଗପିଛି ଶୁଣି ଖୁବ୍ ହସ ଲାଗିଲା। ସେଦିନର କଥା ପଣା ସଂକ୍ରାନ୍ତି ଆସଲେ ମନେପଡ଼ିଯାଏ।


ସରସ୍ୱତୀ

### ଲୋଭ ସମ୍ଭାଳି ନ ପାରି ପିଇଲି ପଣା

**ଗୋପାଳ କୃଷ୍ଣ ଦାସ** (ଖୋର୍ଦ୍ଧା)- ସେ ଦିନ କଥା ମନେପଡ଼ିଲେ ଆଜି ବି ବହୁତ ହସ ଲାଗେ। ପଣା ସଂକ୍ରାନ୍ତିରେ ଭାଙ୍ଗମିଶା ପଣା ଖାଇବା ମୋତେ ମହଙ୍ଗା ପଡ଼ିଥିଲା। ଘଟଣା ଥିଲା ଏମିତି। ପଣା ସଂକ୍ରାନ୍ତି ଦିନ ମହାବୀରଙ୍କ ଦର୍ଶନ ସାରି ଦୋକାନରେ ବସିଥାଏ। ସମୟ ପ୍ରାୟ ୧୦ଟା ହେବ। ପ୍ରଚଣ୍ଡ ଖରା ହେଉଥାଏ, ଏଣେ ଜୋରରେ ଭୋକ ବି ଲାଗୁଥାଏ। ହଠାତ୍ ଜଣେ ବନ୍ଧୁ ଆସି ଛେନା, ବେଲ ଓ ବିଭିନ୍ନ ଫଳରେ ପ୍ରସ୍ତୁତ ଥଣ୍ଡା ପଣା ଗ୍ଲାସ ହାତକୁ ବଢ଼ାଇଦେଲେ। ଏତେ ସୁନ୍ଦର ବାସ୍ନା ହେଉଥିଲା ଯେ, ଲୋଭ ସମ୍ଭାଳି ନ ପାରି ପିଇଦେଲି। ସେତେବେଳକୁ ଆଗପଛ ବିଚାର କରିବା ବିଷୟରେ ଚିନ୍ତା ବି କରି ନ ଥିଲି। ପଣାରେ ଯେ ଭାଙ୍ଗ ମିଶିଥିବ ସେ କଥା ମୋର ଆଦୌ ଧାରଣା ନ ଥିଲା। ପରେ ବନ୍ଧୁ ଜଣକ କାନରେ ଧୀରେ ଧୀରେ କହିଗଲେ, ଆରେ ପଣାରେ ଟିକିଏ ଭାଙ୍ଗ ମିଶିଥିଲା। ଟେନ୍‌ସନ ହେବୁନୁ। ମୋର ସେହି ସମୟରେ ହୋସ୍ ଉଡ଼ିଗଲା। ଆଗରୁ ଶୁଣିଥିଲି, ଜଲ୍‌ଦି ନିଶା ଧରେ। ମୁଁ ପୂରା ଡରି ଯାଇଥିଲି। ପରବର୍ତ୍ତୀ କଥା ନ କହିଲେ ଭଲ। ମୋର ଅଜବ କାର୍ଯ୍ୟକଳାପ ଦେଖି ସମସ୍ତେ ହସିଥିଲେ। ସେ ଦିନ ଯାହା ଅସୁବିଧା ହୋଇଥିଲା ଯେପରି ଆଉ କେବେ ସେମିତି ହଟହଟା ନ ହୁଏ, ସେଥିପାଇଁ ପଣା ସଂକ୍ରାନ୍ତିରେ ମନ୍ଦିର କି ବାହାରେ କେହି ବି ପଣା ଦେଲେ ଯାଞ୍ଚ ନ କରି ପିଏନାହିଁ।


ଗୋପାଳ

### ରାତିସାରା ବସିଥିଲୁ ବାହାରେ

**କୃଷ୍ଣଚନ୍ଦ୍ର ସାମଲ** (ପୁରୀ)- କଲେଜରେ ପଢ଼ିବା ସମୟର କଥା। କୌଣସି ପର୍ବପର୍ବାଣି ହେଲେ କେତେଜଣ ସାଙ୍ଗମିଶି ଭୋଜିଭାତ କରି ଖାଇବାର ମଜା ଥିଲା ନିଆରା। ସେଦିନ ଥିଲା ପଣା ସଂକ୍ରାନ୍ତି। ଆଉ ଦିନରେ ମନ୍ଦିର ଯିବା ପରେ ସଂଧ୍ୟାରେ ସାଙ୍ଗମାନେ ମିଶି ରୋଷେଇ କରି ଏକାଠି ଖାଇଲୁ। ଏହା ପରେ ଚାଲିଥିଲା ପଣା ସ୍ପେଶାଲ ପଣା ପ୍ରସ୍ତୁତି। ଜଣେ ସାଙ୍ଗ ସେଥିରେ ଭାଙ୍ଗ ମିଶାଇଦେଲା। ଯେହେତୁ ଆମେ କେହି ପୂର୍ବରୁ ଭାଙ୍ଗ ପିଇ ନ ଥିଲୁ, ସମସ୍ତଙ୍କ ପାଇଁ ଏହି ଅନୁଭବ ଥିଲା ସମ୍ପୂର୍ଣ୍ଣ ନୂଆ। ଖାଇବା ପିଇବା ସାରି ସମସ୍ତେ ଏକାଠି ବସି ତାସ୍‌ଖେଳରେ ମସ୍‌ଗୁଲ୍ ହୋଇଗଲୁ। ହେଲେ ଯେତେବେଳେ ନିଶା ଚଢ଼ିଲା, କାହା ପରେ କିଏ ତାସ୍ ପକାଇବ ଆଉ ଜଣା ପଡୁ ନ ଥିଲା। ଟିକେ ଟିକେ କଥାରେ ଖାଲି ହସୁଥିଲୁ। କାହାର ଯେପରି କୌଣସି ଚିନ୍ତା ନ ଥିଲା। ଏହି ନିଶାରେ କିଏ କ'ଣ ଗପୁଥିଲେ ଜାଣିପାରୁ ନ ଥିଲେ। ଖେଳ ବନ୍ଦ କରି ତାସ୍‌ମୁଠାକୁ ଏକାଠି ରଖିବା ବି ଆମପକ୍ଷେ କଷ୍ଟକର ହୋଇ ପଡ଼ିଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା, ଗପରେ ଗପରେ କେତେବେଳେ ବାହାରେ ସମୟ ଚାଲିଗଲା ଜଣାପଡ଼ିଲା ନାହିଁ। ନିଶା ଖସିବା ପରେ ଆମେ ସବୁ ରାତିସାରା ସେହି ମନ୍ଦିର ପାଖେ ବସି ରହିଥିଲୁ ଦେଖି ଖୁବ୍ ହସ ଲାଗିଥିଲା। ସେଦିନର ସେ ଅନୁଭୂତି ଥିଲା ସମ୍ପୂର୍ଣ୍ଣ ନିଆରା।


କୃଷ୍ଣଚନ୍ଦ୍ର

### ହଠାତ୍ ବୁଲାଇଥିଲା ମୁଣ୍ଡ

**ସରସ୍ୱତୀ ସାମନ୍ତରାୟ** (ଖୋର୍ଦ୍ଧା)- ଗାଁ ପାଖରେ ଜରିପୁଟ ଗାଁ ପାହାଡ଼ ଉପରେ ରହିଛି ହନୁମାନ ମନ୍ଦିର। ସେଠାରେ ପଣା ସଂକ୍ରାନ୍ତି ବେଶ୍ ଜାକଜମକରେ ପାଳନ ହୁଏ। ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୁଏ। ଶତାଧିକ ଭକ୍ତଙ୍କ ପାଇଁ ପଣା ବ୍ୟବସ୍ଥା ହୋଇଥାଏ। ଗତବର୍ଷ ସେଠାକୁ ସାଙ୍ଗମାନଙ୍କ ସହ ଦର୍ଶନ ପାଇଁ ଯାଇଥିଲି। ମନ୍ଦିର ଦର୍ଶନ ପରେ ଆମେ ସମସ୍ତେ ପଣା ପିଇଲୁ। ସେଠାରେ ଏକ ଗାଈ ଅଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଯିଏ ବି ତା ନାଁ ଧରି ଡାକେ, ସେ ବହୁଦିନରୁ ଚିହ୍ନିଲା ପରି ତା' ପାଖକୁ ଧାଇଁଯାଏ। ସେହି ଗାଈକୁ ଡାକିବାରୁ ସେ ମୋ ପାଖକୁ ଧାଇଁ ଆସିଲା। ହେଲେ ହଠାତ୍ ମୋ ମୁଣ୍ଡ ବୁଲାଇଦେଲା ଏବଂ ସବୁ କିଛି ବଡ଼ ଦେଖାଦେଲା। ମୁଁ ଥକାମାରି ତଳେ ବସିଗଲି ଏବଂ ତା'ପରେ କିଛି ସମୟ ପର୍ଯ୍ୟନ୍ତ କିଛି ଜାଣି ପାରି ନ ଥିଲି। ସାଙ୍ଗମାନେ ମୋ ମୁହଁରେ ପାଣି ମାରିବାର କିଛି ସମୟ ପରେ ଭଲ ଲାଗିଲା। ସେହି ଗାଈଟି ବି ମୋ ମୁଣ୍ଡକୁ ମୁହଁ ଲଗାଇ ଆଉଁଶୁଥିବା କଥା ଶୁଣି ବହୁତ ଖୁସି ଲାଗିଲା। ମୋ ସ୍ୱାସ୍ଥ୍ୟ ହଠାତ୍ ଖରାପ ହେବା ପାଇଁ ପଣାରେ ମିଶିଥିବା ଭାଙ୍ଗ ଦାୟୀ ବୋଲି ସମସ୍ତେ କହୁଥିଲେ। ହେଲେ ଖରା ପାଇଁ ଏମିତି ହେଲା ନା ସତରେ ଭାଙ୍ଗ ମିଶିଥିଲା ଏବେବି ମୁଁ ସନ୍ଦେହରେ।


ଗୌରୀଶଙ୍କର





ଜାଣନ୍ତୁ ଦୁନିଆ

# ଆମ ଦେଶରେ...

**ଆମ ଦେଶ କେତେକ ବିଶେଷତ୍ୱକୁ ନେଇ ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଜାଣିବା ଏ ସମ୍ପର୍କରେ...**

- ଭାରତରେ ପୃଥିବୀର ସର୍ବାଧିକ ନିରାମିଷାଶୀ ବାସ କରନ୍ତି।
- ସର୍ବାଧିକ ଡ୍ରାଏ ବିନ୍, ଚା, କ୍ଷୀର ଏବଂ କଦଳୀ ଉତ୍ପାଦନରେ ଆମ ଦେଶ ପୃଥିବୀରେ ଅଗ୍ରଣୀ ଥିବା ବେଳେ ରବର ଉତ୍ପାଦନରେ ୪ର୍ଥ ସ୍ଥାନରେ ରହିଛି। ତେବେ ଏଠାରେ ଉତ୍ପାଦନ ହେଉଥିବା ସମସ୍ତ ରବରରୁ ୯୧% କେବଳ କେରଳରୁ ଆସିଥାଏ।
- ପୃଥିବୀର ପ୍ରଥମ ଆୟୁର୍ବେଦିକ ରିସୋର୍ଟ 'ସୋମାଥିରାମ୍' କେରଳର କୋଭାଲାମ୍ ବେଳାଭୂମିରେ ପ୍ରତିଷ୍ଠା କରାଯାଇଛି।



- ପୃଥିବୀର ସବୁଠୁ ବଡ଼ ବଡ଼ ରୋଷେଇ ଘର ରହିଛି ଆମ ଦେଶରେ।
- ଶ୍ୟାମ୍ପୁ ପ୍ରଥମେ ଭାରତରେ ପ୍ରସ୍ତୁତ କରାଯାଇଥିଲା। ଏହି ଶ୍ୟାମ୍ପୁ ଶବ୍ଦ ସଂସ୍କୃତ ଶବ୍ଦ ଚମ୍ପୁରୁ ଉଦ୍ଧୃତ, ଯାହାର ଅର୍ଥ ମସାଜ୍ ବା ମାଲିସ୍ କରିବା।
- ହୀରା ଖଣି ପ୍ରଥମେ ଭାରତରେ ମିଳିଥିଲା।
- ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ବାର୍ଷିକ ସର୍ବାଧିକ ସଂଖ୍ୟକ ରେକର୍ଡ କରିବାରେ ଆମ ଦେଶ ପୃଥିବୀର ତୃତୀୟ ସ୍ଥାନରେ ରହିଛି।
- ପୃଥିବୀର ଟାଇଗର କ୍ୟାପିଟାଲ୍ ଭାରତକୁ କୁହାଯାଏ। କାରଣ ପୃଥିବୀରେ ଥିବା ସମଗ୍ର ବାଘ (ଗ୍ଲୋବାଲ୍ ଟାଇଗର ପପୁଲେଶନ୍) ମଧ୍ୟରୁ ପ୍ରାୟ ୭୫% କେବଳ ଆମ ଦେଶରେ ହିଁ ରହିଛନ୍ତି।
- ଲୁଡୋ ଖେଳିବା ଅନେକଙ୍କୁ ଖୁବ୍ ଭଲ ଲାଗେ। ତେବେ ଜାଣନ୍ତିକି, ସାପ-ଶିଡ଼ି ଖେଳ ସର୍ବପ୍ରଥମେ ଆମ ଦେଶରେ ଆରମ୍ଭ କରାଯାଇଥିଲା।
- ଅନ୍ୟ ଦେଶମାନଙ୍କ ମଧ୍ୟରେ ବର୍ଷକୁ ଅଧିକ ଫିଲ୍ମ ନିର୍ମାଣ କରିବାରେ ଭାରତ ସବୁଠୁ ଆଗରେ ରହିଛି।



# ରୟାଲ୍ସ ବୋଲର ପ୍ରଭାବୀ

**ଚଣ୍ଡୀଗଡ,୧୩।୪**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସର ବୋଲର ପ୍ରଭାବୀ ବୋଲିଂ କରିଛନ୍ତି। କେଶବ ମହାରାଜ ଓ ଆଭେଶ ଖାନ୍ ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ପଞ୍ଜାବ ୮ ଉଇକେଟରେ ୧୪୭ ରନ୍ କରିଛି। ଜବାବରେ ଖବର ପ୍ରସ୍ତୁତ ହେବା ସୁଦ୍ଧା ରାଜସ୍ଥାନ ୪ ଓଭରରେ ବିନା କ୍ଷତିରେ ୨୯ ରନ୍ କରିଛି। ଶନିବାର ଉଭୟ ଦଳ ଏକାଧିକ ପରିବର୍ତ୍ତନ ସହ ଓହ୍ଲାଇଥିଲେ। ଆହତ କାରଣରୁ ଶିଖର ଧାୱନ ଓ ରବିଚନ୍ଦ୍ରନ ଅଶ୍ୱିନ ଖେଳି ନ ଥିବା ବେଳେ ଜୟସ୍ୱାଲଙ୍କୁ ଇମ୍ପାକ୍ଟ ପ୍ଲେୟର ଭାବେ ସାମିଲ କରିଥିଲା ରାଜସ୍ଥାନ।

ମୁଲାନପୁରରେ ଖେଳା ଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିଲା। ଧୀମା ପିଚ୍‌ରେ ରୟାଲ୍ସ ସ୍ପିନର ମାନେ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। କେଶବ ମହାରାଜ ୨ ଉଇକେଟ ନେଇଥିବା ବେଳେ ପଞ୍ଜାବ ୫୨ ରନ୍‌ରେ ୪ ଉଇକେଟ ହରାଇଥିଲା। ଅଥର୍ବ ତାଇଡେ ୧୫ ଓ ଜନି ବେୟାରଷ୍ଟୋ ୧୫ ରନ୍ ଲେଖାଏ କରିଥିଲେ। ମଧ୍ୟକ୍ରମରେ ପ୍ରଭସିମରନ୍ ସିଂ ୧୦, ଷ୍ଟାଣ୍ଡଇନ୍ କ୍ୟାପଟେନ୍ ସାମ କୁରାନ୍ ୬ ଓ ଶଶାଙ୍କ ସିଂ ମାତ୍ର ୯ ରନ୍ କରି ପାରିଥିଲେ। କ୍ରମାଗତ ୨ ଓଭରରେ ବେୟାରଷ୍ଟୋ ଓ କୁରାନଙ୍କୁ ଆଉଟ କରିଥିଲେ କେଶବ ମହାରାଜ। ଜୀତେଶ ଶର୍ମା ୨୯ ଓ ଲିଆମ୍ ଲିଭିଙ୍ଗଷ୍ଟୋନ ୨୧ ରନ୍ କରିଥିଲେ। ଲିଭିଙ୍ଗଷ୍ଟୋନ ୧୪ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିଥିଲେ। ଜୀତେଶ ୨୪ ବଲ୍ ଖେଳିଥିବା ବେଳେ ଗୋଟିଏ ଚୌକା ଓ ୨ ଛକା ମାରିଥିଲେ। ଶେଷ ଭାଗରେ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ଆସିଥିବା ଆଶୁତୋଷ ଶର୍ମା ୧୬ ବଲରୁ ୩୧ ରନ କରିଥିଲେ। ଆଶୁତୋଷଙ୍କ ଇନିଂସରେ ୧ ଚୌକା ଓ ୩ ଛକା ସାମିଲ ଥିଲା। ରାଜସ୍ଥାନ ପକ୍ଷରୁ କେଶବ ମହାରାଜ ଓ ଆଭେଶ ଖାନ୍ ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ଟ୍ରେଣ୍ଟ ବୋଲ୍ଟ, କୁଲଦୀପ ସେନ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୪୭/୮(ଆଶୁତୋଷ ଶର୍ମା–୩୧, ଜୀତେଶ ଶର୍ମା–୨୯, ଲିଆମ୍ ଲିଭିଙ୍ଗଷ୍ଟୋନ–୨୧, କେଶବ ମହାରାଜ–୨/୨୩, ଆଭେଶ ଖାନ୍–୨/୩୪, ଟ୍ରେଣ୍ଟ ବୋଲ୍ଟ–୧/୨୨)।



କେଶବ ମହାରାଜ (ଡାହାଣ)ଙ୍କୁ ୟୁଜବେନ୍ଦ୍ର ଚହଲ ଅଭିନନ୍ଦନ ଜଣାଉଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ଲକ୍ଷ୍ନୌ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩.୩୦

**ମୁମ୍ବାଇ ବନାମ ଚେନ୍ନାଇ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୮ | +୦.୮୭୧ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୪୩୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | –୦.୬୩୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | –୦.୦୭୩ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | –୦.୧୯୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୨ | ୪ | ୪ | –୦.୯୭୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୧ | ୫ | ୨ | –୧.୧୨୪ |

# ଓଭରରେ ୬ ଛକା ମାରିଲେ ଦୀପେନ୍ଦ୍ର ଐରୀ

**ଅଲ ଆମେରଟ୍,୧୩।୪(ପି.ଟି.):** ବିଶ୍ୱ କ୍ରିକେଟରେ ତୃତୀୟ ଖେଳାଳି ଭାବରେ ଗୋଟିଏ ଓଭରରେ ୬ ଛକା ମାରିଛନ୍ତି ନେପାଳର ଦୀପେନ୍ଦ୍ର ସିଂ ଐରୀ। ଏସିଆନ୍ କ୍ରିକେଟ କାଉନ୍‌ସିଲ(ଏସିସି) ପକ୍ଷରୁ ଆୟୋଜିତ ପ୍ରିମିୟର କପ୍ ଟି୨୦ରେ ଐରୀ କାତାର ବିପକ୍ଷ ମ୍ୟାଚ୍‌ରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଭାରତର ୟୁବରାଜ ସିଂ ଓ ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲ ଏଭଳି ରେକର୍ଡ ନିଜ ନାମରେ ରଖିଛନ୍ତି। ୟୁବରାଜ ୨୦୦୭ ଟି୨୦ ବିଶ୍ୱକପରେ ଷ୍ଟୁଆର୍ଟ ବ୍ରଡଙ୍କୁ ଓ ରସେଲ୍ ୨୦୨୧ରେ ଶ୍ରୀଲଙ୍କାର ଅକିଲା ଧନଞ୍ଜୟଙ୍କୁ ୬ ଛକା ମାରିଥିଲେ। ୨୪ ବର୍ଷୀୟ ଐରୀ ୬ ଛକାର ଇନିଂସ ଅବସରରେ ୨୧ ବଲ୍ ଖେଳି ୬୪ ରନ୍ ସ୍କୋର କରିଥିଲେ। ତେବେ ଅନ୍ତର୍ଜାତୀୟ କ୍ରିକେଟରେ ପଞ୍ଚମ ଥର ଏଭଳି ଘଟଣା ଘଟିଛି। ଦିନିକିଆ କ୍ରିକେଟରେ ଦକ୍ଷିଣ ଆଫ୍ରିକାର ହର୍ଶେଲ ଗିବ୍ସ ଓ ଆମେରିକାର ଜଶକରନ ମଲହୋତ୍ରା ଏଭଳି କାରନାମା କରିଛନ୍ତି। ପୂର୍ବରୁ ହାଙ୍ଗଝୋ ଏସିଆନ୍ ଗେମ୍ସରେ ମଧ୍ୟ ଦୀପେନ୍ଦ୍ର ୬ ବଲରେ ୬ ଛକା ମାରିଥିଲେ। ତେବେ ୨ଟି ଭିନ୍ନ ଓଭରରେ ସେ ଏଭଳି କରିଥିଲେ।



ଦୀପେନ୍ଦ୍ର ସିଂ ଐରୀ।






# କବିର ହଂସଙ୍କୁ ଡବଲ୍ସ ଟାଇଟଲ



ପୁରସ୍କାର ଗ୍ରହଣ ଅବସରରେ କବିର ହଂସ।

**ଏଆଇଟିଏ ପୁରୁଷ ଟେନିସ**

**ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ)**

ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ(ଏଆଇଟିଏ) ଓ ତେଲଙ୍ଗାନା ରାଜ୍ୟ ଟେନିସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ସର୍ବଭାରତୀୟ ପୁରୁଷ ଟେନିସ ଟୁର୍ନାମେଣ୍ଟ ହାଇଦ୍ରାବାଦର ଫିଲ୍ମନଗର କଲ୍‌ଚରାଲ ସେଣ୍ଟର ଆଣ୍ଡ ଜୁବିଲି ହିଲ୍ସ ଇଣ୍ଟରନ୍ୟାଶନାଲ କ୍ଲବ ପରିସରରେ ଗତ ୮ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହାର ଡବଲ୍ସ ଇଭେଣ୍ଟରେ ଓଡ଼ିଶାର କବିର ହଂସ ଓ ଗୁଜରାଟର ଦେବ ଜାଭିଆ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଏହି ଓଡ଼ିଶା-ଗୁଜରାଟ ଯୋଡ଼ି ହରିୟାଣାର ରକି ଚୌଧାରୀ ଓ ଉତ୍ତର ପ୍ରଦେଶର ମନ୍ କେଶ୍ୱରୱାନିଙ୍କୁ ୭–୫, ୬–୨ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। କବିର ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ବିବିଏ ଅଧ୍ୟୟନ କରୁଛନ୍ତି। କବିରଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ମହିଳା ଟେନିସ୍ ତାରକା ସାନିଆ ମିର୍ଜା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତର ହ୍ୱାଇଟ୍ ୱାଶ

**ହକି ଟେଷ୍ଟ ସିରିଜ**

**ଅନ୍ତିମ ମ୍ୟାଚ୍ ୨-୩ରେ ହାରିଲା**

**ପର୍ଥ,୧୩।୪(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ହକି ଟେଷ୍ଟ ସିରିଜ୍‌ରେ ଭାରତ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିଛି। ଅନ୍ତିମ ହକି ଟେଷ୍ଟ ମ୍ୟାଚ୍‌କୁ ୨–୩ରେ ହାରିବା ସହିତ ଭାରତୀୟ ଦଳ ୫–୦ରେ ହ୍ୱାଇଟ୍ ୱାଶ କରିଛି। ସିରିଜର ପ୍ରଥମ ୪ ମ୍ୟାଚ୍‌ରେ ଭାରତୀୟ ଦଳ ଯଥାକ୍ରମେ ୧–୫, ୨–୪, ୧–୨ ଓ ୧–୩ରେ ହାରିଯାଇଥିଲା। ଶନିବାର ଭାରତ ପକ୍ଷରୁ ହରମନ୍‌ପ୍ରୀତ୍ ସିଂ(୪) ଓ ବବି ସିଂ ଧାମି(୫୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ପକ୍ଷରୁ ଜେରେମି ହେୱାର୍ଡ(୨୦), କାଇ ୱିଲଟ(୩୮) ଓ ଟିମ୍ ବ୍ରାଣ୍ଡ(୩୯) ମିନିଟରେ ସ୍କୋର କରିଥିଲେ।

ଅନ୍ତିମ ମ୍ୟାଚରେ ଭାରତୀୟ ଦଳ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ଚତୁର୍ଥ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ଏହାକୁ ଗୋଲରେ ପରିଣତ କରିଥିଲେ ହରମନପ୍ରୀତ୍ ସିଂ। ପ୍ରଥମ କ୍ୱାର୍ଟରରେ ଭାରତ ୧–୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ ଜେରେମି ହେୱାର୍ଡ। ଏକ ସେଟ୍ ପିସ୍‌ରୁ ଫିଲ୍ଡ ଗୋଲ ଦେବା ସହ ଚଳିତ ସିରିଜ୍‌ରେ ସେ ସପ୍ତମ ଗୋଲ ଦେଇଥିଲେ । ଭାରତୀୟ ଗୋଲକିପର ସୁରଜ କାର୍କେରା ଦୁଇଟି ଚମତ୍କାର ସେଭ୍ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ମ୍ୟାଚ୍ ୧–୧ ସ୍ଥିତିରେ ରହିଥିଲା। ତେବେ ତୃତୀୟ କ୍ୱାର୍ଟରରେ ହିଁ ଅଷ୍ଟ୍ରେଲିଆ ଦୁଇଟି ଗୋଲ ସ୍କୋର କରିଥିଲା।

# ରାଧିକା ୬୮କେଜି ଫାଇନାଲରେ

**ଏସିଆନ ବକ୍ସିଂ ଚାମ୍ପିୟନଶିପ୍**

**ବିଶ୍‌କେକ୍ (କିର୍‌ଗିଜ୍‌ସ୍ତାନ), ୧୩।୪(ପି.ଟି.)**

ଭାରତର ଏକମାତ୍ର ମହିଳା ବକ୍ସର ରାଧିକା ଏଠାରେ ଚାଲିଥିବା ସିନିୟର ଏସିଆନ ବକ୍ସିଂ ଚାମ୍ପିୟନଶିପ୍ ୬୮କେଜି ଶ୍ରେଣୀର ଫାଇନାଲରେ ପ୍ରବେଶ କରି ପଦକ ପକ୍କା କରିଛନ୍ତି। ସେ ଗତବର୍ଷ ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ଏଠାରେ ସେ ନିଜ କାଟେଗୋରିରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। କାଜାଖସ୍ତାନର ଅଲବିନା କାଇରଗେଲ୍ଡିନୋଭାଙ୍କ ବିପକ୍ଷ ପ୍ରଥମ ବାଉଟକୁ ସେ ଟେକ୍‌ନିକାଲ ସୁପରିଅରିଟି ଭିତ୍ତିରେ ଜିତିଥିବା ବେଳେ ପରେ କିର୍‌ଗିଜ୍‌ସ୍ତାନର ଗୁଲ୍‌ନୁରା ତାସ୍ତାନବେକୋଭାଙ୍କୁ ହରାଇ ଦେଇଥିଲେ। ବର୍ତ୍ତମାନ ସ୍ୱର୍ଣ୍ଣପଦକ ବାଉଟ୍‌ରେ ସେ ଜାପାନର ମୋନୋକା ଓଜ୍‌କାଇଙ୍କ ସହ ମୁକାବିଲା କରିବେ। ଶିବାନୀ ପାୱାର (୫୦କେଜି) ତାଙ୍କ କ୍ୱାର୍ଟରଫାଇନାଲ ବାଉଟ୍ ଜିକି ଫେଙ୍ଗଙ୍କଠାରୁ ହାରିଯାଇଥିଲେ। ମାତ୍ର ଚାଇନିଜ୍ ଖେଳାଳି ଜଣକ ଫାଇନାଲରେ ପ୍ରବେଶ କରିବା ଦ୍ୱାରା ଶିବାନୀ ବ୍ରୋଞ୍ଜ ପଦକ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୫୫ କେଜି ଶ୍ରେଣୀରେ ତମନ୍ନା କ୍ୱାଲିଫିକେଶନ ରାଉଣ୍ଡରେ ୦–୯ ବ୍ୟବଧାନରେ ମୋଇ କିୟୁକାଙ୍କଠାରୁ ହାରିଯାଇଥିଲେ। କିନ୍ତୁ ଜାପାନିଜ୍ ଖେଳାଳି ଫାଇନାଲରେ ପ୍ରବେଶ କରିବା ଦ୍ୱାରା ଭାରତୀୟ ଖେଳାଳି ପଦକ ଦୌଡ଼କୁ ଫେରିଛନ୍ତି। ପୁଷ୍ପା ଯାଦବ (୫୯କେଜି) ଓ ପ୍ରିୟା (୭୬କେଜି) ପୋଡିୟମ ଫିନିଶର କରିବା ସମ୍ଭାବନା ଦେଖାଦେଇଛି।








| | Cash benefits up to* | Exchange | Pride of India / Corporate | Total benefits up to* |
|---|---|---|---|---|
| Grand i10 NIOS | ₹35 000 | ₹10 000 | ₹3 000 | ₹48 000 |
| AURA | ₹20 000 | ₹10 000 | ₹3 000 | ₹33 000 |
| VENUE | ₹25 000 | ₹10 000 | - | ₹35 000 |
| i20 | ₹25 000 | ₹10 000 | - | ₹35 000 |


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ